ଈଶ୍ୱରଙ୍କ ବାକ୍ୟ ବାଇବଲର କଞ୍ଚିସମୂହ

# ଜୀବନର ପ୍ରବେଶ ଦ୍ୱାର



*ଆତ୍ମା ଓ ଜୀବନର ବାକ୍ୟସମୂହ*

ଶୀର୍ଷକ ପରିଶିଷ୍ଟ
ଏଥିରେ ସଂଲଗ୍ନ ରହିଛି

ଈଶ୍ୱରଙ୍କ ବାକ୍ୟ ବାଇବଲର ଖଣ୍ଡସମୂହ

# ଜୀବନର
# ପ୍ରବେଶ ଦ୍ୱାର

ଈଶ୍ୱରଙ୍କ ବାକ୍ୟ ବାଇବଲର କଞ୍ଚିସମୂହ

# ଜୀବନର

# ପ୍ରବେଶ ଦ୍ୱାର

MediaServe

**THE GATE TO LIFE**
This edition in Oriya first published, 2011

Copyright © 2011 Victura & FL Media
All rights reserved

Published by MediaServe
www.mediaserve.org

ISBN 978-1-906389-17-8

Original English edition, copyright
© 2000 Victura & FL Media. All rights reserved

Printed in India, 2013

***The Gate to Life*** is also available
on the Internet at www.biblekeys.org

**Acknowledgments**
Scripture quotations are from Oriya Living New
Testament, copyright © 1978 Biblica, Inc., and
Oriya New India Bible Version, copyright © 1998 Biblica, Inc.
All rights reserved

# ଜୀବନର ପ୍ରବେଶ ଦ୍ୱାର ପାଠ୍ୟକ୍ରମକୁ ସ୍ୱାଗତ !

ଆପଣ ଏହି ପ୍ରଥମ ପାଠ ଆରମ୍ଭ କରିବା ପୂର୍ବରୁ, ଦୟାକରି ଏହି ସଂକ୍ଷିପ୍ତ ଭୂମିକାଟି ପଢ଼ି ନିଅନ୍ତୁ । ଏହା *ଜୀବନର ପ୍ରବେଶ ଦ୍ୱାର* ପୁସ୍ତକର ଉଦ୍ଦେଶ୍ୟ ବର୍ଣ୍ଣନା କରେ ଏବଂ ଏହି ପାଠଗୁଡ଼ିକୁ ଆପଣ କିପରି ବ୍ୟବହାର କରିବେ, ତାହା ଦର୍ଶାଇ ଦିଏ ।

## 'ଜୀବନର ପ୍ରବେଶ ଦ୍ୱାର' କ'ଣ ଅଟେ ?

ବାଇବଲର ମୂଳ ଶିକ୍ଷା ସମ୍ବଳିତ ଏହି 'ଜୀବନର ପ୍ରବେଶ ଦ୍ୱାର' ପୁସ୍ତକ କେତୋଟି ପାଠର ସମାହାର ଅଟେ । ଆପଣଙ୍କ ଜୀବନ ଗଠନ ନିମନ୍ତେ ପ୍ରତିଟି ପାଠ ଦୃଢ଼ ଭିତ୍ତିମୂଳ ପ୍ରଦାନ କରେ । ଆପଣ କିପରି ବାଇବଲ ବ୍ୟବହାର କରିବେ ଓ ଆପଣଙ୍କ ନିମନ୍ତେ ଈଶ୍ୱର ଯାହାସବୁ ରଖିଛନ୍ତି, ତାହା ପାଇପାରିବେ, ଏହି 'ଜୀବନର ପ୍ରବେଶ ଦ୍ୱାର' ଆପଣଙ୍କୁ ତାହା ଶିକ୍ଷା ଦେବ ।

## 'ଜୀବନର ପ୍ରବେଶ ଦ୍ୱାର'କୁ କିପରି ବ୍ୟବହାର କରିବେ

- ଆପଣଙ୍କ ବାଇବଲରୁ ଏହି ପଦଗୁଡ଼ିକ ସର୍ବଦା ଦେଖନ୍ତୁ ।
- ଆପଣଙ୍କ ବାଇବଲରୁ ଏହି ପଦଗୁଡ଼ିକ ଚିହ୍ନିତ କରନ୍ତୁ ।
- ଆପଣ ଏଥିରୁ ଯାହା ଜାଣିଲେ ଓ ଆପଣଙ୍କ ମନର ପ୍ରଶ୍ନ ଏବଂ ଉତ୍ତରଗୁଡ଼ିକ ଏକ ଖାତାରେ ଲେଖି ରଖନ୍ତୁ ।
- କେତେକ ପଦ, ଅନ୍ତତଃ ପକ୍ଷେ ପ୍ରତି ପାଠ ଶେଷରେ ପ୍ରଦତ୍ତ ପଦଗୁଡ଼ିକ ମୁଖସ୍ଥ କରି ନିଅନ୍ତୁ ।

## ବିଭାଗଗୁଡ଼ିକ ଓ ସେଗୁଡ଼ିକର ସାଙ୍କେତିକ ଚିହ୍ନସମୂହ



### ବାଇବଲ ଶିକ୍ଷା

'ବାଇବଲ ଶିକ୍ଷା' ନିମନ୍ତେ ଏହି ଚିହ୍ନ ବ୍ୟବହୃତ ହେବ–ଏହା ହେଉଛି ପ୍ରତି ପାଠର ପ୍ରାରମ୍ଭିକ ବିଭାଗ । ଏହା ଆମେ ଅଧ୍ୟୟନ କରୁଥିବା ପ୍ରସଙ୍ଗ ଶିକ୍ଷା ଦିଏ ।



### ବାଇବଲ ଅନ୍ୱେଷଣ: ସ୍ୱଂୟ ଅଧ୍ୟୟନ


ଏହି ବିଭାଗରେ ଆପଣଙ୍କ ନିମନ୍ତେ କାର୍ଯ୍ୟ ରହିଥିବ । ଏହା ଦ୍ୱାରା ବାଇବଲ ଆପଣଙ୍କୁ କ'ଣ କହେ, ତାହା ଆପଣ ଜାଣି ପାରିବେ ଓ ଆପଣଙ୍କ ଜୀବନରେ ତାହା ପ୍ରୟୋଗ କରିପାରିବେ ।

## ବିଭାଗଗୁଡ଼ିକ ଓ ସେଗୁଡ଼ିକର ସାଙ୍କେତିକ ଚିହ୍ନସମୂହ *(କ୍ରମଶଃ)*



### କାର୍ଯ୍ୟ ସମୟ: ବାକ୍ୟ ଅନୁଯାୟୀ କାର୍ଯ୍ୟ !

କାର୍ଯ୍ୟ ବିନା ବିଶ୍ୱାସ ମୃତ । ଏଣୁ ପ୍ରତ୍ୟେକ ପାଠ ପରେ, ଆପଣଙ୍କୁ କିଛି କରିବାକୁ ଆମେ ଉତ୍ସାହ ଦେଉ । ଆପଣ ଯାହା ଶିକ୍ଷା କଲେ, ତା' ଉପରେ ଆପଣ ଯେତେବେଳେ କାର୍ଯ୍ୟ କରନ୍ତି, ସେତେବେଳେ ଈଶ୍ୱରଙ୍କ ଆଶୀର୍ବାଦ ଆପଣଙ୍କ ନିମନ୍ତେ ବାସ୍ତବତାରେ ପରିଣତ ହୁଏ ।



### ମୁଖସ୍ଥ ସମୟ: ବାଇବଲ ପଦଗୁଡ଼ିକୁ ମୁଖସ୍ଥ କରନ୍ତୁ

ପ୍ରତ୍ୟେକ ପାଠରେ, ଆପଣଙ୍କ ମୁଖସ୍ଥ ନିମନ୍ତେ ଗୋଟିଏ ବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ବାଇବଲ ପଦ ଆମେ ମନୋନୀତ କରିଛୁ । ଆପଣ ଏହାକୁ ଉଚ୍ଚ ସ୍ୱରରେ ଥରକୁ ଥର ପଢ଼ିଲେ, ଶୀଘ୍ର ମନେ ରଖିପାରିବେ । ଏଗୁଡ଼ିକୁ ନିୟମିତ ଧ୍ୟାନ କରନ୍ତୁ ଓ ଆପଣଙ୍କ ଜୀବନର ଏକ ଅଂଶ କରି ଦିଅନ୍ତୁ ।



### ପ୍ରଶଂସା ସମୟ

ଏହି ବିଭାଗରେ, ଆମେ ଆପଣଙ୍କୁ ଈଶ୍ୱରଙ୍କ ପ୍ରଶଂସା ଓ ଉପାସନା କରିବାକୁ ଉତ୍ସାହ ଦେଉ । ଈଶ୍ୱର କେତେ ଆଶ୍ଚର୍ଯ୍ୟ, ଏହା ତାହାଙ୍କୁ କୁହନ୍ତୁ, କିମ୍ବା ତାଙ୍କ ନାମର ପ୍ରଶଂସା ଗାନ କରନ୍ତୁ !

***"ଜୀବନର ପ୍ରବେଶ ଦ୍ୱାର"କୁ ଆପଣଙ୍କୁ ସ୍ୱାଗତ, ଏବଂ ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !***

## ବାଇବଲର ପୁସ୍ତକଗୁଡ଼ିକର ସଂକ୍ଷିପ୍ତ ଶବ୍ଦମାନ

| ପୁରାତନ ନିୟମ | | | | ନୂତନ ନିୟମ | |
|---|---|---|---|---|---|
| *ଆଦି ପୁସ୍ତକ* | *ଆଦି* | *ଯିଶାଇୟ* | *ଯିଶା* | *ମାଥିଉ* | *ମାଥି* |
| *ଯାତ୍ରା ପୁସ୍ତକ* | *ଯାତ୍ରା* | *ଯିରିମିୟ* | *ଯିରି* | *ରୋମୀୟ* | *ରୋମୀ* |
| *ଲେବୀୟ* | *ଲେବୀ* | *ବିଳାପ* | *ବିଳାପ* | *୧କରିନ୍ଥୀ* | *୧କରି* |
| *ଗଣନା* | *ଗଣ* | *ଯିହିଜିକଲ* | *ଯିହି* | *୨କରିନ୍ଥୀ* | *୨କରି* |
| *୨ୟବିବରଣୀ* | *ଦ୍ୱି.ବିବ* | *ଦାନିଏଲ* | *ଦାନି* | *ଗାଲାତୀୟ* | *ଗାଲା* |
| *ଯିହୋଶୂୟ* | *ଯିହୋ* | *ହୋଶେୟ* | *ହୋଶେୟ* | *ଏଫିସୀୟ* | *ଏଫି* |
| *ବିଚାରକର୍ତ୍ତା* | *ବିଚା* | *ଓବଦିୟ* | *ଓବ* | *ଫିଲିପ୍ପୀୟ* | *ଫିଲିପ୍ପୀ* |
| *୧ଶାମୁଏଲ* | *୧ଶାମୁ* | *ଯୂନସ* | *ଯୂନସ* | *କଲସୀୟ* | *କଲ* |
| *୨ଶାମୁଏଲ* | *୨ଶାମୁ* | *ମୀଖା* | *ମୀଖା* | *୧ଥେସଲନୀକୀ* | *୧ଥେସ* |
| *୧ବଂଶାବଳୀ* | *୧ବଂଶା* | *ନାହୂମ* | *ନାହୂମ* | *୨ଥେସଲନୀକୀ* | *୨ଥେସ* |
| *୨ବଂଶାବଳୀ* | *୨ବଂଶା* | *ହବକ୍କୂକ* | *ହବକ୍* | *୧ତୀମଥି* | *୧ତୀମ* |
| *ନିହିମିୟା* | *ନିହି* | *ସିଫନିୟ* | *ସିଫ* | *୨ତୀମଥି* | *୨ତୀମ* |
| *ଏଷ୍ଟର* | *ଏଷ୍ଟର* | *ହାଗୟ* | *ହାଗୟ* | *ତୀତସ* | *ତୀତ* |
| *ଗୀତସଂହିତା* | *ଗୀତ* | *ଯିଖରିୟ* | *ଯିଖ* | *ଫିଲିମୋନ* | *ଫିଲି* |
| *ହିତୋପଦେଶ* | *ହିତୋ* | *ମଲାଖି* | *ମଲାଖି* | *ଏବ୍ରୀ* | *ଏବ୍ରୀ* |
| *ଉପଦେଶକ* | *ଉପ* | | | *ଯାକୁବ* | *ଯାକୁ* |
| *ପରମଗୀତ* | *ପ.ଗୀତ* | | | *ପ୍ରକାଶିତବାକ୍ୟ* | *ପ୍ରକା* |

## ସୂଚୀପତ୍ର


ପାଠ–ଏକ

ଈଶ୍ୱର ଜଣେ ଚମତ୍କାର ପିତା ........ ୯

ପାଠ–ଦୁଇ

ଯୀଶୁ ଜଣେ ଚମତ୍କାର ଉଦ୍ଧାରକର୍ତ୍ତା ........ ୧୭

ପାଠ–ତିନି

ଆପଣ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇପାରିବେ ! ........ ୨୯

ପାଠ–ଚାରି

ଈଶ୍ୱରଙ୍କ ବାକ୍ୟ ସତ୍ୟ–ଏହା ଆପଣଙ୍କୁ ମୁକ୍ତ କରିବ ! ........ ୪୧

ପାଠ–ପାଞ୍ଚ

ଆପଣଙ୍କ ନୂତନ ଜୀବନ ! ........ ୪୯

# ଈଶ୍ୱର ଜଣେ ଚମତ୍କାର ପିତା ।

**ଏହି ପାଠ ବିଷୟରେ ପଦେ :**

'ଜୀବନର ପ୍ରବେଶ ଦ୍ୱାର' ପୁସ୍ତକର ଏହି ପ୍ରଥମ ଶିକ୍ଷାକୁ ସ୍ୱାଗତ । ଆଜି ଆପଣ ଈଶ୍ୱରଙ୍କ ବିଷୟରେ ବାଇବଲର ମୌଳିକ ସତ୍ୟ ସବୁ ଶିକ୍ଷା କରିବେ । ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସମସ୍ତ ଉତ୍ତର ବାଇବଲରେ ଅଛି–ତାହା ଈଶ୍ୱରଙ୍କର ବାକ୍ୟ ଓ ତାହା ଆବଶ୍ୟକୀୟ ସମସ୍ତ ସତ୍ୟ ଆପଣଙ୍କ ନିକଟରେ ପ୍ରକାଶ କରେ ।

**ଆଜିର ପ୍ରଶ୍ନଗୁଡ଼ିକ ହେଉଛି:**

- ଈଶ୍ୱର କିଏ ?
- ଈଶ୍ୱର କେଉଁ ପ୍ରକାରର ?
- ଈଶ୍ୱରଙ୍କୁ ମୁଁ କିପରି ଜାଣିପାରିବି ?



## ୧ ଈଶ୍ୱର କିଏ ?

### ଈଶ୍ୱର ହେଉଛନ୍ତି ସୃଷ୍ଟିକର୍ତ୍ତା

*ଆଦି ୧:୧*

ବାଇବଲ କହେ: **"ଆଦ୍ୟରେ ଈଶ୍ୱର ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ ।"**

ଏପରି ଏକ ସମୟ ଥିଲା, ଯେତେବେଳେ ଏହି ଜଗତ ବା ସ୍ୱର୍ଗ କାହାର ଅସ୍ତିତ୍ୱ ନ ଥିଲା । ସେତେବେଳେ ଦିନ କି ରାତି ନ ଥିଲା, ଆଉ କୌଣସି ଜୀବନ୍ତ ପ୍ରାଣୀ ନ ଥିଲେ । ଈଶ୍ୱର ନିଜେ କେବଳ ଜୀବନ୍ତ ଥିଲେ ।

*ଆଦି ୧:୩*

*(ଆଦି ପୁସ୍ତକ ୧ ଅଧ୍ୟାୟ ସମ୍ପୂର୍ଣ୍ଣ ପାଠ କରନ୍ତୁ)*

ମାତ୍ର ଈଶ୍ୱର ମନୁଷ୍ୟ ଓ ନାରୀଙ୍କୁ ସୃଷ୍ଟି କରି ସେମାନଙ୍କର ବସବାସ ନିମନ୍ତେ ଏକ ସୁନ୍ଦର ପୃଥିବୀ ସୃଷ୍ଟି କରିବାକୁ ଇଚ୍ଛା କଲେ । ସେ ଶୂନ୍ୟରୁ ହିଁ ସମସ୍ତ ବିଷୟ ସୃଷ୍ଟି କଲେ । ସେ କେବଳ କହିଲେ: "ଆଲୋକ ହେଉ," ଆଉ ଆଲୋକର ସୃଷ୍ଟି ହେଲା । ସେ ଏହି ପୃଥିବୀ ସୃଷ୍ଟି କରିବା ପରେ, ଆଦମ ଓ ହବାଙ୍କୁ ସୃଷ୍ଟି କରିବାର ସମୟ ଆସିଲା । ସେମାନେ ଏ ପୃଥିବୀର ପ୍ରଥମ ଲୋକ ହେଲେ ।


## ଈଶ୍ୱର କିଏ ? *(କ୍ରମଶଃ)*

### ଈଶ୍ୱର ହେଉଛନ୍ତି ଏକମାତ୍ର ଈଶ୍ୱର

*ଦ୍ୱି: ବିବ ୬:୪* ବାଇବଲର ଈଶ୍ୱର କେବଳ ଏକମାତ୍ର ଈଶ୍ୱର ଅଟନ୍ତି । **"ଆମର ପ୍ରଭୁ ଈଶ୍ୱର ଏକ ଓ ଅଦ୍ୱିତୀୟ ପ୍ରଭୁ ଅଟନ୍ତି ।"** ମାତ୍ର ଲୋକମାନେ ସର୍ବଦା ସେମାନଙ୍କର ନିଜର ଦେବଦେବୀ ଓ ପ୍ରତିମାସବୁ ନିର୍ମାଣ କରିଛନ୍ତି । ଏମାନେ କେହି ମଧ୍ୟ ଈଶ୍ୱରଙ୍କ ସଦୃଶ ନୁହଁନ୍ତି ।
*ଗୀତ.୧୧୫:୨-୮* ଈଶ୍ୱର କଥା କହିପାରନ୍ତି, ସେମାନେ ମୂକ ଅଟନ୍ତି । ଈଶ୍ୱର ଦେଖିପାରନ୍ତି, ସେମାନେ
*୧କରି. ୧୨:୨* ଅନ୍ଧ ଅଟନ୍ତି । ସେ ଆପଣଙ୍କୁ ସାହାଯ୍ୟ କରନ୍ତି, ସେମାନେ କରିପାରନ୍ତି ନାହିଁ ।

ଆପଣ ହୁଏତ କାଠ, ମାଟି, କିମ୍ବା ଧାତୁ ନିର୍ମିତ ପ୍ରତିମା ସବୁରେ ବିଶ୍ୱାସ କରନ୍ତି ନାହିଁ । ମାତ୍ର ଏହି ଦେବଦେବୀସବୁ କ'ଣ ଅଟନ୍ତି ? ଏହା ହେଉଛି, ଆପଣ *ଯେଉଁଥିରେ* ନିଜର ବିଶ୍ୱାସ ସ୍ଥାପନ କରନ୍ତି: ଆପଣଙ୍କର ଟଙ୍କା ପଇସା, ଆପଣଙ୍କର ସାମାଜିକ ପ୍ରତିଷ୍ଠା, ଆପଣଙ୍କର ପରମ୍ପରା, ଆପଣଙ୍କର ସ୍ୱାର୍ଥ । ଏ ସମସ୍ତ ହେଉଛନ୍ତି ଦେବଦେବୀ ଓ ଏମାନଙ୍କୁ ଆମେ ନିଜେ ସୃଷ୍ଟି କରୁ । ମାତ୍ର ପ୍ରତିମାଗୁଡ଼ିକ କିମ୍ବା ଅନ୍ୟାନ୍ୟ 'ଦେବଦେବୀ' ପରି ଈଶ୍ୱର ଲୋକମାନଙ୍କ ଦ୍ୱାରା ସୃଷ୍ଟି ହୋଇ ନାହାନ୍ତି । ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ ଏବଂ ସେ ଆମର ସୃଷ୍ଟିକର୍ତ୍ତା ଓ ଏକମାତ୍ର ଈଶ୍ୱର ଅଟନ୍ତି ।




*ଏକ ପ୍ରତିମା ଆପଣଙ୍କୁ କିଛି ଦେଇପାରିବ ନାହିଁ । ମାତ୍ର ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଓ ତାଙ୍କର ସର୍ବୋତ୍ତମ ବିଷୟ ଆପଣଙ୍କୁ ପ୍ରଦାନ କରନ୍ତି !*

### ଈଶ୍ୱର ଜଣେ ପିତା ଅଟନ୍ତି

*ଲୂକ ୩:୩୮* ଈଶ୍ୱର ଆଶ୍ଚର୍ଯ୍ୟରେ ପୂର୍ଣ୍ଣ ପ୍ରେମମୟ ପିତା ଅଟନ୍ତି । ବାଇବଲ କହେ ଯେ, ଆଦମ "ଈଶ୍ୱରଙ୍କ ପୁତ୍ର" ଥିଲେ । ଏଣୁ ଆଦମଙ୍କର ବଂଶଧର ଯେ ଆମେ, ଆମ ସହିତ ଈଶ୍ୱରଙ୍କ ସମ୍ପର୍କ, ଜଣେ ପିତାର ସମ୍ପର୍କ ପରି ଅଟେ ।

ଜଣେ ପିତା ଯାହା କରନ୍ତି, ସେ ତାହା କରନ୍ତି:

*ଗୀତ ୧୩୯:୧୩-୧୬*
- ସେ ଆପଣଙ୍କର ଉତ୍ପତ୍ତିର ମୂଳ ଉତ୍ସ ଅଟନ୍ତି–ଯଦିଓ ଶାରୀରିକ ରୂପେ ନୁହେଁ–ଆଉ ସେ ଆପଣଙ୍କୁ ଅନ୍ୟ କାହା ସଦୃଶ ନ ହୋଇ ଆପଣଙ୍କୁ ଆପଣଙ୍କ ସଦୃଶ ହୋଇ ଜନ୍ମ ନେବାକୁ ଯୋଜନା କଲେ ।

ମାଥିଉ ୬:୨୫-୩୩ • ସେ ଆପଣଙ୍କର ଯତ୍ନ ନିଅନ୍ତି, ଆପଣ ଖାଦ୍ୟ ଓ ବସ୍ତ୍ର ପାଆନ୍ତୁ ଓ ନିରାପଦରେ ରୁହନ୍ତୁ, ଏହା ସେ ଇଚ୍ଛା କରନ୍ତି ।

ମାଥି ୬:୨୬
ଗୀତ ୮:୩-୮ • ଆପଣ ତାଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ! ସେ ଆପଣଙ୍କୁ ଅନ୍ୟ ସମସ୍ତ ଜୀବିତ ପ୍ରାଣୀମାନଙ୍କଠାରୁ ଅଧିକ ମୂଲ୍ୟବାନ ବୋଲି ବିବେଚନା କରନ୍ତି, ଆଉ ତାଙ୍କର ସୃଷ୍ଟି ଉପରେ କର୍ତ୍ତୃତ୍ୱ କରିବାର ଅଧିକାର ଓ ସମ୍ମାନ ଆପଣଙ୍କୁ ପ୍ରଦାନ କରିଛନ୍ତି ।

• ସେ ଆପଣଙ୍କୁ ପ୍ରେମ କରନ୍ତି ଏବଂ ଆପଣ ଖୁସି ଥିଲେ ସେ ଖୁସି ହୁଅନ୍ତି ।

• ସେ ପ୍ରତିଦିନ ଆପଣଙ୍କ ସହିତ ସହଭାଗିତାରେ ରହିବାକୁ ବ୍ୟାକୁଳ ହୁଅନ୍ତି ।



## ୨ ଈଶ୍ୱର କେଉଁ ପ୍ରକାରର ?

ଈଶ୍ୱରଙ୍କ ବିଷୟରେ ଅନେକ କଥା ବାଇବଲରେ ଲେଖାଅଛି । ତାଙ୍କ ବିଷୟରେ ଅଧିକ ଜାଣିବା ନିମନ୍ତେ ସର୍ବୋତ୍ତମ ଉପାୟ ହେଉଛି, ବାଇବଲ ପାଠ କରିବା । ଆଜି ଆପଣ ତାଙ୍କ ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଶିକ୍ଷା କରିବେ ।


### ଈଶ୍ୱର ଉତ୍ତମ ଅଟନ୍ତି

୧ ଯୋହନ ୪:୮ ଈଶ୍ୱର ଉତ୍ତମ ଅଟନ୍ତି । ସେ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି । ବାଇବଲ ଆମକୁ କହେ ଯେ, ସେ ହେଉଛନ୍ତି ପ୍ରେମ ! ସେ ଆପଣଙ୍କ ବିଷୟ ଜାଣିଲେ, ସେ ଆପଣଙ୍କୁ ପ୍ରେମ କଲେ ଓ ଆପଣଙ୍କର ଜନ୍ମ ପୂର୍ବରୁ ଆପଣଙ୍କ ନିମନ୍ତେ ଯୋଜନାମାନ ପ୍ରସ୍ତୁତ କରି ରଖିଥିଲେ । ଏଣୁ ଆପଣ ତାଙ୍କ ଉପରେ ଭରସା ରଖିପାରନ୍ତି । ଆପଣ କୌଣସି ବିଷୟରେ ଚିନ୍ତା କରିବା ପୂର୍ବରୁ, ଆପଣ କ'ଣ ଚିନ୍ତା କରିବେ, ତାହା ସେ ଜାଣନ୍ତି । ବାଇବଲରେ ଏହିପରି ଅନେକ ଲୋକଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ ଈଶ୍ୱରଙ୍କର ଉତ୍ତମତା ନିମନ୍ତେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି :

ଗୀତ ୧୩୬:୧ **"ପ୍ରଭୁଙ୍କର ଧନ୍ୟବାଦ କର, କାରଣ ସେ ମଙ୍ଗଳମୟ । ତାହାଙ୍କର ପ୍ରେମ ଓ ଦୟା ଚିରସ୍ଥାୟୀ ।"** ଏହିପରି ଅନେକ ପ୍ରଶଂସା ଗୀତରେ ଏହି ଗୀତସଂହିତା ପୁସ୍ତକ ପରିପୂର୍ଣ୍ଣ !

### ଈଶ୍ୱର ମହାନ୍ ଅଟନ୍ତି

ଈଶ୍ୱର ଆମ କଳ୍ପନା ଅପେକ୍ଷା ଅଧିକ ମହାନ୍ । ଭାବବାଦୀ ଯିଶାଇୟ କହନ୍ତି:
ଯିଶା ୪୦:୧୦-୧୫ **"କିଏ ଆପଣା ଅଞ୍ଜୁଳାରେ ଜଳ ରାଶିର ପରିମାଣ ସ୍ଥିର କରିଛି, ଅବା ଚାଖଣ୍ଡରେ ଗଗନମଣ୍ଡଳକୁ ମାପିଛି ? ଦେଖ, ଜାତିବର୍ଗ କଳସରେ ବିନ୍ଦୁଟିଏ ଜଳ ପରି ।"** ଏହାର ଅର୍ଥ ହେଉଛି, ଆପଣ ଯଦି ଈଶ୍ୱରଙ୍କର ଜଣେ ବନ୍ଧୁ, ଈଶ୍ୱରଙ୍କର ଜଣେ ସନ୍ତାନ, ତେବେ ଆପଣଙ୍କର ଜଣେ ଅତି ଶକ୍ତିଶାଳୀ ପିତା ଓ ବନ୍ଧୁ ଅଛନ୍ତି ।
ଗୀତ ୪୬:୧ ସେ ଆପଣଙ୍କର ଆଶ୍ରୟ ଓ ବଳ,
ଲୂକ ୧୦:୧୯ ଆଉ ସେ ସର୍ବଦା ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ।



## ଈଶ୍ୱର କେଉଁ ପ୍ରକାରର ? *(କ୍ରମଶଃ)*

### ଈଶ୍ୱର ପବିତ୍ର ଓ ଧାର୍ମିକ ଅଟନ୍ତି

ଈଶ୍ୱର ଏକାଧାରରେ ପବିତ୍ର ଓ ଧାର୍ମିକ ଅଟନ୍ତି । ଏହାର ଅର୍ଥ, ସେ ଭୁଲ ଓ ପାପପୂର୍ଣ୍ଣ ପ୍ରତ୍ୟେକ ବିଷୟକୁ ଘୃଣା କରନ୍ତି । ସେ ଏହି ପୃଥିବୀକୁ ସୃଷ୍ଟି କଲେ, ଆଉ ସେ ଜାଣନ୍ତି ଆମେ ପ୍ରକୃତି ଓ ପରସ୍ପର ସହିତ କିପରି ସନ୍ତୁଳନ ରକ୍ଷା କରି ଜୀବନ-ଯାପନ କରିବାକୁ ସକ୍ଷମ ହେବୁ । ଏହି ଜଗତ ଓ ଅନ୍ୟ ଲୋକମାନଙ୍କର ବିନାଶ ସାଧନ କରିବା ନିମନ୍ତେ ଆମର କୌଣସି ଅଧିକାର ନାହିଁ । ଏଣୁ ଏହି ଜଗତ ଓ ମାନବ ଜୀବନର ସୁରକ୍ଷା କରିବାକୁ ଓ ଆମକୁ ମନ୍ଦରୁ ରକ୍ଷା କରିବାକୁ ଈଶ୍ୱର ଆମକୁ ନିୟମ ପ୍ରଦାନ କରିଛନ୍ତି ।

*ଦ୍ୱି.ବିବ. ୪:୨୪* ବାଇବଲ କହେ, ଈଶ୍ୱର ଏକ ଅଗ୍ନି ଅଟନ୍ତି: **"ତୁମର ପ୍ରଭୁ ଈଶ୍ୱର ସର୍ବଗ୍ରାସୀ ଅଗ୍ନି ତୁଲ୍ୟ ।"** କେହି ତାଙ୍କୁ ସାକ୍ଷାତ କରି ବଞ୍ଚି ରହି ନ ପାରେ, କାରଣ ସମସ୍ତ ଲୋକ ପାପରେ ପୂର୍ଣ୍ଣ । ଏହାର ଅର୍ଥ କ'ଣ ? କାହାର ବଞ୍ଚିବାର ସୁଯୋଗ ଅଛି କି ? ହଁ ! ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ଆମ ଜୀବନର ସମସ୍ତ ମନ୍ଦତା ସତ୍ତ୍ୱେ ଈଶ୍ୱରଙ୍କ ସହଭାଗିତାରେ ଜୀବନ କାଟିବାକୁ ଆମ ନିମନ୍ତେ ଏକ ମାର୍ଗ ସେ ସୃଷ୍ଟି କରିଛନ୍ତି । (ପରବର୍ତ୍ତୀ ପାଠରେ ଏହା ବୁଝାଇ ଦିଆଯିବ) ।

## ୩ ଈଶ୍ୱରଙ୍କୁ ମୁଁ କିପରି ଜାଣିପାରିବି ?

### • ବାଇବଲ ଦ୍ୱାରା

ବାଇବଲ ହେଉଛି, ଈଶ୍ୱରଙ୍କ ବିଷୟରେ ଆମର ଜ୍ଞାନ ଲାଭ ନିମନ୍ତେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଉତ୍ସ । ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ ଏବଂ ତାଙ୍କ ବିଷୟରେ ଆମର
*ଗୀତ ୧୧୯:୧୩୦* ଯାହା ଜାଣିବା ଆବଶ୍ୟକ, ସେ ସବୁ ଆମକୁ ଏହା କହେ । ଈଶ୍ୱରଙ୍କ ବାକ୍ୟ ଶିକ୍ଷା କଲାବେଳେ ଏହା ଆମକୁ ଆଲୋକ ପ୍ରଦାନ କରେ । ଏଣୁ ଏସମସ୍ତ ପାଠ ବାଇବଲ ଉପରେ ଆଧାରିତ । ବାଇବଲ ଆମକୁ ସତ୍ୟ ପ୍ରକାଶ କରେ ଏବଂ ଆମେ ଏହା ଉପରେ ଭରସା ରଖିପାରିବା ।

### • ପବିତ୍ର ଆତ୍ମାଙ୍କ ଦ୍ୱାରା

ପବିତ୍ର ଆତ୍ମା ହେଉଛନ୍ତି ଈଶ୍ୱର । ଏହି ପାଠକ୍ରମ ଅଧ୍ୟୟନ ଆରମ୍ଭ କରିବା ନିମନ୍ତେ ସେ ହିଁ ଆପଣଙ୍କୁ ପରିଚାଳନା ଦେଲେ । ଆପଣ ଏହାକୁ ପାଠ କରିବା ସମୟରେ, ସେ ବାଇବଲକୁ ଖୋଲନ୍ତି ଓ ଏହା ଉପରେ ଆଲୋକପାତ କରନ୍ତି । "ସେହି ସତ୍ୟମୟ
*ଯୋହନ ୧୬:୧୩* ଆତ୍ମା ତୁମକୁ ସମସ୍ତ ସତ୍ୟ ପ୍ରତି କଢ଼ାଇ ନେବେ ।" ଆଜିଠାରୁ ଆପଣ ନିମ୍ନ ପ୍ରକାରେ ପ୍ରାର୍ଥନା କରିପାରିବେ:

***ପବିତ୍ର ଆତ୍ମା, ମୋ' ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଖୋଲି ଦିଅ, ଯେପରି ମୁଁ ଏହାକୁ ବୁଝିପାରିବି ଓ ବିଶ୍ୱାସରେ ବୃଦ୍ଧି ପାଇପାରିବି । ଯୀଶୁଙ୍କ ନାମରେ, ଆମେନ୍ ।***

**ଅଭିନନ୍ଦନ !**

ଆପଣ ଏହି ପ୍ରଥମ ପାଠ ଅଧ୍ୟୟନ କରି ସାରିଛନ୍ତି । ବର୍ତ୍ତମାନ ଆପଣଙ୍କ ନିମନ୍ତେ କିଛି କାର୍ଯ୍ୟ ରହିଛି । ଆପଣ ଯାହା ଶିକ୍ଷା କରିଛନ୍ତି, ତାହା ପ୍ରୟୋଗ କରିବାକୁ ଏବଂ ଆପଣ ନିଜେ ଏହି ସତ୍ୟ ଆବିଷ୍କାର କରିବାକୁ **ବାଇବଲ ଅନ୍ୱେଷଣ** ଆପଣଙ୍କୁ ସାହାଯ୍ୟ କରିବ ।

## *ବାଇବଲ ଅନ୍ୱେଷଣ*

**ଅଭ୍ୟାସ ୧:** ଗୀତସଂହିତା ୬୨ ଓ ୧୦୩ ଅଧ୍ୟାୟରେ ଲିଖିତ ଈଶ୍ୱରଙ୍କର ସମସ୍ତ ବର୍ଣ୍ଣନାର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।

**ଅଭ୍ୟାସ ୨:** ଜଣେ ‘‘ଦେବତା’’ ହେଉଛି, ଏପରି ଏକ ବ୍ୟକ୍ତି ବା ବିଷୟ ଯାହା ଉପରେ ଆପଣ ଭରସା ସ୍ଥାପନ କରନ୍ତି । ଆଜି କିଏ ବା କେଉଁ ବିଷୟ ଆପଣଙ୍କର ଦେବତା ଅଟେ ?

## *ବାଇବଲ ଅନ୍ୱେଷଣ (କ୍ରମଶଃ)*

**ଅଭ୍ୟାସ ୩ :** ଆଦିପୁସ୍ତକ ୧–୨ରେ ଲିଖିତ ସୃଷ୍ଟି ବିଷୟକ ଅତି ଗୁରୁତ୍ୱପୂର୍ଣ୍ଣ ବିବରଣୀ ପାଠ କରନ୍ତୁ । ଏଠାରେ ଏହାର ସାରାଂଶ ନିଜ ଭାଷାରେ ଲେଖନ୍ତୁ ।

**ଅଭ୍ୟାସ ୪:** ପିତା ଈଶ୍ୱର ଆପଣଙ୍କର ଯତ୍ନ ନିଅନ୍ତି । ନିମ୍ନରେ ବ୍ୟକ୍ତିଗତ ଆବଶ୍ୟକତା ଓ ସମସ୍ୟାଗୁଡ଼ିକ ବିଷୟରେ ଶାସ୍ତ୍ରାଂଶଗୁଡ଼ିକ ପ୍ରଦତ୍ତ ହୋଇଛି । ଆପଣଙ୍କ ବାଇବଲରେ ଏହି ଶାସ୍ତ୍ରାଂଶ ତଳେ ରେଖା ଦିଅନ୍ତୁ ଓ ସେଗୁଡ଼ିକ ଲେଖି ରଖନ୍ତୁ ।

| | |
|---|---|
| **ଶାନ୍ତି:** | ଯୋହନ ୧୪:୨୭ |
| **ସୁସ୍ଥତା:** | ଯାତ୍ରା ୧୫:୨୬, ମାଥିଉ ୮:୧୭, ୧ ପିତର ୨:୨୪ |
| **ଖାଦ୍ୟ ଓ ବାସଗୃହ:** | ମାଥିଉ ୬:୨୫–୩୩ |
| **କ୍ଷମାଶୀଳତା:** | ୧ଯୋହନ ୧:୯ |
| **ଭୟ:** | ଯିଶାଇୟ ୪୧:୧୦ |
| **ଆନନ୍ଦ:** | ଯିଶାଇୟ ୬୧:୩ |
| **ନିଃସଙ୍ଗତା:** | ମାଥିଉ ୨୮:୨୦ |
| **ଶକ୍ତି:** | ରୋମୀୟ ୮:୧୧ |

**ଉତ୍ତମ !**

ବର୍ତ୍ତମାନ ଆପଣ ଯାହା ଶିକ୍ଷା କରିଛନ୍ତି, ତାହାକୁ ବାସ୍ତବ ଜୀବନରେ ଅଭ୍ୟାସ କରନ୍ତୁ ।



## କାର୍ଯ୍ୟ–ସମୟ

### କାର୍ଯ୍ୟରେ ହିଁ ବିଶ୍ୱାସ ପ୍ରକାଶିତ ହୋଇଥାଏ (ଯାକୁବ ୨:୧୭)

ପ୍ରତ୍ୟେକ ପାଠରେ, ଆମକୁ କିଛି କାର୍ଯ୍ୟ କରିବାକୁ ପଡ଼ିବ, କାରଣ ଆପଣ ଯଦି କେବଳ ପାଠ କରିବେ, କହିବେ କିମ୍ବା ଚିନ୍ତା କରିବେ, ଆଉ କଦାପି ତାହାକୁ କାର୍ଯ୍ୟକାରୀ କରିବେ ନାହିଁ, ତେବେ ଆପଣଙ୍କର ବିଶ୍ୱାସ ଫଳପ୍ରଦ ହେବ ନାହିଁ ।



### • ପ୍ରଶଂସା ବିଦ୍ୟାଳୟ

**ଈଶ୍ୱରଙ୍କୁ ପ୍ରଶଂସା କରିବା ଓ ଧନ୍ୟବାଦ ଅର୍ପଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ, ତାଙ୍କର ପ୍ରଶଂସା କିପରି କରିବେ, ତାହା ଶିଖନ୍ତୁ:**

- ✓ ଆପଣଙ୍କ ପାଠ୍ୟ ପୁସ୍ତକମାନ ଓ କାର୍ଯ୍ୟକୁ ବର୍ତ୍ତମାନ ବନ୍ଦ କରନ୍ତୁ ।
- ✓ ଯଦି ପାରନ୍ତି : ଛିଡ଼ା ହୁଅନ୍ତୁ, କିମ୍ବା ଈଶ୍ୱରଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ ପୂର୍ବକ ଆଣ୍ଠୋଇ ପଡ଼ନ୍ତୁ ।
- ✓ ଆପଣଙ୍କର ହସ୍ତ ଉତ୍ତୋଳନ କରନ୍ତୁ, ଆପଣଙ୍କ ଚକ୍ଷୁ ବନ୍ଦ କରନ୍ତୁ, ଆଉ ନିମ୍ନ ବିଷୟମାନ କହିବାକୁ ଆରମ୍ଭ କରନ୍ତୁ : ''ହେ ଈଶ୍ୱର,...ନିମନ୍ତେ ତୁମକୁ ଧନ୍ୟବାଦ ଦେଉଛି'', ଆଉ ସେ ଆପଣଙ୍କ ନିମନ୍ତେ ଯେସମସ୍ତ ଉତ୍ତମ ବିଷୟମାନ କରିଛନ୍ତି, ସେଥିନିମନ୍ତେ ତାଙ୍କୁ ଆପଣଙ୍କ ନିଜ ଭାଷାରେ ଧନ୍ୟବାଦ ଦିଅନ୍ତୁ ।
- ✓ ଯଦି ଆପଣ ଚାହାନ୍ତି, ତେବେ ଗୀତସଂହିତା ୬୩ ଅଧ୍ୟାୟର ଶବ୍ଦଗୁଡ଼ିକ ବ୍ୟବହାର କରନ୍ତୁ :

***'ହେ ଈଶ୍ୱର, ତୁମେ ମୋ' ଈଶ୍ୱର, ମୁଁ ଆଗ୍ରହରେ ତୁମକୁ ଖୋଜେ,***
***ମୋ' ପ୍ରାଣ ତୁମ ନିମନ୍ତେ ତୃଷିତ,***
***ମୋ' ଶରୀର ତୁମ ନିମନ୍ତେ ବ୍ୟାକୁଳ...,***

*(ଏହାକୁ ଆପଣଙ୍କର ବାଇବଲରେ ଖୋଜି ଦେଖନ୍ତୁ । ତା'ପରେ ଆପଣ ଗୀତ ୨୩, ୯୧, ୧୫୦ ଇତ୍ୟାଦି ମଧ୍ୟ ବ୍ୟବହାର କରିପାରିବେ ।)*

---

**ପ୍ରତିଦିନ ଅନ୍ୟୁନ ଥରେ ଏପରି କରନ୍ତୁ –** ଈଶ୍ୱରଙ୍କ ପ୍ରଶଂସା କରି ଦିନଟି ଆରମ୍ଭ କରିବା ସର୍ବୋତ୍ତମ ଅଟେ – ଆପଣଙ୍କ ଜୀବନସାରା ଏପରି କରି ଚାଲନ୍ତୁ ।

ଆସନ୍ତା କାଲି ସକାଳୁ ଉଠିବା ନିମନ୍ତେ ୧୫ ମିନିଟ ପୂର୍ବରୁ ଆଲାର୍ମ ଦିଅନ୍ତୁ ଓ ସେହି ସମୟ ପ୍ରଭୁଙ୍କ ପ୍ରଶଂସା କରି କାଟନ୍ତୁ ! **ସେ ଆପଣଙ୍କୁ ହତାଶ କରିବେ ନାହିଁ ।**

### ଏକତ୍ର ତାଙ୍କର ପ୍ରଶଂସା କରନ୍ତୁ !

ଅନ୍ୟ ବିଶ୍ୱାସୀମାନଙ୍କ ସହ ମିଶି ଏକତ୍ର ଈଶ୍ୱରଙ୍କ ପ୍ରଶଂସା କରିବାକୁ ଚେଷ୍ଟା କରନ୍ତୁ । ଆପଣ ଏହା ନିୟମିତ କରିପାରନ୍ତି–ଏହା ଆପଣଙ୍କ ଜୀବନକୁ ପରିବର୍ତ୍ତନ କରିଦେବ ! (ପ୍ରେରିତ ୨:୪୬,୪୭) ।

## ମୁଖସ୍ଥ ପଦ !

### ଈଶ୍ୱରଙ୍କ ବାକ୍ୟ ମୁଖସ୍ଥ କରନ୍ତୁ ଓ କୁହନ୍ତୁ

ପ୍ରତ୍ୟେକ ପାଠ ଶେଷରେ ବାଇବଲ ପଦସବୁ ଲେଖାଯାଇଛି । ଆପଣ ସେସବୁ ମୁଖସ୍ଥ କରିବେ । ଆପଣ ସେଗୁଡ଼ିକୁ ଏକ କାଗଜରେ ଲେଖନ୍ତୁ, ଆଉ ପ୍ରତ୍ୟେକ ଦିନ ଅନେକ ଥର ତାହା ପଢ଼ନ୍ତୁ– ବସ୍‌ରେ ଯିବା ସମୟରେ, ବିଶ୍ରାମ ନେଉଥିବା ସମୟରେ, କିମ୍ବା ଭୋଜନ ସମୟରେ ପରିବାର ସହିତ ଏକତ୍ର ହୋଇ ତାହା ପଢ଼ନ୍ତୁ ।

**‘‘ପ୍ରଭୁଙ୍କର ଧନ୍ୟବାଦ କର, କାରଣ ସେ ମଙ୍ଗଳମୟ ।<br>ତାହାଙ୍କର ପ୍ରେମ ଓ ଦୟା ଚିରସ୍ଥାୟୀ ।’’** *(ଗୀତ ୧୩୬:୧)*

**‘‘ଏହା ହିଁ ପ୍ରକୃତ ପ୍ରେମ : ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କରୁ ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ ଓ ଆମ୍ଭମାନଙ୍କର ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଆପଣା ପୁତ୍ରଙ୍କୁ ପଠାଇଲେ ।’’** *(୧ଯୋହନ ୪:୧୦)*

# ଯୀଶୁ ଜଣେ ଚମତ୍କାର ଉଦ୍ଧାରକର୍ତ୍ତା

## ଏହି ପାଠ ବିଷୟରେ ପଦେ :

''ଜୀବନର ପ୍ରବେଶ ଦ୍ୱାର''ର ଏହି ଦ୍ୱିତୀୟ ଶିକ୍ଷାକୁ ସ୍ୱାଗତ । ଆପଣଙ୍କର ବାଇବଲ ମଧ୍ୟ ଦେଇ ଈଶ୍ୱର ଆପଣଙ୍କ ସହିତ କଥା କହୁଛନ୍ତି ବୋଲି ଆମେ ବିଶ୍ୱାସ କରୁ । ସେ ନିଶ୍ଚୟ ଆପଣଙ୍କ ସହିତ କଥା କହି ଚାଲିବେ ! ଆପଣଙ୍କୁ ସାହାଯ୍ୟ କରିବା ନିମନ୍ତେ ପବିତ୍ର ଆତ୍ମା ଏଠାରେ ଅଛନ୍ତି ।

ଆଜିର ବିଷୟମାନ ହେଉଛି :

- **ଈଶ୍ୱର ଆପଣଙ୍କୁ ତାଙ୍କର ନିଜ ସନ୍ତାନ ରୂପେ ଚାହାନ୍ତି !**
- **ପାପ ଆପଣଙ୍କୁ ଈଶ୍ୱରଙ୍କଠାରୁ ଦୂରେଇ ନିଏ !**
- **ଯୀଶୁଙ୍କ ଦ୍ୱାରା ଆପଣ ଉଦ୍ଧାର ପାଇପାରିବେ !**



## ୧ ଆପଣ ଈଶ୍ୱରଙ୍କ ସନ୍ତାନ ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି

### ଆପଣ ଈଶ୍ୱରଙ୍କ ସନ୍ତାନ ହୁଅନ୍ତୁ ବୋଲି ସେ ପ୍ରକୃତରେ ଇଚ୍ଛା କରନ୍ତି !

*୧ ତୀମ ୨:୪*
*ପ୍ରକା ୨୦:୧୫*
*ଲୂକ ୧୦:୨୦*
*ଯୋହନ ୧୧:୨୫*

ଈଶ୍ୱର ଜଣେ ଆଶ୍ଚର୍ଯ୍ୟ ପିତା ଅଟନ୍ତି । ପ୍ରତ୍ୟେକ ମନୁଷ୍ୟ, ସ୍ତ୍ରୀ ଓ ଶିଶୁ ତାଙ୍କ ନିକଟକୁ ଆସି ରକ୍ଷା ପାଆନ୍ତୁ ବୋଲି ସେ ଇଚ୍ଛା କରନ୍ତି । ଜୀବନ ପୁସ୍ତକରେ ଆପଣଙ୍କ ନାମ ଲେଖିବାକୁ ଓ ଆପଣଙ୍କୁ ଅନନ୍ତ ଜୀବନ ଦେବାକୁ ସେ ଇଚ୍ଛା କରନ୍ତି । ତେବେ ଯାଇ ଆପଣ ଆଜି ମୃତ୍ୟୁବରଣ କଲେ ମଧ୍ୟ ରକ୍ଷା ପାଇଯିବେ । ଆଜିର ପାଠର ଲକ୍ଷ୍ୟ ହେଉଛି, ଯେପରି ଆପଣ ହୃଦୟରେ ଜାଣିପାରିବେ ଯେ, ଈଶ୍ୱର ଆପଣଙ୍କୁ ଗ୍ରହଣ କରିଛନ୍ତି । ମାତ୍ର ପ୍ରଥମେ ଆମେ ବାଇବଲର କିଛି ସତ୍ୟ ବର୍ଣ୍ଣନା କରିବୁ ଓ ତାହା ଆପଣଙ୍କର ଜୀବନକୁ ପରିବର୍ତ୍ତନ କରିଦେବ !

### ଆପଣଙ୍କର ଶତ୍ରୁଠାରୁ ଆପଣଙ୍କୁ ରକ୍ଷା କରିବାକୁ ଈଶ୍ୱର ଚାହାନ୍ତି

ଈଶ୍ୱରଙ୍କର ଓ ଆପଣଙ୍କର ଜଣେ ଶତ୍ରୁ ଅଛି । ସେ ସର୍ବଦା ଈଶ୍ୱରଙ୍କୁ ବିରୋଧ କରେ । ତାହାର ନାମ ହେଉଛି ଶୟତାନ । ତାହାର ନାମର ଅର୍ଥ ହେଉଛି, ଅଭିଯୋଗକାରୀ । ଆପଣ ଯେପରି ଈଶ୍ୱରଙ୍କର ଜଣେ ସ୍ୱାଧୀନ, ସୁଖୀ ଓ ଅଟଳ ସନ୍ତାନ ହୋଇ ନ ପାରିବେ, ଶୟତାନ ତାହା ଇଚ୍ଛା କରେ । ସେ କେବଳ ଚୋରି କରିବାକୁ, ହତ୍ୟା କରିବାକୁ, ଓ ବିନାଶ କରିବାକୁ ଆସେ । ମାତ୍ର ବ୍ୟସ୍ତ ହୁଅନ୍ତୁ ନାହିଁ । ଶୟତାନକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ଈଶ୍ୱର ତାହା ଜାଣନ୍ତି । ଏହି

## ଆପଣ ଈଶ୍ୱରଙ୍କ ସନ୍ତାନ ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି *(କ୍ରମଶଃ)*

*ଯୋହନ ୧୦:୧୦*

ବିଜୟ ଯୀଶୁଙ୍କ ଦ୍ୱାରା ସାଧିତ ହୋଇସାରିଛି, ଆଉ ସେ ଆପଣଙ୍କୁ ଅନନ୍ତ ଜୀବନ ଦେବାକୁ ଆସିଛନ୍ତି ! ଏହି ଜୀବନ ପ୍ରତ୍ୟେକଙ୍କ ନିମନ୍ତେ ପ୍ରଯୁଜ୍ୟ, ଆଉ ଏଥିରେ ଆପଣ ଅନ୍ତର୍ଭୁକ୍ତ । ଏହାର ଏକ ସ୍ପଷ୍ଟ ଚିତ୍ର ଦେବାକୁ ଯାଇ, ଶୟତାନ ମନୁଷ୍ୟ ଉପରେ ନିଜ ନିୟନ୍ତ୍ରଣ କିପରି ସ୍ଥାପନ କରେ, ପୁଣି ଆପଣ କିପରି ତାହାର ଶକ୍ତିରୁ ନିଜକୁ ମୁକ୍ତ କରି ପାରିବେ, ଆମେ ପ୍ରଥମେ ସେ ବିଷୟ ଆପଣଙ୍କୁ ବୁଝାଇଦେବୁ ! ଏହାକୁ ଶେଷ ପର୍ଯ୍ୟନ୍ତ ପାଠ କରନ୍ତୁ, ତାହା ହେଲେ ଆପଣଙ୍କ ନିମନ୍ତେ ଈଶ୍ୱର କେତେ ଆଶ୍ଚର୍ଯ୍ୟଜନକ ସମାଧାନର ପନ୍ଥା ରଖିଛନ୍ତି, ତାହା ଆପଣ ଜାଣିପାରିବେ !

## ୨ ଆଦ୍ୟରେ, ସମସ୍ତ ବିଷୟ ସିଦ୍ଧ ଥିଲା

*ଆଦି ୧:୨୬,୨୭*
*ଆଦି ୧:୩୧*
*(ଆଦି ୧-୨ ସଂପୂର୍ଣ୍ଣ ପାଠ କରନ୍ତୁ)*

ଆଦ୍ୟରେ, ପାପ ନ ଥିଲା । ଈଶ୍ୱର ଜଣେ ମନୁଷ୍ୟ ଓ ଜଣେ ନାରୀଙ୍କୁ ସୃଷ୍ଟି କଲେ । ସେମାନଙ୍କର ନାମ ଆଦମ ଓ ହବା ଥିଲା । ସେମାନେ ତାଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଆଶ୍ଚର୍ଯ୍ୟଜନକ ବିଷୟର ଚୂଡ଼ାନ୍ତ ସୃଷ୍ଟି ଥିଲେ । ଆଉ ସେ ଦେଖିଲେ ଯେ, ତାହା ଉତ୍ତମ ଥିଲା !

ସେ ଆଦମ ଓ ହବାଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ସେମାନଙ୍କୁ ସେ ଏକ ବିସ୍ମୟକର ଜଗତ ପ୍ରଦାନ କରିଥିଲେ ଓ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରୁଥିଲେ । ସେମାନଙ୍କର ସୁଖ, ସ୍ୱାସ୍ଥ୍ୟ, ଜୀବନଯାପନ ନିମନ୍ତେ ଏକ ଅତି ସୁନ୍ଦର ସ୍ଥାନ ଏବଂ ଫଳଗଛରେ ପୂର୍ଣ୍ଣ ଏକ ସୁନ୍ଦର ଉଦ୍ୟାନ ଥିଲା, ଆଉ ଏସବୁକୁ ସେମାନେ ମନଭରି ଉପଭୋଗ କରିପାରୁଥିଲେ । ଏସମସ୍ତ ମଧ୍ୟରେ ସର୍ବୋତ୍ତମ ବିଷୟ ଥିଲା ଯେ, ଈଶ୍ୱରଙ୍କ ସହିତ ସେମାନଙ୍କର ଏକ ନିବିଡ଼ ତଥା ନିରବଚ୍ଛିନ୍ନ ସହଭାଗିତା ଥିଲା । ଆଦମ ଓ ହବା ଈଶ୍ୱରଙ୍କର ସନ୍ତାନ ଥିଲେ ଓ ତାଙ୍କର ବନ୍ଧୁ ମଧ୍ୟ ଥିଲେ ! ବାଇବଲ ଆମକୁ କହେ ଯେ, ଈଶ୍ୱର ଦିନର ଶୀତଳ ପରିବେଶରେ ସେମାନଙ୍କ ସହିତ ଏକତ୍ର ଗମନାଗମନ ମଧ୍ୟ କରୁଥିଲେ । ଏଠାରେ ଆପଣ ଚିନ୍ତା କରନ୍ତୁ– ଈଶ୍ୱରଙ୍କ ସହିତ ଏକ ସୁନ୍ଦର ଉଦ୍ୟାନରେ ଆପଣ ବିଚରଣ କରୁଛନ୍ତି !

## ୩ ଭଲ ଓ ମନ୍ଦ ବିଷୟ କରିବାର ସ୍ୱାଧୀନତା

*ଆଦି ୨:୮*

*ଆଦି ୨:୧୭*

ଈଶ୍ୱର ଆଶ୍ଚର୍ଯ୍ୟରେ ପୂର୍ଣ୍ଣ ଜଣେ ପିତା ଅଟନ୍ତି, ଆଉ ସେ ଚାହାନ୍ତି, ତାଙ୍କର ସନ୍ତାନମାନେ ସ୍ୱାଧୀନ ହୁଅନ୍ତୁ । ଏଣୁ ସେ ଜଗତରେ ଯେସମସ୍ତ ବିଷୟମାନ ସୃଷ୍ଟି କଲେ, ସେଗୁଡ଼ିକ ଉପରେ ସେମାନଙ୍କୁ ଅବାଧ ନିୟନ୍ତ୍ରଣର ଅଧିକାର ଦେଲେ । ସେଗୁଡ଼ିକ ମଧ୍ୟରେ ସମସ୍ତ ସୁନ୍ଦର ଗଛ ଓ ସମସ୍ତ ଝରମାନ ଅନ୍ତର୍ଭୁକ୍ତ ଥିଲା । ସମସ୍ତ ପ୍ରାଣୀ ଉପରେ କର୍ତ୍ତୃତ୍ୱ କରିବାକୁ ଓ ତାଙ୍କର ସୃଷ୍ଟିକୁ ଉପଭୋଗ କରିବାକୁ ସେ ସେମାନଙ୍କୁ ଅଧିକାର ଦେଲେ । କେବଳ ଗୋଟିଏ ମାତ୍ର ବିଷୟ ଭିନ୍ନ ଥିଲା – ସେମାନଙ୍କୁ ଭଲ ଓ ମନ୍ଦର ଜ୍ଞାନଦାୟକ ବୃକ୍ଷକୁ ସ୍ପର୍ଶ ନ କରିବାକୁ ସେ କହିଥିଲେ । ଏହା ଏକ ବିଶେଷ ବୃକ୍ଷ ଥିଲା । ଯଦି ସେମାନେ ଏଥିରୁ ଫଳ ଭୋଜନ କରିବେ, ତେବେ ଅନନ୍ତକାଳ ନିମନ୍ତେ ମୃତ୍ୟୁବରଣ କରିବେ । ଈଶ୍ୱର ଜାଣିଥିଲେ ଯେ, ଏହା ସେମାନଙ୍କୁ ବିନଷ୍ଟ କରିବ, ଏଣୁ ସେ ସେମାନଙ୍କୁ ସୁରକ୍ଷିତ ରଖିବାକୁ ଚାହିଁଲେ ।

**ଈଶ୍ୱର ଆପଣଙ୍କୁ ସଠିକ ପରିଚାଳନା ଦିଅନ୍ତି !**



ସେହି ସମୟରେ ସେମାନଙ୍କୁ କେବଳ ଏହି ସରଳ ନିୟମ ଦିଆଯାଇଥିଲା । ମାତ୍ର ଆପଣଙ୍କୁ ଯେତେବେଳେ ଏକ ନିୟମ ପ୍ରଦାନ କରାଯାଏ, ଆପଣଙ୍କୁ ଏକ ମନୋନୟନ ଦିଆଯାଏ । ଆପଣ ଏହାର ବାଧ୍ୟ ହୋଇପାରନ୍ତି ବା ନ ହୋଇପାରନ୍ତି । ଆପଣ ତାହା ମନୋନୟନ କରିପାରିବେ । ଆଉ ଏହି ମନୋନୟନ ଅନୁଯାୟୀ, ଆପଣ ଫଳ ଭୋଗିବେ । ବର୍ତ୍ତମାନ ଏହି ଘଟଣାର ଦୁଃଖଦ ଭାଗ ଆରମ୍ଭ ହୁଏ ।


## ୪ ଶୟତାନ ସେମାନଙ୍କୁ ପ୍ରବଞ୍ଚିତ କଲା, ଏଣୁ ସେମାନେ ପାପ କଲେ

ଶୟତାନ ସାପର ଆକୃତି ନେଇ ପ୍ରବେଶ କଲା । ତା' ପାଇଁ ଏକ ସୁଯୋଗ ଅଛି
ଆଦି ୩:୧-୬ ବୋଲି ସେ ଦେଖିଲା ! ଯଦି ଆଦମ ଓ ହବାଙ୍କୁ ପ୍ରବଞ୍ଚିତ କରିବାକୁ ସେ ସଫଳ ହେବ, ତେବେ ସେମାନେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରିବେ ! ଈଶ୍ୱର ସେମାନଙ୍କୁ ଯାହା କହିଥିଲେ, ସେ ବିଷୟରେ ସେ ସେମାନଙ୍କୁ ମିଛ କହିଲା । ସେ ସେମାନଙ୍କଠାରେ ବିଶ୍ୱାସ ଜାତ କରାଇଲା ଯେ, ଯଦି ସେମାନେ ସେହି ଗଛର ଫଳ ଖାଇବେ, ତେବେ ସେମାନେ ଈଶ୍ୱରଙ୍କ ସଦୃଶ ହୋଇଯିବେ । ସେ ମିଛ କହି ସେମାନଙ୍କୁ ସଂପୂର୍ଣ୍ଣ ପ୍ରବଞ୍ଚିତ କଲା । ମାତ୍ର ପ୍ରକୃତରେ ସେ ଯେଉଁ ବିଷୟ କହୁଥିଲା, ସେହି ମନ୍ଦ ବିଷୟ ନିମନ୍ତେ ସେମାନଙ୍କ ହୃଦୟରେ କ୍ଷୁଧା ରହିଥିଲା !

ଯାକୁବ ୧:୧୪ ଆଉ ଏହି ବିଷୟର ପ୍ରତିକାର କରିବାକୁ ଈଶ୍ୱର ଇଚ୍ଛା କରିଥିଲେ । ଆଦମ ଓ ହବାଙ୍କ ନିମନ୍ତେ ଈଶ୍ୱର ଯେସମସ୍ତ କାର୍ଯ୍ୟ କରିଥିଲେ ଓ ସେମାନଙ୍କୁ ଯେସମସ୍ତ ବିଷୟ କହିଥିଲେ, ସେସବୁ ଭୁଲି ଯିବା ନିମନ୍ତେ ସେମାନେ ପସନ୍ଦ କଲେ । ସେମାନଙ୍କର ଆଶ୍ଚର୍ଯ୍ୟ ପିତା ଓ ବନ୍ଧୁ ଅର୍ଥାତ୍ ଈଶ୍ୱରଙ୍କ କଥା ପରିବର୍ତ୍ତେ ସେମାନେ ଶୟତାନର କଥାର ବାଧ୍ୟ ହେଲେ । ସେମାନଙ୍କର ମନ୍ଦ ଲାଳସା ସେମାନଙ୍କୁ ଦୂରେଇ ନେଇଗଲା । ସେମାନେ ଚିରକାଳ ପାଇଁ ଆତ୍ମିକ ମୃତ୍ୟୁଭୋଗ କରି ରହିଥାନ୍ତୁ ବୋଲି ଈଶ୍ୱର ଚାହିଁଲେ ନାହିଁ, ଏଣୁ ସେ ସେମାନଙ୍କୁ ଜୀବନଦାୟକ ବୃକ୍ଷର ଫଳ ଖାଇବାକୁ ଆଉ ସୁଯୋଗ ଦେଲେ ନାହିଁ । ପାପରେ ପଡ଼ିଯିବା ଏକ ନିଶ୍ଚିତ ଘଟଣା ହୋଇଯାଇଥିଲା, ଆଉ ଏହା ଅତି ଭୟଙ୍କର ବିଷୟ ଥିଲା ।


## ୫ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ

ଆଦମ ଓ ହବାଙ୍କୁ ତୁରନ୍ତ ସେହି ଉଦ୍ୟାନ ଓ ତନ୍ମଧ୍ୟସ୍ଥ ସମସ୍ତ ଆଶ୍ଚର୍ଯ୍ୟ ବିଷୟଗୁଡ଼ିକୁ ପରିତ୍ୟାଗ କରିବାକୁ ପଡ଼ିଲା । **ଆଉ, ସବୁଠାରୁ ଦୁଃଖର ବିଷୟ, ଈଶ୍ୱରଙ୍କ ସହିତ ସେମାନଙ୍କର ଆଉ ସହଭାଗିତା ରହିଲା ନାହିଁ ।** ମୃତ୍ୟୁ ଆସିଲା, ମାତ୍ର ସେହି ମୃତ୍ୟୁ ସେମାନଙ୍କର ଶାରୀରିକ ମୃତ୍ୟୁ ନୁହେଁ, ମାତ୍ର ସେମାନଙ୍କ ମଧ୍ୟରେ ଥିବା ଐଶ୍ୱରିକ ଜୀବନର ହିଁ ମୃତ୍ୟୁ ଥିଲା । ଏହା
ଯାକୁବ ୧:୧୫ ଆଲୋକକୁ ନିର୍ବାପିତ କରିବା ସଦୃଶ ହେଲା । ଶୟତାନର ଯୋଜନା ସଫଳ ହୋଇଥିଲା : "ଏହି ସମସ୍ତ ମନ୍ଦ ଚିନ୍ତା ମନ୍ଦ କର୍ମରେ ପରିଣତ ହୁଏ ଏବଂ ପରେ ମୃତ୍ୟୁଦଣ୍ଡ ଆଣେ ।"



## ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ *(କ୍ରମଶଃ)*

କଲ ୧:୧୩,୧୪




ଏଫି ୨:୧,୨

**ବର୍ତ୍ତମାନ ଦୁଇଟି ପରସ୍ପର ବିରୋଧୀ ରାଜ୍ୟ ସୃଷ୍ଟି ହେଲା : ଈଶ୍ୱରଙ୍କର ଓ ଶତ୍ରୁର ।** ଯେହେତୁ ଆଦମ ଓ ହବା ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇଥିଲେ, ସେମାନେ ଅନ୍ଧକାର ରାଜ୍ୟର ଅନ୍ତର୍ଭୁକ୍ତ ହେଲେ । ବାଇବଲ ଆମକୁ କହେ : "ଏକଦା ତୁମ୍ଭେମାନେ ଦୁଷ୍କର୍ମ ଓ ପାପ ହେତୁ ଆଧ୍ୟାତ୍ମିକ ମୃତାବସ୍ଥାରେ ଥିଲ । ... ଶୂନ୍ୟମଣ୍ଡଳର ଶକ୍ତିଶାଳୀ ଅଧିପତି ଶୟତାନର ଅନୁଗାମୀ ହୋଇଥିଲ, ସେହି ଶୟତାନ ଏବେ ସୁଦ୍ଧା ଈଶ୍ୱରଦ୍ରୋହୀମାନଙ୍କ ହୃଦୟରେ କାର୍ଯ୍ୟ କରୁଛି ।"

ଆଦି ୪:୧-୧୨ ଆଦମ ଓ ହବାଙ୍କ ସର୍ବୋତ୍ତମ ଜୀବନ ପରିବର୍ତ୍ତନ ହେଲା । କାର୍ଯ୍ୟ କରିବା କଷ୍ଟକର ହେଲା ଓ ଖାଦ୍ୟ ପାଇବା ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡ଼ିଲା । ମୃତ୍ୟୁ କର୍ତ୍ତୃତ୍ୱ କରିବାକୁ ଆରମ୍ଭ କଲା । ହବାଙ୍କ ପ୍ରଥମ ସନ୍ତାନ ଈର୍ଷାପରାୟଣ ହୋଇ ତାହାର ଭାଇକୁ ହତ୍ୟା କଲା । ଅତି ଶୀଘ୍ର ମନୁଷ୍ୟର ସମସ୍ତ ଚିନ୍ତାଧାରା ମନ୍ଦତାରେ ପୂର୍ଣ୍ଣ ହେଲା । ସେମାନେ ଯୌନଗତ ପାପ କଲେ, ସେମାନେ ଗର୍ବରେ ପୂର୍ଣ୍ଣ ହେଲେ । ପାପର ମହାମାରୀ ବ୍ୟାପିବାକୁ ଲାଗିଲା ।

## ୬ ଆପଣ ଓ ମୁଁ ପାପ କରିଛୁ

ରୋମୀ ୩:୨୩ ସେହିଦିନଠାରୁ ଆଦମଙ୍କ ସମସ୍ତ ସନ୍ତାନ, ଅର୍ଥାତ୍ ଆମେ ସମସ୍ତେ ପାପ କରିଛୁ । ଏହି ବିଷୟକୁ ବାଇବଲ ଅତି ସ୍ପଷ୍ଟରୂପେ କହେ : "ସମସ୍ତେ ପାପ କରିଛନ୍ତି; ଈଶ୍ୱରଙ୍କ ଗୌରବମୟ ଆଦର୍ଶରୁ ସମସ୍ତେ ପତିତ ହୋଇଛନ୍ତି ।" ଆପଣ ଏହାକୁ ନିଜର ମନ ମଧ୍ୟରେ ଅନୁଭବ କରନ୍ତୁ । ଆପଣ ଏହା ଜାଣି ସାରିଛନ୍ତି । କାରଣ "ସମସ୍ତେ" ଅର୍ଥ "ସମସ୍ତେ" ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟ, ପ୍ରତ୍ୟେକ ନାରୀ, ଆଉ ପ୍ରତ୍ୟେକ ଶିଶୁ । ଯଦି ଆମେ ସେହି ପରିସ୍ଥିତିରେ ରହିଯାଉ, ତେବେ ଆଦମ ଓ ହବାଙ୍କ ପରି ଆମେ ଅନନ୍ତ ମୃତ୍ୟୁବରଣ କରିବୁ । ମାତ୍ର ଈଶ୍ୱର ଏତେ ଉତ୍ତମ ଯେ, ସେ ଶୟତାନକୁ ବିଜୟୀ ହେବାକୁ ଦେଲେ ନାହିଁ ! ଉଦ୍ଧାର କରିବା ପାଇଁ ଈଶ୍ୱର ଏକ ଯୋଜନା କଲେ, ଆଉ ଯୀଶୁଙ୍କ କଥା ଚୂଡ଼ାନ୍ତ ହେଲା ।

## ୭ ଯୀଶୁ – ସମ୍ପୂର୍ଣ୍ଣ ସମାଧାନ

ଈଶ୍ୱର ବର୍ତ୍ତମାନ କ'ଣ କରିବେ ? ସେ ତାଙ୍କର ବନ୍ଧୁମାନଙ୍କୁ ଓ ସନ୍ତାନମାନଙ୍କୁ ହରାଇଥିଲେ, ଆଦମ ଓ ହବା ତାଙ୍କୁ ଛାଡ଼ି ଚାଲିଯାଇଥିଲେ । ଆଉ ସେମାନେ ସମସ୍ତ ମାନବଜାତିକୁ ଅନ୍ଧକାର ଶକ୍ତିର ଅଧୀନକୁ ନେଇ ଆସିଥିଲେ । ଈଶ୍ୱର ଜାଣିଥିଲେ ଯେ, ସେମାନେ ନିଜ ବଳରେ ଏଥିରୁ ରକ୍ଷା ପାଇପାରିବେ ନାହିଁ । ଆଉ ସେ ଏହା ମଧ୍ୟ ଜାଣିଥିଲେ ଯେ, ସେମାନେ ପାପ କରିଥିବାରୁ ଶୟତାନ ସେମାନଙ୍କୁ ଜାବୁଡ଼ି ଧରିଥିଲା ।


## କେବଳ ଏକମାତ୍ର ଉପାୟ !

ଲୋକମାନଙ୍କୁ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ନିମନ୍ତେ କେବଳ ଏକମାତ୍ର ଉପାୟ ଅଛି । ସେମାନଙ୍କର ପାପସବୁକୁ କେହି ଜଣେ ନିଜ ଉପରକୁ ନେଇ ସେମାନଙ୍କୁ ମୁକ୍ତି ଦେବେ । ଆଉ ସେହି କାର୍ଯ୍ୟ କରିବାକୁ କେବଳ ଏକମାତ୍ର ବ୍ୟକ୍ତି ଯୋଗ୍ୟ ଥିଲେ : ଈଶ୍ୱରଙ୍କ ନିଜ ପୁତ୍ର, ଯୀଶୁ !

*ଯୋହନ ୩:୧୬*

**"କାରଣ ଈଶ୍ୱର ଏହି ଜଗତକୁ ଏତେ ପ୍ରେମ କଲେ ଯେ ସେ ଆପଣାର ଏକମାତ୍ର ପୁତ୍ରଙ୍କୁ ଦେଲେ, ଏଣୁ ଯେ କେହି ତାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ ।"**

ଈଶ୍ୱରଙ୍କର ପ୍ରଶଂସା ହେଉ ! ଈଶ୍ୱର ତାଙ୍କର ପୁତ୍ରଙ୍କୁ ଦେଲେ, ଆଉ ଇତିହାସ ପରିବର୍ତ୍ତନ ହେଲା । ଯୀଶୁଙ୍କ ମାଧ୍ୟମରେ ଈଶ୍ୱରଙ୍କ ସହିତ ସହଭାଗିତା ରକ୍ଷା କରିବା ଆମ ପକ୍ଷରେ ସମ୍ଭବ ହେଲା !




ଯୀଶୁ ଈଶ୍ୱରଙ୍କ ପୁତ୍ର ଆପଣଙ୍କ ଓ ମୋ' ପରିବର୍ତ୍ତେ କ୍ରୁଶ ଉପରେ ମୃତ୍ୟୁ ବରିଲେ ।

## ପରିତ୍ରାଣ

ଯୀଶୁଙ୍କ ମଧ୍ୟ ଦେଇ ଈଶ୍ୱର ଯେଉଁ ବିଷୟ ସାଧନ କଲେ, ତାହାକୁ ପରିତ୍ରାଣ କୁହାଯାଏ । ଯୀଶୁ ନିଷ୍ପାପୀ ଥିଲେ, ମାତ୍ର ଆପଣଙ୍କ ବଦଳରେ ସେ ନିଜେ ଏକ ଭୟଙ୍କର ମୃତ୍ୟୁବରଣ କଲେ ।

*୨ କରି. ୫:୨୧* ଯୀଶୁଙ୍କଠାରେ ପାପର ଲେଶମାତ୍ର ନ ଥିଲା, ମାତ୍ର ଆପଣଙ୍କର ପାପସବୁକୁ ସେ ନିଜ ଉପରକୁ ନେଇଗଲେ ।

*୧ ପିତର ୨:୨୪* ଯୀଶୁଙ୍କଠାରେ କୌଣସି ଅସୁସ୍ଥତା ନ ଥିଲା, ମାତ୍ର ଆପଣଙ୍କର ଅସୁସ୍ଥତାସବୁକୁ ସେ ନିଜ ଉପରକୁ ନେଇଗଲେ ।

ଯୀଶୁ ମୃତ୍ୟୁବରଣ କଲେ, ଯେପରି ଆପଣ କଳ୍ପନାତୀତ ଏକ ସଂପୂର୍ଣ୍ଣ ମୁକ୍ତ, ଆନନ୍ଦିତ ଓ ଅଧିକ ଫଳପ୍ରଦ ବ୍ୟକ୍ତିରୂପେ ପରିଗଣିତ ହେବେ !

ଆପଣଙ୍କ ବଦଳରେ ଯୀଶୁ ସେହି ମୃତ୍ୟୁବରଣ କଲେ । ଆପଣଙ୍କୁ ଅନ୍ଧକାରର ଶକ୍ତିସମୂହରୁ ମୁକ୍ତ କରିବାକୁ ସେ ଏହା ସାଧନ କଲେ, ଅର୍ଥାତ୍ **ଅନ୍ଧକାରର ରାଜ୍ୟରୁ ଆପଣଙ୍କୁ ବାହାର କରି ଆଲୋକର ରାଜ୍ୟ ମଧ୍ୟକୁ ନେଇ ଆସିବାର କାର୍ଯ୍ୟ ସାଧନ କଲେ !** ଯୀଶୁ ଯେଉଁଠାକୁ ଗଲେ ମନ୍ଦଆତ୍ମାଗୁଡ଼ିକୁ ବାହାର କରିଦେଲେ, କାରଣ ସେଗୁଡ଼ିକ ଲୋକମାନଙ୍କୁ ଭୟ, ଅଶୁଚିତା ଓ ଅସୁସ୍ଥତା ଦେଇ କଷ୍ଟ ଦେଉଥିଲେ (ମାଥି ୮:୧୬) । ଯୀଶୁ ଆଜି ମଧ୍ୟ ସେପରି ଅଛନ୍ତି ! ଯଦି ଆପଣ ଏକ ମନ୍ଦ ଆତ୍ମା ଦ୍ୱାରା ବନ୍ଧନଗ୍ରସ୍ତ, ତେବେ ସେ ଆପଣଙ୍କୁ ବର୍ତ୍ତମାନ ବନ୍ଧନମୁକ୍ତ କରିବେ । ଆପଣ ଡାକ ଛାଡ଼ନ୍ତୁ: "ହେ ଯୀଶୁ, ମୋତେ ସାହାଯ୍ୟ କର !" ଆପଣଙ୍କୁ ଏକାକୀ ଛାଡ଼ି ଚାଲିଯିବାକୁ ଶୟତାନକୁ ଆଦେଶ ଦିଅନ୍ତୁ ! "ଯୀଶୁଙ୍କ ନାମରେ, ମୁଁ ତୋତେ ଆଦେଶ ଦେଉଛି, ଆରେ ଶୟତାନ, ମୋତେ ଏକାକୀ ଛାଡ଼ି ତୁ ଚାଲି ଯା ! ଯୀଶୁଙ୍କ ରକ୍ତର ସୁରକ୍ଷା ମୁଁ ଦାବି କରେ !" ବର୍ତ୍ତମାନ ଏହି ବିଜୟ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ।

ଯୀଶୁ ମୃତ୍ୟୁବରଣ କଲାବେଳେ, ଆଦମଙ୍କ ପାପର ଫଳସ୍ୱରୂପେ ଜାତ ସମସ୍ତ ମନ୍ଦତାରୁ ଆପଣଙ୍କୁ ମୁକ୍ତ କଲେ :

*ଯିଶାଇୟ ୫୩ ଅଧ୍ୟାୟ ପାଠ କରନ୍ତୁ*

- ପାପ
- ଅସୁସ୍ଥତା
- ମନ୍ଦଆତ୍ମାଗଣ
- ଆପଣଙ୍କୁ ବନ୍ଧନଗ୍ରସ୍ତ କରୁଥିବା ସମସ୍ତ ବିଷୟ !

## *ବାଇବଲ ଅନ୍ୱେଷଣ*

***ଏଠାରେ ଆପଣଙ୍କ ନିମନ୍ତେ କେତେକ କାର୍ଯ୍ୟ ଦିଆଗଲା । ଈଶ୍ୱରଙ୍କ ବାକ୍ୟ ସଠିକ ରୂପେ ବୁଝିବା ନିମନ୍ତେ ଏଗୁଡ଼ିକ ଆପଣଙ୍କୁ ସାହାଯ୍ୟ କରିବ :***



**ଅଭ୍ୟାସ ୧: ପାପ କ'ଣ ଅଟେ ?**

ଈଶ୍ୱରଙ୍କର ଅବାଧ ହେବା ହିଁ ପାପ ଅଟେ । ଦଶଆଜ୍ଞାରେ, ଈଶ୍ୱର ଆମକୁ କେଉଁଟା ଠିକ୍ ଓ କେଉଁଟା ଭୁଲ୍, ତାହା କହନ୍ତି (ଯାତ୍ରା୨୦:୩–୧୭) । ପ୍ରତ୍ୟେକ ଆଜ୍ଞା ଆପଣଙ୍କ ପ୍ରତି କିପରି ଉପଯୋଗୀ, ତାହା ଲେଖନ୍ତୁ ।

ଯାତ୍ରା ୨୦:୩– ''ତୁମେ ମୋ' ବ୍ୟତୀତ କୌଣସି ଦେବତାକୁ (ଈଶ୍ୱର ବୋଲି ସ୍ୱୀକାର କରିବ ନାହିଁ ।''

---

ଯାତ୍ରା ୨୦:୪– ''ତୁମେ ନିଜ ନିମନ୍ତେ କୌଣସି ପ୍ରତିମା ଗଢ଼ିବ ନାହିଁ–ଊର୍ଦ୍ଧ୍ୱସ୍ଥ ସ୍ୱର୍ଗରେ, କି ନିମ୍ନସ୍ଥ ପୃଥିବୀରେ, କି ନୀଚସ୍ଥ ଜଳ ମଧ୍ୟରେ ଥିବା କାହାରି ସାଦୃଶ୍ୟରେ ମୂର୍ତ୍ତି ନିର୍ମାଣ କରିବ ନାହିଁ ।''

---

ଯାତ୍ରା ୨୦:୭– ''ତୁମେ ଅକାରଣେ ତୁମର ପ୍ରଭୁ ଈଶ୍ୱରଙ୍କ ନାମ ଉଚ୍ଚାରଣ କରିବ ନାହିଁ । କାରଣ ଯେ ପ୍ରଭୁଙ୍କ ନାମ ଅକାରଣେ ଉଚ୍ଚାରଣ କରିବ, ସେ ତାକୁ ନିର୍ଦ୍ଦୋଷ ମନେ କରିବେ ନାହିଁ'' (ଅର୍ଥାତ୍ ଉପଯୁକ୍ତ ଭକ୍ତି ଓ ସମ୍ମାନ ନ ଦେଇ ଯିଏ ତାହାଙ୍କ ନାମ ବ୍ୟବହାର କରେ) ।

---

ଯାତ୍ରା ୨୦:୮–୧୦– ''ବିଶ୍ରାମବାରକୁ ପବିତ୍ର ରୂପେ ପାଳନ କରିବାକୁ ମନେ ରଖିବ । ଛଅ ଦିନ ପରିଶ୍ରମ କରିବ ଓ ନିଜର କାମଧନ୍ଦା କରିବ । କିନ୍ତୁ ସପ୍ତମ ଦିନଟି ତୁମର ପ୍ରଭୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିଶ୍ରାମବାର ।'' (ଟିପ୍ପଣୀ: ଖ୍ରୀଷ୍ଟ– ବିଶ୍ୱାସୀମାନେ ସାଧାରଣତଃ ରବିବାର ଦିନକୁ ଉପାସନା ଓ ବିଶ୍ରାମର ଏକ ବିଶେଷ ଦିନ ରୂପେ ପରିଗଣିତ କରନ୍ତି ।)

---

ଯାତ୍ରା ୨୦:୧୨ (ଏଫି ୬:୨,୩)– ''ତୁମର ପିତା ଓ ମାତାଙ୍କୁ ସମ୍ମାନ କରିବ, ତାହା କଲେ...ତୁମେ ଦୀର୍ଘଜୀବୀ ହେବ ।''

---

ଯାତ୍ରା ୨୦:୧୩ (ମାଥି ୫:୨୨)– ''ନରହତ୍ୟା କରିବ ନାହିଁ ।''

---

ଯାତ୍ରା ୨୦:୧୪ (ମାଥି ୫:୨୮)– ‘‘ବ୍ୟଭିଚାର କରିବ ନାହିଁ ।’’

---

ଯାତ୍ରା ୨୦:୧୫ (ଏଫି. ୪:୨୮)– ‘‘ଚୋରି କରିବ ନାହିଁ ।’’

---

ଯାତ୍ରା ୨୦:୧୬ (ଯାକୁବ ୪:୧୧, କଲ ୩:୯)– ‘‘ପ୍ରତିବେଶୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।’’

---

ଯାତ୍ରା ୨୦:୧୭ (ଲୂକ ୧୨:୧୫)– ‘‘ତୁମେ ପ୍ରତିବେଶୀର ଗୃହକୁ ଲୋଭ କରିବ ନାହିଁ, ତା’ର ପତ୍ନୀ କି ଦାସଦାସୀ, କି ଗୋରୁ, କି ଗର୍ଦ୍ଦଭ, କିମ୍ବା ତା’ର କୌଣସି ବିଷୟକୁ ଲୋଭ କରିବ ନାହିଁ ।’’

---

**ଅଭ୍ୟାସ ୨: ପାପର ଉତ୍ସ**

ଉପର ଲିଖିତ ତାଲିକାରେ ପ୍ରଦତ୍ତ ହୋଇ ନ ଥିବା ଅନ୍ୟ ପାପଗୁଡ଼ିକ ମଧ୍ୟ ଅଛି, ମାତ୍ର ସମସ୍ତ ପାପପୂର୍ଣ୍ଣ କାର୍ଯ୍ୟର ଏକ ସାଧାରଣ ଉତ୍ସ ଅଛି । ସେହି ଉତ୍ସ କ’ଣ ଅଟେ ? ଯୋହନ ୧୬:୯ ଦେଖନ୍ତୁ ।

---

*ଏଣୁ ପାପରୁ ମୁକ୍ତ ହେବା ପାଇଁ ପ୍ରଥମେ ଜଣଙ୍କୁ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିବାକୁ ପଡ଼ିବ !*

**ଅଭ୍ୟାସ ୩: ପାପୀ କିଏ ?**

ରୋମୀ ୩:୨୩ ପାଠ କରନ୍ତୁ ଓ ଆପଣଙ୍କର ଉତ୍ତର ଲେଖନ୍ତୁ ।

---

**ଅଭ୍ୟାସ ୪: ପାପର ଫଳାଫଳ କ’ଣ ଅଟେ ?**

ରୋମୀ ୬:୨୩ ପାଠ କରନ୍ତୁ ଓ ଆପଣଙ୍କର ଉତ୍ତର ଲେଖନ୍ତୁ ।

---

## *ବାଇବଲ ଅନ୍ବେଷଣ (କ୍ରମଶଃ)*

### ଅଭ୍ୟାସ ୫: ଈଶ୍ୱର ଆପଣଙ୍କର ପାପସବୁ କ୍ଷମା କରନ୍ତି

ଯୀଶୁଙ୍କ ଦ୍ୱାରା ଆପଣ ପାପକ୍ଷମା ପାଆନ୍ତି । ହାଲ୍ଲେଲୁୟା ! ନିମ୍ନଲିଖିତ ବାଇବଲ ପଦଗୁଡ଼ିକ ପାଠ କରନ୍ତୁ ଓ ***ପରିତ୍ରାଣ, ପାପକ୍ଷମା, ପାପ*** ଶବ୍ଦଗୁଡ଼ିକ ତଳେ ଗାର ଟାଣନ୍ତୁ :

ମାଥିଉ ୧:୨୧ (''ଯୀଶୁ'' ନାମର ଅର୍ଥ ପରିତ୍ରାଣ)
''ତାଙ୍କର ଏକ ପୁତ୍ର ସନ୍ତାନ ହେବ ଏବଂ ତୁମେ ତାଙ୍କୁ ଯୀଶୁ (ଅର୍ଥାତ୍ ତ୍ରାଣକର୍ତ୍ତା) ନାମ ଦେବ; କାରଣ ସେ ଆପଣା ଲୋକମାନଙ୍କୁ ପାପରୁ ପରିତ୍ରାଣ କରିବେ ।''

ମାଥିଉ ୨୬:୨୮
''ଏହା ମୋର ରକ୍ତ, ଯାହାକି ନୂତନ ଚୁକ୍ତିକୁ ମୁଦ୍ରାଙ୍କିତ କରୁଛି । ଅନେକଙ୍କ ପାପ କ୍ଷମା ନିମନ୍ତେ ଏହା ମୋର ରକ୍ତଦାନ ।''

ପ୍ରେରିତ ୧୦:୪୩
''ଭାବବାଦୀ ସମସ୍ତେ ତାଙ୍କ ବିଷୟରେ ଏହା ଲେଖିଛନ୍ତି ଯେ ଯେତେଜଣ ତାଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ଯୀଶୁଙ୍କ ନାମରେ ପାପକ୍ଷମା ପାଇବେ ।''

ପ୍ରେରିତ ୧୩:୩୮
''ଭାଇମାନେ ଶୁଣ ! ଏହି ବ୍ୟକ୍ତି ଅର୍ଥାତ୍ ଯୀଶୁଙ୍କଠାରେ ତୁମ୍ଭମାନଙ୍କ ନିମନ୍ତେ ପାପକ୍ଷମା ଅଛି ।''

### ଅଭ୍ୟାସ ୬: ଈଶ୍ୱର ପାପକୁ ଘୃଣା କରନ୍ତି, ମାତ୍ର ପାପୀକୁ ପ୍ରେମ କରନ୍ତି ।

ଜଣେ ପାପୀ ଅନୁତାପ କଲେ, କ'ଣ ହୁଏ ? ଲୂକ ୧୫:୧୦ ଦେଖନ୍ତୁ ।



**ଅଭ୍ୟାସ ୭ : ଆପଣ ଯେପରି ପରିତ୍ରାଣ ପାଇ ପାରିବେ, ଏଥି ନିମନ୍ତେ ଯୀଶୁ ପ୍ରତ୍ୟେକ ବିଷୟ ସାଧନ କଲେ ।**

୧ ପିତର ୨:୨୪ ପାଠ କରନ୍ତୁ ଓ ଶୂନ୍ୟସ୍ଥାନ ପୂରଣ କରନ୍ତୁ :

ଆମ୍ଭେମାନେ ଯେପରି ପାପ ପ୍ରତି______________________________

ଧାର୍ମିକତା ନିମନ୍ତେ ______________________ଏଥି ନିମନ୍ତେ ସେ (ଯୀଶୁ)

ଆପେ ________________ ନିଜ ଶରୀରରେ ଆମର ______________

ବହନ କଲେ ।

ଯୋହନ ୧:୨୯ କହେ: ''ପରବର୍ତ୍ତୀ ଦିନ ଯୀଶୁଙ୍କୁ ତାଙ୍କ ନିକଟକୁ ଆସୁଥିବା ଦେଖି ଯୋହନ କହିଲେ, ଦେଖ, ଈଶ୍ୱରଙ୍କ ମେଷଶାବକ ଯେ ଜଗତର ପାପ ବହି ନେଇ ଯାଆନ୍ତି ।''

ଯୀଶୁଙ୍କୁ କାହିଁକି ''ଈଶ୍ୱରଙ୍କ ମେଷଶାବକ'' କୁହାଯାଏ ? ________________

________________________________________________________

ଯୋହନ ୩:୧୬ ପାଠ କରନ୍ତୁ ଓ ନିମ୍ନରେ ଏହା ଲେଖନ୍ତୁ ।
ଏହି ପଦଟି ମୁଖସ୍ଥ କରନ୍ତୁ !

________________________________________________________

________________________________________________________

________________________________________________________

________________________________________________________


________________________________________________________



## *କାର୍ଯ୍ୟ ସମୟ*

**ଯୀଶୁ ଆପଣଙ୍କ ନିମନ୍ତେ ମୃତ୍ୟୁ ବରଣ କଲେ–ଆଉ ସେ ଆପଣଙ୍କର ଜୀବନ ପରିବର୍ତ୍ତନ କରିପାରିବେ ।**

*କଲ ୧:୧୪*




*ଆପଣଙ୍କ ନାମ ଲେଖନ୍ତୁ:*

*ଲୂକ ୧୫:୨୦*

ଯୀଶୁ ଯେସମସ୍ତ କାର୍ଯ୍ୟ ସାଧନ କଲେ, ସେ ଆପଣଙ୍କ ନିମନ୍ତେ ତାହା କଲେ । ଆପଣ ଯେପରି ତାହାଙ୍କ ସହିତ ବାସ କରିବେ, ସେଥିପାଇଁ ଉଦ୍ଧାର ପାଆନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । ଆପଣଙ୍କ ପରିତ୍ରାଣ ନିମନ୍ତେ ଆବଶ୍ୟକୀୟ ୧୦୦% କାର୍ଯ୍ୟ ଯୀଶୁ ସାଧନ କରିସାରିଛନ୍ତି ।

ଶୁଣନ୍ତୁ ! ଈଶ୍ୱର ବର୍ତ୍ତମାନ ଆପଣଙ୍କୁ ଏକ ଆଶ୍ଚର୍ଯ୍ୟଜନକ ଉପହାର ଯାଚୁଛନ୍ତି । ଆପଣ ଏହା ଦ୍ୱାରା ଈଶ୍ୱରଙ୍କ ସନ୍ତାନ ହୋଇପାରିବେ ! ଯଦି ଆପଣ ପୂର୍ବରୁ ପରିତ୍ରାଣ ନିମନ୍ତେ ପ୍ରାର୍ଥନା କରିଛନ୍ତି, ମାତ୍ର ଏହାକୁ ଗ୍ରହଣ କରିବା ବିଷୟରେ କଦାପି ନିଶ୍ଚିତ ହୋଇପାରି ନାହାନ୍ତି, ତେବେ ଆପଣ ଯେ ଈଶ୍ୱରଙ୍କ ନିଜ ସନ୍ତାନ, ଏହା ବର୍ତ୍ତମାନ ଆପଣଙ୍କର ମନ ମଧ୍ୟରେ ସଂପୂର୍ଣ୍ଣରୂପେ ଅନୁଭବ କରନ୍ତୁ ବୋଲି ଈଶ୍ୱର ଚାହାନ୍ତି । ଏହା ସହିତ ସେ ଆପଣଙ୍କୁ ସୁସ୍ଥ କରିବାକୁ ମଧ୍ୟ ଚାହାନ୍ତି । ***ଜୀବନସାରା ଈଶ୍ୱର ଆପଣଙ୍କୁ ଅପେକ୍ଷା କରି ଆସିଛନ୍ତି ।*** ଆଉ ଆପଣ ଯେତେବେଳେ ଆସନ୍ତି, ସେ ଆପଣଙ୍କୁ ଅସଂଖ୍ୟ ପ୍ରଶ୍ନ ପଚାରିବେ ନାହିଁ ! ସେ କେବଳ ପଚାରିବେ: "ତୁମେ କ'ଣ ଏହି ଉପହାର ଗ୍ରହଣ କରିବାକୁ ଇଚ୍ଛା କରୁଛ ?" ବର୍ତ୍ତମାନ ସେ ଆପଣଙ୍କୁ ଏକ ଆଶ୍ଚର୍ଯ୍ୟଜନକ ନୂତନ ଜୀବନ ପ୍ରଦାନ କରିବାକୁ ଚାହାନ୍ତି !

## ଏହା କରନ୍ତୁ !

- **ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତୁ – ସେ ଆପଣଙ୍କ କଥା ଶୁଣିପାରିବେ ।**

*ମାଥିଉ ୭:୭,୮*

ଈଶ୍ୱର ତାଙ୍କ ବାକ୍ୟରେ ପ୍ରତିଜ୍ଞା କରିଛନ୍ତି ଯେ, ଆପଣ ତାଙ୍କ ସହିତ କଥା କହିଲେ, ସେ ଆପଣଙ୍କ କଥା ଶୁଣିବେ କିମ୍ବା ବାଇବଲ ଭାଷାରେ ଏହାକୁ କୁହାଯାଏ ପ୍ରାର୍ଥନା କରିବା ।

ଆପଣ ପ୍ରାର୍ଥନା କଲେ, ସେ ଆପଣଙ୍କ ପ୍ରାର୍ଥନା ଶୁଣନ୍ତି । ଆଉ ସେ ଯାହା କରିବାକୁ ପ୍ରତିଜ୍ଞା କରିଥାନ୍ତି, ତାହା କରନ୍ତି ।

- **ଈଶ୍ୱରଙ୍କ କଥା ଶୁଣନ୍ତୁ ।**

*ପ୍ରେରିତ ୧୬:୩୧* **"ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର ଏବଂ ତୁମେ ଓ ତୁମର ପିରବାରର ସମସ୍ତେ ପରିତ୍ରାଣ ପାଇବ ।"**

*ଯୋହନ ୬:୩୭* **"ଯେଉଁମାନଙ୍କୁ ପିତା ମୋତେ ଦେଇଛନ୍ତି, ସେହିମାନେ ଆସିବେ ଏବଂ ମୁଁ ସେମାନଙ୍କୁ କଦାପି ପରିତ୍ୟାଗ କରିବି ନାହିଁ ।"**

*ପ୍ରକା ୩:୨୦* **"ଦେଖ, ମୁଁ ଦ୍ୱାର ନିକଟରେ ଠିଆ ହୋଇ ଦ୍ୱାରରେ ମାରି ଡ଼ାକୁଛି । କେହି ଯଦି ମୋର ଡ଼ାକ ଶୁଣି ଦ୍ୱାର ଫିଟାଏ, ତେବେ ମୁଁ ଭିତରକୁ ଯାଇ ତାହା ସହିତ ଭୋଜନ କରିବି ଓ ସେ ମୋ' ସହିତ ଭୋଜନ କରିବ ।"**

ଆପଣ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି

**ପୁରାତନ ଜୀବନରୁ ମୁକ୍ତି**

"ପିତା, ମୁଁ ତୁମ ନିକଟକୁ ଆସିଛି । ତୁମେ ମୋତେ ଅନ୍ଧକାର ରାଜ୍ୟରୁ ଆଲୋକ ରାଜ୍ୟ ମଧ୍ୟକୁ କଢ଼ାଇ ନେବାକୁ ପ୍ରତିଜ୍ଞା କରିଥିବାରୁ ତୁମକୁ ଧନ୍ୟବାଦ ଦେଉଛି । ମୁଁ ଜାଣେ, ମୁଁ ଜଣେ ପାପୀ । ଏଥିପାଇଁ ମୁଁ ଦୁଃଖିତ । ମୋ' ପାପରୁ ମୋତେ କ୍ଷମା କରିଦିଅ । ମୁଁ ମୋର ପୁରାତନ ଜୀବନ ପରିତ୍ୟାଗ କରି ତୁମ ସହିତ ଏକ ନୂତନ ଜୀବନ ମଧ୍ୟକୁ ପ୍ରବେଶ କରିବାକୁ ଚାହେଁ !

ଈଶ୍ୱର ଉତ୍ତର ଦିଅନ୍ତି- ହଁ !!!

**ଈଶ୍ୱର ଉତ୍ତର ଦିଅନ୍ତି**

"ସେ କ୍ରୁଶକାଠ ଉପରେ ଆମ୍ଭମାନଙ୍କର ପାପଭାର ସ୍ୱଦେହରେ ବହନ କଲେ ଯେପରି କି ଆମ୍ଭମାନଙ୍କର ପାପଜୀବନର ଅବସାନ ହେବ ଓ ଆମ୍ଭେମାନେ ଧର୍ମଜୀବନ ଯାପନ କରିବୁ ।" *୧ ପିତର ୨:୨୪*

"ସେତେବେଳେ ଈଶ୍ୱର ତୁମ୍ଭମାନଙ୍କର ପାପସମୂହ କ୍ଷମା କରି ତୁମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଜୀବନରେ ଭାଗୀ କଲେ ଏବଂ ତୁମ୍ଭମାନଙ୍କର ଆଜ୍ଞାଲଙ୍ଘନଜନିତ ପାପର ତାଲିକାକୁ ସେ ଖ୍ରୀଷ୍ଟଙ୍କ କ୍ରୁଶରେ ବିଦ୍ଧ କରି ନଷ୍ଟ କଲେ ।" *କଲ ୨:୧୩,୧୪*

ଆପଣ ଉଚ୍ଚ ସ୍ୱରରେ କହନ୍ତି ।

**ଆପଣଙ୍କର ଏକମାତ୍ର ପ୍ରଭୁ ରୂପେ ଯୀଶୁଙ୍କୁ ସ୍ୱୀକାର କରନ୍ତୁ**

"ଆଜିଠାରୁ ମୁଁ ସ୍ୱୀକାର କରେ ଯେ, ନାଜରିତର ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ମୋର ଏକମାତ୍ର ପ୍ରଭୁ । ମୁଁ ସମସ୍ତ ଦେବଦେବୀଙ୍କୁ ପରିତ୍ୟାଗ କରିଛି, ଆଉ ମୁଁ ନିଜର ଅବଶିଷ୍ଟ ଜୀବନ ସର୍ବାନ୍ତକରଣରେ ଯୀଶୁଙ୍କ ସେବା କରିବାକୁ ଚାହେଁ !

---

ଦସ୍ତଖତ ତାରିଖ

ଈଶ୍ୱର ଦୃଢ଼ରୂପେ କହନ୍ତି ହଁ !!!

**ଈଶ୍ୱର ପ୍ରତିଜ୍ଞା କରନ୍ତି**

"ତୁମେ ଯଦି ଅନ୍ୟମାନଙ୍କ ନିକଟରେ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ମୁଖରେ ସ୍ୱୀକାର କର ଓ ଈଶ୍ୱର ତାଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିଛନ୍ତି ବୋଲି ହୃଦୟରେ ବିଶ୍ୱାସ କର, ତେବେ ତୁମେ ପରିତ୍ରାଣ ପାଇବ ।" *ରୋମୀ ୧୦:୯,୧୦*

"ଆକାଶମଣ୍ଡଳ ତଳେ ମନୁଷ୍ୟମାନଙ୍କର ଅନ୍ୟ କୌଣସି ନାମ ଦିଆଯାଇ ନାହିଁ ଯଦ୍ଦ୍ୱାରା ସେମାନେ ପରିତ୍ରାଣ ପାଇପାରନ୍ତି ।" *ପ୍ରେରିତ ୪:୧୨*

ଆପଣ ଗ୍ରହଣ କରନ୍ତି

**ଈଶ୍ୱର ଯେ ସମସ୍ତ ବିଷୟ ଆପଣଙ୍କୁ ପ୍ରଦାନ କରିଅଛନ୍ତି, ସେସବୁ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦେବାକୁ ଆରମ୍ଭ କରନ୍ତୁ ।**

- *ଆପଣ ପରିତ୍ରାଣ ପାଇ ସାରିଛନ୍ତି*

**କୁହନ୍ତୁ:** "ପ୍ରଭୁ, ତୁମକୁ ଧନ୍ୟବାଦ, କାରଣ ପାପପୂର୍ଣ୍ଣ ପୁରାତନ ଜୀବନରୁ ତୁମେ ମୋତେ ରକ୍ଷା କରିଛ, ହାଲ୍ଲେଲୁୟା !"

- *ଆପଣ ସୁସ୍ଥ ହୋଇ ସାରିଛନ୍ତି*

ଆପଣ ପରିତ୍ରାଣ ପାଇଲା ପରେ, ଯୀଶୁ ଆପଣଙ୍କର ଅସୁସ୍ଥତା ମଧ୍ୟ ନେଇଗଲେ ! "ତୁମ୍ଭେମାନେ ତାଙ୍କର କ୍ଷତ ଦ୍ୱାରା ସୁସ୍ଥ ହୋଇଛ ।" (୧ ପିତର ୨:୨୪) ଆପଣଙ୍କ ଶାରୀରିକ ସୁସ୍ଥତା ନିମନ୍ତେ ତାଙ୍କୁ ଧନ୍ୟବାଦ ଦେବାକୁ ଆରମ୍ଭ କରନ୍ତୁ !

**କୁହନ୍ତୁ:** "ପ୍ରଭୁ ଯୀଶୁ ତୁମକୁ ଧନ୍ୟବାଦ ଦେଉଛି, କାରଣ ତୁମେ କ୍ରୁଶ ଉପରେ ମୋର ଅସୁସ୍ଥତାସବୁ ନେଇଯାଇଛ । ସମସ୍ତ ରୋଗରୁ ମୁଁ ସୁସ୍ଥତା ପାଇଛି ! ହାଲେଲୁ୍ୟା !" (ମାଥି. ୮:୧୭) ।

- *ଆପଣଙ୍କୁ ମୁକ୍ତ କରି ଦିଆଯାଇଛି*

"ପୁତ୍ର ଯଦି ତୁମକୁ ମୁକ୍ତି ଦିଅନ୍ତି, ତେବେ ତୁମେ ପ୍ରକୃତରେ ମୁକ୍ତ ।" (ଯୋହନ ୮:୩୬)

**କୁହନ୍ତୁ:** "ପ୍ରଭୁ, ତୁମକୁ ଧନ୍ୟବାଦ, କାରଣ ସମସ୍ତ ବନ୍ଧନକାରୀ ଶକ୍ତିରୁ ମୁଁ ଆଜି ସଂପୂର୍ଣ୍ଣ ମୁକ୍ତ ! ପ୍ରକୃତରେ ମୁଁ ଆଜି ମୁକ୍ତ !!!



## *ପ୍ରଶଂସାର ସମୟ*

*ବର୍ତ୍ତମାନ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । ସେ ଆପଣଙ୍କୁ ପ୍ରଦାନ କରିଥିବା ବିଷୟସବୁ ନିମନ୍ତେ ତାଙ୍କୁ ଧନ୍ୟବାଦ ଅର୍ପଣ କରନ୍ତୁ ।*

**ତୁମେ ମୋ’ ନିମନ୍ତେ ଯେସମସ୍ତ ବିଷୟ ସାଧନ କରିଛ, ସେଥିପାଇଁ ମୁଁ ତୁମର ପ୍ରଶଂସା ଓ ଧନ୍ୟବାଦ କରୁଛି ! ତୁମେ ଜଣେ ଅତି ଉତ୍ତମ ଈଶ୍ୱର ! ତୁମକୁ ଧନ୍ୟବାଦ, କାରଣ ଆଜି ମୁଁ ଜାଣିଲି ଯେ, ମୁଁ ରକ୍ଷାପ୍ରାପ୍ତ ହୋଇଛି, ଆଉ ଆଜି ରାତିରେ ଯଦି ମୁଁ ପ୍ରାଣତ୍ୟାଗ କରେ, ତେବେ ମୁଁ ଜାଣେ ଯେ, ମୁଁ ତୁମ ସହିତ ସ୍ୱର୍ଗରେ ରହିବାକୁ ଚାଲିଯିବି । ହାଲ୍ଲେଲୁୟା !**

(ଧନ୍ୟବାଦ ଅର୍ପଣ ଓ ପ୍ରେମର ଅନ୍ୟ ବାକ୍ୟଗୁଡ଼ିକ କହିବାକୁ ଈଶ୍ୱର ଆପଣଙ୍କୁ ସାହାଯ୍ୟ କରିବେ । ମନେ ରଖନ୍ତୁ : ଯେକୌଣସି ସମୟରେ ପ୍ରଶଂସା କରାଯାଇପାରେ !)

## *ମୁଖସ୍ଥ ସମୟ*

**ଈଶ୍ୱରଙ୍କ ବାକ୍ୟ କୁହନ୍ତୁ ଓ ମୁଖସ୍ଥ କରନ୍ତୁ**

ଏ ସପ୍ତାହରେ ମୁଖସ୍ଥ ନିମନ୍ତେ ବାଇବଲ ପଦ ଏଠାରେ ଦିଆଯାଇଛି । ଏହାକୁ ଅନେକ ଥର ଉଚ୍ଚ ସ୍ୱରରେ ପାଠ କରନ୍ତୁ । ଏହି ପାଠରୁ ଅନ୍ୟ ଦୁଇଟି ବାଇବଲ ପଦ ପସନ୍ଦ କରନ୍ତୁ ଓ ସେଗୁଡ଼ିକ ମୁଖସ୍ଥ କରନ୍ତୁ ।

**‘‘ଯେତେବେଳେ କେହି (*ଆପଣଙ୍କ ନାମ ଏଠାରେ ଲେଖନ୍ତୁ*______________________________)**

**ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ, ସେତେବେଳେ ତାହାର ଜୀବନରେ ନୂତନ ସୃଷ୍ଟିର ସଞ୍ଚାର ହୁଏ । ପୁରାତନ ଜୀବନ ଲୋପ ପାଏ; ନୂତନ ଜୀବନ ଆରମ୍ଭ ହୁଏ ।’’** *୨ କରି ୫:୧୭*

# ଆପଣ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇପାରିବେ !

**ଏହି ପାଠ ବିଷୟରେ ପଦେ :**

ବାଇବଲ କହେ : ‘‘ପବିତ୍ରଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ହୁଅ !’’ (ଏଫି ୫:୧୮) ଏହାର ଅର୍ଥ ହେଉଛି ଯେ, ଯୀଶୁଙ୍କର ପ୍ରତ୍ୟେକ ଅନୁଗାମୀ ପବିତ୍ର ଆତ୍ମା ଆବଶ୍ୟକ କରନ୍ତି । ଆପଣ ପବିତ୍ର ଆତ୍ମାଙ୍କୁ ଗ୍ରହଣ କଲେ, ଈଶ୍ୱରଙ୍କର ଶକ୍ତି ପ୍ରାପ୍ତ ହୁଅନ୍ତି ଓ ଆପଣଙ୍କ ଜୀବନ ପରିବର୍ତ୍ତନ ହୋଇଯାଏ !

ଆଜିର ବିଷୟଗୁଡ଼ିକ ହେଉଛି :

- **ପବିତ୍ର ଅତ୍ମା କିଏ ଅଟନ୍ତି ?**
- **ଆପଣ କାହିଁକି ପବିତ୍ର ଆତ୍ମାଙ୍କୁ ଆବଶ୍ୟକ କରନ୍ତି ?**
- **ପବିତ୍ର ଆତ୍ମାରେ କିପରି ପୂର୍ଣ୍ଣ ହୋଇପାରିବେ ?**



## ୧ ପବିତ୍ର ଆତ୍ମା କିଏ ଅଟନ୍ତି ?

ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ! ବର୍ତ୍ତମାନ ଆପଣ ପରିତ୍ରାଣପ୍ରାପ୍ତ ହୋଇଛନ୍ତି ! ଆପଣ ବିଶ୍ୱାସରେ ଯୀଶୁ ଖ୍ରୀଷ୍ଟଙ୍କୁ ପାଇଛନ୍ତି । ଏହା ଆପଣଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେବ । (ଆପଣଙ୍କର ପରିତ୍ରାଣ ପାଇବା ସମ୍ବନ୍ଧରେ ଯଦି ମନରେ କୌଣସି ଦ୍ୱନ୍ଦ୍ୱ ଥାଏ, ତେବେ ପାଠ ଦୁଇକୁ ସମୀକ୍ଷା କରନ୍ତୁ ।)

ଆପଣ ଯୀଶୁଙ୍କୁ ଗ୍ରହଣ କଲାପରେ କିଛି ଅନୁଭବ କରି ନ ପାରିଲେ ମଧ୍ୟ ଆପଣଙ୍କ ମଧ୍ୟରେ ତୁରନ୍ତ କିଛି ବିଷୟ ଘଟେ । ଖ୍ରୀଷ୍ଟରେ ଆପଣଙ୍କର ଯାହା କିଛି ରହିଛି, ତାହାକୁ ଆବିଷ୍କାର କରୁ କରୁ ଆପଣଙ୍କ ଜୀବନ ବିତି ଯାଇପାରେ । ଆଜି କିନ୍ତୁ ଆପଣ ପବିତ୍ର ଆତ୍ମାଙ୍କ ସେହି ସୁନ୍ଦର ଜଗତ ମଧ୍ୟକୁ ପ୍ରବେଶ କରିବେ, ଏହା ସମ୍ଭବ କାରଣ ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଛନ୍ତି ଓ ତାଙ୍କୁ ଆପଣଙ୍କ ଜୀବନର ପ୍ରଭୁ କରିଛନ୍ତି ।

## ପବିତ୍ର ଆତ୍ମା କିଏ ଅଟନ୍ତି ? *(କ୍ରମଶଃ)*

### ପବିତ୍ର ଆତ୍ମା ହେଉଛନ୍ତି ଈଶ୍ୱର – ଆଉ ସେ ଆପଣଙ୍କ ମଧ୍ୟରେ କାର୍ଯ୍ୟ କରନ୍ତି !


ପବିତ୍ର ଆତ୍ମା ହେଉଛନ୍ତି ଈଶ୍ୱର, ଆଉ ସେ ଆପଣଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରନ୍ତି ।

*୨ କରି ୩:୧୬-୧୮*
*ମାଥି ୨୮:୧୯*

ପ୍ରଥମ ତିନୋଟି ପାଠରେ, ଆପଣ ସଂପୂର୍ଣ୍ଣ ତ୍ରିତ୍ୱଙ୍କ ବିଷୟରେ ଶିକ୍ଷା କରନ୍ତି : ପିତା ଈଶ୍ୱର, ପୁତ୍ର ଈଶ୍ୱର ଓ ପବିତ୍ର ଆତ୍ମା ଈଶ୍ୱର । ମାତ୍ର ଈଶ୍ୱରଙ୍କ ବିଷୟରେ ଜାଣିବା ଅପେକ୍ଷା ତାହାଙ୍କ ସହିତ ଜୀବନଯାପନ କରିବା ବଡ଼ ବିଷୟ ଅଟେ । ଈଶ୍ୱରଙ୍କୁ ଅନୁଭବ କରିବା ଓ ତାଙ୍କ ସହିତ ନିବିଡ଼ ହେବା ନିମନ୍ତେ ପବିତ୍ର ଆତ୍ମା ଆପଣଙ୍କୁ ପରିଚାଳନା ଦେବେ । ସେ ଆପଣଙ୍କଠାରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟମାନ ଆରମ୍ଭ କରି ଦେଲେଣି, ସେ ଆପଣଙ୍କୁ ଯୀଶୁଙ୍କ ନିକଟକୁ କଢ଼ାଇ ଆଣିଛନ୍ତି, ଆଉ ତାଙ୍କ ବ୍ୟତୀତ ଆପଣ କଦାପି ଯୀଶୁଙ୍କୁ ନିଜର ପ୍ରଭୁରୂପେ ସ୍ୱୀକାର କରିପାରି ନ ଥାଆନ୍ତେ ।

ଯୀଶୁଙ୍କ ଅନୁଗମନ କରିବା ଏକ ଜ୍ଞାନଯୁକ୍ତ ନିଷ୍ପତ୍ତିର ପର୍ଯ୍ୟାୟକ୍ରମ ନୁହେଁ, ମାତ୍ର ଏକ ଆତ୍ମିକ ଜୀବନ ଶୈଳୀ ଅଟେ !

### ପୁରାତନ ନିୟମ ଆମକୁ ପବିତ୍ର ଆତ୍ମାଙ୍କ ବିଷୟରେ ପ୍ରତିଜ୍ଞା ଦିଏ




| | | |
|---|---|---|
| ***ସୃଷ୍ଟି*** | : | *ଆଦି ୧:୨* |
| ***ଯୋଷେଫ*** | : | *ଆଦି ୪୧:୩୮* |
| ***୭୦ ଜଣ ପ୍ରାଚୀନ*** | : | *ଗଣ. ୧୧:୨୫* |
| ***ଗିଦିୟୋନ*** | : | *ବିଚା ୬:୩୪* |
| ***ରାଜା ଦାଉଦ*** | : | *୧ ଶାମୁ ୧୬:୧୩* |
| ***ଏଲିୟ*** | : | *୨ ରାଜା ୨:୧୫, ୧୬* |
| ***ଭାବବାଦୀମାନଙ୍କର ଭାବବାଣୀ*** | : | *ଯିଶା ୪୪:୩, ଯିହି ୩୬:୨୬,୨୭, ଯିଖ ୪:୬* |
| ***କ୍ରମବର୍ଦ୍ଧିଷ୍ଣୁ ପ୍ରତ୍ୟାଶା*** | : | *ମାର୍କ ୧:୭,୮* |

*ଆଦି. ୧:୨*
*ଗଣ. ୧୧:୨୫*
*ଯିହି ୨:୨*

ଆମେ ସୃଷ୍ଟିର ଆରମ୍ଭରୁ ଦେଖିବା ! ସୃଷ୍ଟି ସମୟରେ ପବିତ୍ର ଆତ୍ମା ଉପସ୍ଥିତ ଥିଲେ । ଈଶ୍ୱର ଯେତେବେଳେ ଶକ୍ତିଶାଳୀ ଆଶ୍ଚର୍ଯ୍ୟକର୍ମମାନ କରନ୍ତି, ସେ ସର୍ବଦା ସେଠାରେ ଉପସ୍ଥିତ ଥାଆନ୍ତି । ସେ ଇସ୍ରାଏଲର ନେତୃବର୍ଗ ଓ ଭାବବାଦୀମାନଙ୍କ ମଧ୍ୟରେ କାର୍ଯ୍ୟ କଲେ । ମାତ୍ର ଶହ ଶହ ବର୍ଷ ଧରି ଭାବବାଦୀମାନେ ଆଉ କିଛି ଉତ୍କୃଷ୍ଟ ବିଷୟ କହି ଚାଲିଲେ । ***ସେମାନେ***

*ଯୋୟେଲ୨: ୨୮,୨୯*
*ଯିହି ୩୬: ୨୬,୨୭*

***ଭାବବାଣୀ କହିଲେ ଯେ, ପବିତ୍ର ଆତ୍ମା ସମସ୍ତ ଲୋକଙ୍କ ଉପରେ ଅବତରଣ କରିବେ,*** ପୁରୁଷ ଓ ସ୍ତ୍ରୀ, ଏପରିକି ପୁଅ ଓ ଝିଅମାନଙ୍କ ଉପରେ ମଧ୍ୟ ଅବତରଣ କରିବେ । ଆଉ ଈଶ୍ୱରଙ୍କ ଆତ୍ମା ଆସିବେ ଓ ଆମର ହୃଦୟ ପରିବର୍ତ୍ତନ କରିବେ, ଆଉ ଆମ ମଧ୍ୟରେ ସେ ପୂର୍ଣ୍ଣ ରୂପେ ପ୍ରେମ ଓ ବିଶ୍ୱାସ ତଥା ଶକ୍ତିରେ ବାସ କରିବେ । ବାଃ ! ଏ ସମସ୍ତ ଆମମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରତିଜ୍ଞା ସକଳ । ଆଉ ସେ ଯୀଶୁଙ୍କ ଦ୍ୱାରା ଏ ସବୁ ସଫଳ କଲେ ।

## ପବିତ୍ରଆତ୍ମା ମୋ ମଧ୍ୟରେ ବାସ କରନ୍ତି

ପ୍ରତ୍ୟେକେ ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ଅଜ୍ଞାତ ଭାଷାରେ କଥା କହିବାକୁ ଲାଗିଲେ । କାରଣ ପବିତ୍ରଆତ୍ମା ହିଁ ଯେଉଁମାନଙ୍କୁ ଏହି ଶକ୍ତି ଦେଲେ । ... ଏହି ପ୍ରତିଶ୍ରୁତ ଦାନ ତୁମ୍ଭମାନଙ୍କ ନିମନ୍ତେ, ତୁମ୍ଭମାନଙ୍କ ସନ୍ତାନସନ୍ତତିମାନଙ୍କ ନିମନ୍ତେ, ଏପରିକି ସୁଦୂର ଦେଶବାସୀମାନଙ୍କ ନିମନ୍ତେ, ଅର୍ଥାତ୍ ଯେତେଜଣ ଆମ୍ଭମାନଙ୍କର ପ୍ରଭୁ ଈଶ୍ୱରଙ୍କ ଆହ୍ୱାନ ପାଇଛନ୍ତି, ସେ ସମସ୍ତଙ୍କୁ ଖ୍ରୀଷ୍ଟ ଏହି ଦାନ ଦେବେ । *ପ୍ରେରିତ ୨:୪,୩୯*

ସେହି ପ୍ରଭୁ ଆତ୍ମା ଅଟନ୍ତି; ଏବଂ ସେ ଯେଉଁଠାରେ, ମୁକ୍ତି ସେହିଠାରେ । *୨ କରି ୩:୧୭*

ସେ ଆମ୍ଭମାନଙ୍କୁ ପବିତ୍ରଆତ୍ମାଙ୍କୁ ଦେଇ ଆମ ହୃଦୟ ତାଙ୍କର ପ୍ରେମରେ ଭରି ଦେଇଛନ୍ତି । *ରୋମୀ ୫:୫*


ପବିତ୍ର ଆତ୍ମାଙ୍କ ଫଳ ହେଉଛି : ପ୍ରେମ, ଆନନ୍ଦ, ଶାନ୍ତି, ସହିଷ୍ଣୁତା, ଦୟା, ଉଦାରତା, ବିଶ୍ୱସ୍ତତା, ଭଦ୍ରତା ଓ ଆତ୍ମସଂଯମ । *ଗାଲା ୫:୨୨*

ପ୍ରଭୁଙ୍କର ଆନନ୍ଦ ତୁମ୍ଭମାନଙ୍କର ବଳ । *ନିହି ୮:୧୦*

Scripture quotations are from Oriya Living New Testament, copyright © 1978 Biblica, Inc., and Oriya New India Bible Version, copyright © 1998 Biblica, Inc. All rights reserved

---

**"ଆତ୍ମା ଓ ଜୀବନର ବାକ୍ୟସମୂହ"** ଶୀର୍ଷକ ଏହି ଚାରିପୃଷ୍ଠାର ପରିଶିଷ୍ଟକୁ ପୁସ୍ତକରୁ କାଢ଼ି ନିଅନ୍ତୁ ଏବଂ ନିମ୍ନ ପ୍ରକାରେ ଏହାକୁ ଭାଙ୍ଗନ୍ତୁ ।




Copyright © 2011 Victura & FL Media.
All rights reserved
www.biblekeys.org





# *ଆତ୍ମା ଓ ଜୀବନର ବାକ୍ୟସମୂହ*

***ଆପଣଙ୍କର ଜୀବନ ଓ ପରିସ୍ଥିତିକୁ ପରିବର୍ତ୍ତିତ କରିବା ନିମନ୍ତେ ଈଶ୍ୱର ତାଙ୍କର ବାକ୍ୟ ପ୍ରେରଣ କରନ୍ତି !***

ଯୀଶୁ କହିଲେ:
"ମୁଁ ତୁମ୍ଭମାନଙ୍କୁ ଯେଉଁ ସବୁ ବାକ୍ୟ କହିଅଛି, ସେହି ସବୁ ଆତ୍ମା ଓ ଜୀବନ" ।
*ଯୋହନ ୬:୬୩*

ଏହି ସତ୍ୟ ଶକ୍ତିପୂର୍ଣ୍ଣ ଅଟେ ! ଈଶ୍ୱରଙ୍କ ବାକ୍ୟ ଅନ୍ଧକାର ଓ ହତାଶ ଭାବ ଦୂର କରେ ଓ ଅସୁସ୍ଥତା ଏବଂ କଷ୍ଟରୁ ସୁସ୍ଥତା ପ୍ରଦାନ କରେ । ତାଙ୍କ ବାକ୍ୟରେ ଭରସା କରିବା ଦ୍ୱାରା ଆପଣଙ୍କ ବ୍ୟକ୍ତିଗତ ଜୀବନରେ ପ୍ରବେଶ କରିବା ନିମନ୍ତେ ଆପଣ ଈଶ୍ୱରଙ୍କ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରନ୍ତି, ଫଳରେ ଆପଣଙ୍କର ଜୀବନ ଓ ପରିସ୍ଥିତି ତାଙ୍କ ବାକ୍ୟର ଶକ୍ତି ଦ୍ୱାରା ପରିବର୍ତ୍ତିତ ହୋଇଯାଏ !

***ଆତ୍ମା ଓ ଜୀବନର ବାକ୍ୟସମୂହ*** – ହେଉଛି ଆପଣଙ୍କ ଜୀବନରେ ଆପଣ ପ୍ରୟୋଗ କରିବା ନିମନ୍ତେ ବାଇବଲ ପଦଗୁଡ଼ିକର ଏକ ସଂକଳନ । ଏହାର ପ୍ରଥମ ଭାଗରେ, ଅନେକ ପଦ "ମୁଁ" ବା "ମୋତେ" ଆକାରକୁ ପରିବର୍ତ୍ତନ କରାଯାଇଛି, ଯେପରି ଏହା ଆପଣଙ୍କ ନିମନ୍ତେ ବ୍ୟକ୍ତିଗତ ହୋଇପାରିବ । ଆପଣ ଏହିପରି ପ୍ରତ୍ୟେକ ପଦକୁ ଆପଣଙ୍କ ନିମନ୍ତେ ବ୍ୟବହାର କରିପାରିବେ । ***ସେଗୁଡ଼ିକ ମୁଖସ୍ଥ କରନ୍ତୁ ଓ ବିଶ୍ୱାସ କରନ୍ତୁ ଯେ ଈଶ୍ୱର ନିଜର ପ୍ରତିଜ୍ଞାଗୁଡ଼ିକର ପଛରେ ଅଛନ୍ତି, ସେ ଯାହା କହନ୍ତି, ତାହା କରିବେ !***

- ଈଶ୍ୱର ଆପଣଙ୍କୁ ଭଲ ପାଇବା ବିଷୟରେ ଆପଣ ଭରସା ଲୋଡ଼ିବା ବେଳେ ପ୍ରଥମ ପଦରୁ ହିଁ ଆରମ୍ଭ କରନ୍ତୁ : ***ପିତା ମୋତେ ଏତେ ପ୍ରେମ କରିଛନ୍ତି ଯେ, ମୁଁ ନିଜେ ଈଶ୍ୱରଙ୍କ ସନ୍ତାନ ବୋଲି ଡକା ଯିବାର ଯୋଗ୍ୟ ! ଆଉ ମୁଁ ତାହା ହିଁ ଅଟେ !***
- ବାଇବଲ ପଦଗୁଡ଼ିକ ବଡ଼ ପାଟିରେ କୁହନ୍ତୁ ଓ ସେଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ । ଏହି ପଦଗୁଡ଼ିକ ଆପଣଙ୍କ ମନ ମଧ୍ୟରେ ସଞ୍ଚୟ କରି ରଖନ୍ତୁ ।
- ପ୍ରତ୍ୟେକ ସମୟରେ, ଚାଲିବା ବା ବସିଥିବା ସମୟରେ, ସେଗୁଡ଼ିକ ଉପରେ ଧ୍ୟାନ କରନ୍ତୁ, ଆପଣଙ୍କ ପରିବାର ମଧ୍ୟରେ ସେଗୁଡ଼ିକ ଆଲୋଚନା କରନ୍ତୁ ।

• ଅଳ୍ପ ସମୟ ମଧ୍ୟରେ, ଏହି ବାଇବଲ ପଦଗୁଡ଼ିକ ଆପଣଙ୍କର ମନରେ ରହିଯିବ, ଆଉ ଆବଶ୍ୟକତା ସମୟରେ ଆପଣ ଆପେ ଆପେ ସେଗୁଡ଼ିକ ବିଷୟରେ ଚିନ୍ତା କରିବାକୁ ଲାଗିବେ ।

• ଆପଣ ଯେ ଈଶ୍ୱରଙ୍କ ଉପରେ ଭରସା ରଖି ପାରିବେ, ତାହା ଈଶ୍ୱର ଆପଣଙ୍କୁ ଦେଖାଇ ଦେବେ, ସେ ତାଙ୍କର ବାକ୍ୟ ସଫଳ ହେବା ବିଷୟରେ ସତର୍କ ଦୃଷ୍ଟି ରଖନ୍ତି (ଯିରି ୧:୧୨) ।

***ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରନ୍ତୁ –ଏହା ଆପଣଙ୍କ ଜୀବନ ପରିବର୍ତ୍ତନ କରି ଦେବ !***

## ଈଶ୍ୱର ଉତ୍ତମ ଅଟନ୍ତି ଓ ସେ ମୋତେ ଭଲ ପାଆନ୍ତି

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ***ମୋତେ*** କେତେ ପ୍ରେମ କରନ୍ତି ! କାରଣ ସେ ମୋତେ ସନ୍ତାନତ୍ୱର ଅଧିକାର ଦେଇଛନ୍ତି ଏବଂ ***ମୁଁ*** ପ୍ରକୃତରେ ତାଙ୍କର ସନ୍ତାନ । *୧ଯୋହନ ୩:୧*

କାରଣ ଈଶ୍ୱର ***ମୋତେ*** ଏତେ ପ୍ରେମ କଲେ ଯେ ସେ ଆପଣାର ଏକମାତ୍ର ପୁତ୍ରଙ୍କୁ ଦେଲେ, ଏଣୁ ମୁଁ ଯଦି ତାଙ୍କଠାରେ ବିଶ୍ୱାସ କରେ, ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବି । *ଯୋହନ ୩:୧୬*

ଈଶ୍ୱର ଅନନ୍ତ ପ୍ରେମରେ ***ମୋତେ*** ପ୍ରେମ କରିଛନ୍ତି, ପ୍ରେମ ଓ ଦୟାରେ ***ମୋତେ*** ଆକର୍ଷଣ କରିଛନ୍ତି । *ଯିରିମିୟ ୩୧:୩*

***ମୁଁ*** ପାପରେ ଜୀବନ କାଟୁଥିବା ସମୟରେ ଆମ ନିମନ୍ତେ ପ୍ରାଣବଳି ଦେବାକୁ ଈଶ୍ୱର ଖ୍ରୀଷ୍ଟଙ୍କୁ ପଠାଇ ଆମ ପ୍ରତି ମହାଦୟା ପ୍ରକାଶ କରିଛନ୍ତି । *ରୋମୀ ୫:୮*

ଈଶ୍ୱର ପ୍ରେମମୟ । *୧ଯୋହନ ୪:୧୬*

ପ୍ରଭୁ କରୁଣାମୟ, ସ୍ନେହଶୀଳ ଓ ଧୀର କ୍ରୋଧୀ, ସେ ପ୍ରେମ ଓ ଦୟାରେ ମହାନ୍ । ପ୍ରଭୁ ମୋ' ପ୍ରତି ମଙ୍ଗଳମୟ ଏବଂ ତାହାଙ୍କର ସୃଷ୍ଟ ସମସ୍ତଙ୍କ ପ୍ରତି ସେ କରୁଣାମୟ । *ଗୀତ ୧୪୫:୮,୯*

ମୁଁ ନିଶ୍ଚିତଭାବେ ଜାଣେ ଯେ, କୌଣସି ବିଷୟ ଆମ୍ଭମାନଙ୍କୁ ତାହାଙ୍କ ପ୍ରେମରୁ କଦାପି ବିଚ୍ଛିନ୍ନ କରିପାରିବ ନାହିଁ; ମୃତ୍ୟୁ କି ଜୀବନ ତାହା କରିପାରିବେ ନାହିଁ; ସ୍ୱର୍ଗଦୂତମାନେ ତାହା କରିବେ ନାହିଁ ଏବଂ ନରକର ସମସ୍ତ ଶକ୍ତି ଈଶ୍ୱରଙ୍କ ପ୍ରେମକୁ ଦୂରେଇ ରଖି ପାରିବ ନାହିଁ । ବର୍ତ୍ତମାନ ନିମନ୍ତେ ଆଶଙ୍କା କି ଭବିଷ୍ୟତ୍ ନିମନ୍ତେ ଆମର ଦୁଶ୍ଚିନ୍ତା କିମ୍ବା ଆମେ ଯେଉଁଠାରେ ଥାଉ ନା କାହିଁକି – ମହାକାଶରେ ବା ଗଭୀର ସାଗର ମଧ୍ୟରେ – ଏପରି କୌଣସି ବିଷୟ ନାହିଁ ଯାହା ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ମୃତ୍ୟୁରେ ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ । *ରୋମୀ ୮:୩୮,୩୯*



ମୁଁ ଶ୍ରାନ୍ତକ୍ଳାନ୍ତ ହେଲେ, ଯୀଶୁଙ୍କ ନିକଟକୁ ଆସେ, କାରଣ ସେ କହନ୍ତି :

ହେ ଶ୍ରାନ୍ତକ୍ଳାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ; ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ତୁମ୍ଭେମାନେ ମୋର ଜୁଆଳି ବହନ କର ଓ ମୋ'ଠାରୁ ଶିଖ । କାରଣ ମୁଁ ମୃଦୁଶୀଳ ଓ ନମ୍ର । ଆଉ, ତୁମ୍ଭେମାନେ ଆତ୍ମାରେ ଶାନ୍ତି ଲାଭ କରିବ । କାରଣ ମୋହର ଜୁଆଳି କଷ୍ଟକର ନୁହେଁ, ମୋର ଭାର ହାଲୁକା । *ମାଥିଉ ୧୧:୨୮–୨୯*

ପ୍ରଭୁଙ୍କର ମହାଦୟା ସକାଶେ ଆମେ ବିନଷ୍ଟ ହୋଇ ନାହୁଁ, କାରଣ ତାହାଙ୍କ କରୁଣାର ଅନ୍ତ ନାହିଁ । ସେହିସବୁ ପ୍ରତି ପ୍ରଭାତରେ ନୂତନ, ତୁମ୍ଭର ବିଶ୍ୱସ୍ତତା ମହତ୍ । *ବିଳାପ ୩:୨୨,୨୩*

ଯେଉଁ ପ୍ରଭୁ ତୁମ ପ୍ରତି କରୁଣା କରିଛନ୍ତି, ସେ କହୁଛନ୍ତି, ''ଯଦ୍ୟପି ପର୍ବତ ସବୁ ପ୍ରକମ୍ପିତ ହୁଏ ଓ ପାହାଡ଼ସବୁ ଦୂରୀକୃତ ହୁଏ, ତଥାପି ତୁମ ପ୍ରତି ମୋର ଅଶେଷ ପ୍ରେମ ଦୂର ହେବ ନାହିଁ, କି ମୋର ଶାନ୍ତିଚୁକ୍ତି ଭଙ୍ଗ ହେବ ନହିଁ ।'' *ଯିଶାଇୟ ୫୪:୧୦*

## ପ୍ରଭୁ ମୋର ପ୍ରତିପାଳକ

ପ୍ରଭୁ ମୋ'ର ପ୍ରତିପାଳକ, ମୋ'ର ଅଭାବ ହେବ ନାହିଁ । ସେ ମୋତେ ସବୁଜ ତୃଣଭୂମିରେ ବିଶ୍ରାମ କରାନ୍ତି; ସେ ମୋତେ ସ୍ଥିର ଜଳ ପାଖେ ପାଖେ କଢ଼ାଇ ନିଅନ୍ତି । ସେ ମୋ' ପ୍ରାଣକୁ ସଂଜୀବିତ କରନ୍ତି, ସେ ନିଜ ନାମ ସକାଶେ ମୋତେ ଧର୍ମ ପଥରେ କଢ଼ାଇ ନିଅନ୍ତି । ତେଣୁ ମୁଁ ମୃତ୍ୟୁଛାୟା ରୂପ ଉପତ୍ୟକା ଦେଇ ଗଲେ ମଧ୍ୟ କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମେ ମୋ' ସହିତ ରହିଛ । ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ଆଶ୍ୱାସନା ଦିଏ । ତୁମେ ମୋ' ଶତ୍ରୁମାନଙ୍କ ସମ୍ମୁଖରେ ମୋ' ପାଇଁ ମେଜ ସଜାଉଅଛ, ତୁମ୍ଭେ ତୈଳରେ ମୋ' ମସ୍ତକ ସିକ୍ତ କରିଅଛ । ମୋ'ର ପିଆଲା ଉଚ୍ଛୁଳି ପଡୁଛି । ନିଶ୍ଚୟ ମଙ୍ଗଳ ଓ ଦୟା ମୋ' ଜୀବନର ଶେଷ ଯାଏ ମୋ' ପଛେ ପଛେ ଯିବ ଓ ମୁଁ ପ୍ରଭୁଙ୍କ ଗୃହରେ ଚିରକାଳ ବାସ କରିବି । *ଗୀତ ୨୩*

## ପ୍ରଭୁ ମୋ'ର ଆଶ୍ରୟ

ଯେ ସର୍ବୋପରିସ୍ଥଙ୍କ ଆଶ୍ରୟରେ ବାସ କରେ, ସେ ସର୍ବଶକ୍ତିମାନଙ୍କ ଛାୟା ତଳେ ଅଟଳ ରହିବ । ମୁଁ ପ୍ରଭୁଙ୍କ ସମ୍ବନ୍ଧରେ କହିବି ଯେ ସେ ମୋର ଆଶ୍ରୟ, ମୋର ଦୁର୍ଗ; ସେ ମୋର ଈଶ୍ୱର, ତାହାଙ୍କଠାରେ ମୁଁ ଭରସା ରଖିଛି । ସେ ନିଶ୍ଚୟ ତୁମକୁ ବ୍ୟାଧର ଫାନ୍ଦରୁ ଓ ମାରାତ୍ମକ ମହାମାରୀରୁ ରକ୍ଷା କରିବେ । ସେ ତୁମକୁ ନିଜ ପକ୍ଷ ତଳେ

ଆବୋରି ରଖିବେ ଏବଂ ତାହାଙ୍କ ଡେ଼ଣା ତଳେ ତୁମେ ଆଶ୍ରୟ ପାଇବ । ତାହାଙ୍କର ବିଶ୍ୱସ୍ତତା ତୁମର ଢ଼ାଲ ଓ ସୁରକ୍ଷା ବଳୟ ସ୍ୱରୂପ ହେବ । ତୁମେ ରାତ୍ରିକାଳରେ କୌଣସି ଆତଙ୍କକୁ କିମ୍ବା ଦିବସରେ କୌଣସି ମାରଣାସ୍ତ୍ରକୁ କିମ୍ବା ଅନ୍ଧକାରରେ ବ୍ୟାପୁଥିବା ମହାମାରୀକୁ କିମ୍ବା ମଧ୍ୟାହ୍ନରେ ବିନାଶକାରୀ ମଡ଼କକୁ ଭୟ କରିବ ନାହିଁ । ଯଦିବା ତୁମ ପାର୍ଶ୍ୱରେ ସହସ୍ର ଜଣ ଓ ତୁମ୍ଭ ଦକ୍ଷିଣ ପାର୍ଶ୍ୱରେ ଦଶ ସହସ୍ର ଜଣ ପତିତ ହୁଅନ୍ତି, ତଥାପି ତାହା ତୁମ ନିକଟକୁ ଆସିବ ନାହିଁ । ତୁମେ କେବଳ ସ୍ୱଚକ୍ଷୁରେ ନିରୀକ୍ଷଣ କରିବ ଓ ଦୁର୍ଜନମାନଙ୍କ ପ୍ରତି ଦଣ୍ଡ ଦେଖିବ । ମୋର ପ୍ରଭୁ ମୋର ଆଶ୍ରୟ ଏବଂ ତୁମେ ଯଦି (ସେହି) ସର୍ବୋପରିସ୍ଥଙ୍କୁ ନିଜର ନିବାସ କର, ତା'ହେଲେ ତୁମ ଉପରେ କୌଣସି ବିପତ୍ତି ପଡ଼ିବ ନାହିଁ, କିମ୍ବା ତୁମ ବସତି ନିକଟକୁ କୌଣସି ମହାମାରୀ ଆସିବ ନାହିଁ । କାରଣ ତୁମର ସମସ୍ତ ଗତିପଥରେ ତୁମକୁ ରକ୍ଷା କରିବା ପାଇଁ ସେ ତାହାଙ୍କ ଦୂତମାନଙ୍କୁ ଆଦେଶ ଦେବେ । ତୁମର ପାଦ ଯେପରି ପଥରରେ ବାଜିବ ନାହିଁ, ଏଥିପାଇଁ ସେମାନେ ତୁମକୁ ସ୍ୱହସ୍ତରେ ଟେକି ଧରିବେ । ତୁମେ ସିଂହ ଓ ବିଷଧର ସର୍ପକୁ ପାଦରେ ଦଳିବ; ତୁମେ ବଳବାନ୍ ସିଂହ ଓ କାଳସର୍ପକୁ ପଦଦଳିତ କରିବ । ପ୍ରଭୁ କହନ୍ତି, ସେ ମୋ' ପ୍ରତି ଅନୁରକ୍ତ ଥିବାରୁ ମୁଁ ତାକୁ ଉଦ୍ଧାର କରିବି । ସେ ମୋର ନାମ ସ୍ୱୀକାର କରୁଥିବାରୁ ମୁଁ ତାକୁ ରକ୍ଷା କରିବି । ସେ ମୋତେ ଡାକିଲେ ମୁଁ ଉତ୍ତର ଦେବି । ବିପଦକାଳରେ ମୁଁ ତା' ସହିତ ରହିବି ଏବଂ ତାକୁ ଉଦ୍ଧାର କରି ସମ୍ମାନିତ କରିବି । ମୁଁ ତାକୁ ଦୀର୍ଘାୟୁ ଦେଇ ସନ୍ତୁଷ୍ଟ କରିବି ଏବଂ ତା' ପ୍ରତି ମୋର ପରିତ୍ରାଣ ପ୍ରକାଶ କରିବି ।

*ଗୀତ ୯୧*

## ମୁଁ ଭୟ କରିବି ନାହିଁ

''ଭୟ କର ନାହିଁ, କାରଣ ମୁଁ ତୁମ ସଙ୍ଗରେ ଅଛି । ନିରାଶ ହୁଅ ନାହିଁ, କାରଣ ମୁଁ ତୁମର ଈଶ୍ୱର । ମୁଁ ତୁମକୁ ସବଳ କରିବି ଓ ସାହାଯ୍ୟ କରିବି; ମୁଁ ତୁମକୁ ମୋର ଧାର୍ମିକତାର ଦକ୍ଷିଣ ହସ୍ତରେ ଧରି ରଖିବି ।'' *ଯିଶାଇୟ ୪୧:୧୦*

''ଧାର୍ମିକତା ଦ୍ୱାରା ତୁମେ ପ୍ରତିଷ୍ଠିତ ହେବ; ତୁମଠାରୁ ଅତ୍ୟାଚାର ବହୁ ଦୂରରେ ରହିବ, କାରଣ ଭୟର କୌଣସି କାରଣ ନ ଥିବ । ଆତଙ୍କ ବହୁ ଦୂରକୁ ଅପସାରିତ ହେବ, ତାହା ତୁମ ନିକଟକୁ ଆସିବ ନାହିଁ ।''

*ଯିଶାଇୟ ୫୪:୧୪*

ଈଶ୍ୱର ପ୍ରେମମୟ । ଯେ ଆମ୍ଭମାନଙ୍କୁ ପ୍ରେମ କରେ, ତାହାକୁ ଭୟ କରିବାର କୌଣସି କାରଣ ନ ଥାଏ । *୧ଯୋହନ ୪:୧୬,୧୮*

ମୋର ପ୍ରାଣ କେବଳ ଈଶ୍ୱରଙ୍କର ଅପେକ୍ଷା କରେ; ମୋର ପରିତ୍ରାଣ ତାହାଙ୍କଠାରୁ ଆସେ । ସେ ହିଁ ମୋର ଶୈଳ ସ୍ୱରୂପ ଓ ମୋର ପରିତ୍ରାଣ; ସେ ମୋର ଦୃଢ଼ ଦୁର୍ଗ, ମୁଁ ଆଦୌ ବିଚଳିତ ହେବି ନାହିଁ ।

*ଗୀତ ୬୨:୧,୨*

## ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ମୁଁ ରକ୍ଷା ପାଇଛି

କାରଣ ସମସ୍ତେ ପରିତ୍ରାଣ ପାଆନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । ପୁଣି ସେମାନେ ଏହି ସତ୍ୟ ହୃଦୟଙ୍ଗମ କରନ୍ତୁ । *୧ ତୀମଥି ୨:୪*

ତାଙ୍କ ଛଡ଼ା ଆଉ କାହାରିଠାରେ ପରିତ୍ରାଣ ନାହିଁ; ଆକାଶମଣ୍ଡଳ ତଳେ ମନୁଷ୍ୟମାନଙ୍କୁ ଅନ୍ୟ କୌଣସି ନାମ ଦିଆଯାଇ ନାହିଁ ଯଦ୍ଦ୍ୱାରା ସେମାନେ ପରିତ୍ରାଣ ପାଇପାରନ୍ତି ।

*ପ୍ରେରିତ ୪:୧୨*

ଯୀଶୁ କହନ୍ତି, ''ଭୟ କର ନାହିଁ, ମୁଁ ପ୍ରଥମ ଓ ଶେଷ; ମୁଁ ଜୀବିତବାନ୍, ମୃତ ହୋଇଥିଲି କିନ୍ତୁ ଚିରଜୀବୀ ଅଟେ ଏବଂ ପରଲୋକ ଓ ମୃତ୍ୟୁର କଞ୍ଚି ମୋ' ନିକଟରେ ଅଛି ।

*ପ୍ରକା ୧:୧୭,୧୮*

ଯେତେବେଳେ କେହି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ, ସେତେବେଳେ ତାହାର ଜୀବନରେ ନୂତନ ସୃଷ୍ଟିର ସଞ୍ଚାର ହୁଏ । ପୁରାତନ ଜୀବନ ଲୋପ ପାଏ; ନୂତନ ଜୀବନ ଆରମ୍ଭ ହୁଏ ।

*୨କରିନ୍ଥୀ ୫:୧୭*

ଯେ କେହି ବିଶ୍ୱାସ କରେ ଓ କହେ, ଯୀଶୁ ଈଶ୍ୱରଙ୍କ ପୁତ୍ର, ଈଶ୍ୱର ତାହାର ହୃଦୟରେ ବାସ କରନ୍ତି ଓ ସେ ଈଶ୍ୱରଙ୍କ ସହିତ ବାସ କରେ । ଆମ୍ଭେମାନେ ଈଶ୍ୱରଙ୍କ ପ୍ରେମ ଅନୁଭବ କରିଛୁ ଏବଂ ତାଙ୍କର ପ୍ରେମରେ ବିଶ୍ୱାସ କରିଛୁ । ଈଶ୍ୱର ପ୍ରେମମୟ ଏବଂ ଯିଏ ପ୍ରେମରେ ଜୀବନ ଯାପନ କରେ, ଯେ ଈଶ୍ୱରଙ୍କ ସହିତ ବାସ କରେ ଓ ଈଶ୍ୱର ତାହାର ଅନ୍ତରରେ ବାସ କରନ୍ତି । *୧ଯୋହନ ୪:୧୫,୧୬*

କିନ୍ତୁ ଈଶ୍ୱର ଅତ୍ୟନ୍ତ କୃପାବାନ; ଆମ୍ଭମାନଙ୍କ ପ୍ରତି ତାଙ୍କର ପ୍ରେମ ଅସୀମ । ତେଣୁ ଆମ୍ଭେମାନେ ଆଧ୍ୟାତ୍ମିକଭାବେ ମୃତ ଓ ଦଣ୍ଡନୀୟ ଥିଲେ ସୁଦ୍ଧା ସେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହ ପୁନରୁଜ୍ଜୀବିତ କଲେ – ଆମ୍ଭେମାନେ ଅଯୋଗ୍ୟ ହେଲେ ହେଁ କେବଳ ତାଙ୍କର ଅନୁଗ୍ରହ ହେତୁ ପରିତ୍ରାଣ ପାଇଲୁ । ପୁଣି, ଖ୍ରୀଷ୍ଟଙ୍କ ସକାଶେ ସେ ଆମ୍ଭମାନଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରି ଖ୍ରୀଷ୍ଟଙ୍କ ସହ ଗୌରବମୟ ସ୍ୱର୍ଗୀୟ ସ୍ଥାନରେ ବସାଇଛନ୍ତି । *ଏଫି ୨:୪-୬*

ଏବେ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହୋଇଥିବାରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ହେତୁ ଈଶ୍ୱରଙ୍କ ସହ ଶାନ୍ତି ଲାଭ କରିଛୁ । ଆମ୍ଭମାନଙ୍କର ବିଶ୍ୱାସ ଯୋଗୁଁ ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଅନୁଗ୍ରହ ଲାଭର ଅନୁଭୂତି ଦେଇଛନ୍ତି ଯହିଁରେ ଆମ୍ଭେମାନେ ବର୍ତ୍ତମାନ ଜୀବନଯାପନ କରୁଛୁ ଏବଂ ଈଶ୍ୱରଙ୍କ ଗୌରବରେ ଭାଗୀ ହେବା ପାଇଁ ଆଶା ଓ ଆନନ୍ଦରେ ଅପେକ୍ଷା କରୁଛୁ । *ରୋମୀ ୫:୧,୨*

କାରଣ ସେ ଶୟତାନର ଅନ୍ଧକାର ରାଜ୍ୟରୁ ଆମ୍ଭମାନଙ୍କୁ ଉଦ୍ଧାର କରି ଆପଣା ପ୍ରିୟ ପୁତ୍ରଙ୍କ ରାଜ୍ୟର ଅଧିବାସୀ କରିଛନ୍ତି । ତାଙ୍କର ପୁତ୍ର ଆପଣା ରକ୍ତ ଦାନ କରି ଆମ୍ଭମାନଙ୍କର ମୁକ୍ତିର ମୂଲ୍ୟ ଦେଇଛନ୍ତି ଓ ଆମ୍ଭମାନଙ୍କର ସମସ୍ତ ପାପ କ୍ଷମା କରିଛନ୍ତି । *କଲସୀୟ ୧:୧୩-୧୪*

କ୍ରୁଶରେ ଖ୍ରୀଷ୍ଟଙ୍କର ଶାରୀରିକ ମୃତ୍ୟୁ ଦ୍ୱାରା ସେ ଏହା ସାଧନ କରିଛନ୍ତି । ଫଳତଃ, ଖ୍ରୀଷ୍ଟ ତୁମ୍ଭମାନଙ୍କୁ ପବିତ୍ର, ନିଷ୍କଳଙ୍କ, ନିର୍ଦ୍ଦୋଷ ଭାବରେ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ କରାଇଛନ୍ତି । *କଲସୀ ୧:୨୨*

## ମୁଁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଧନ୍ୟ

ସେ ଯଦି ତାଙ୍କର ପୁତ୍ରଙ୍କୁ ସୁଦ୍ଧା ରକ୍ଷା ନ କରି ଆମ ପାଇଁ ସମର୍ପି ଦେଲେ, ତେବେ ସେ କ'ଣ ଅନ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଦେବେ ନାହିଁ ? *ରୋମୀ ୮:୩୨*

ତେଣୁ ପୁତ୍ର ଯଦି ତୁମକୁ ମୁକ୍ତି ଦିଅନ୍ତି, ତେବେ ତୁମେ ପ୍ରକୃତରେ ମୁକ୍ତ । *ଯୋହନ ୮:୩୬*

ମୁଁ ଖ୍ରୀଷ୍ଟଙ୍କ ପ୍ରଦତ୍ତ ଶକ୍ତିରେ ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସମସ୍ତ କାର୍ଯ୍ୟ କରିପାରେ । *ଫିଲିପି ୪:୧୩*

ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପିତା ଈଶ୍ୱରଙ୍କର ପ୍ରଶଂସା ହେଉ । ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ସମସ୍ତ ସ୍ୱର୍ଗୀୟ ଆଶୀର୍ବାଦରେ ପୂର୍ଣ୍ଣ କରିଛନ୍ତି । *ଏଫି ୧:୩*

ଆଉ, ଈଶ୍ୱର ଖ୍ରୀଷ୍ଟଯୀଶୁଙ୍କ ହେତୁ ତାଙ୍କ ଗୌରବର ଧନଭଣ୍ଡାରରୁ ତୁମ୍ଭମାନଙ୍କର ସମସ୍ତ ଅଭାବ ପୂରଣ କରିବେ । *ଫିଲିପ୍ପୀ ୪:୧୯*

ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କର ପ୍ରେମ ଓ ଦୟା ଯେ ଅସୀମ, ତାହା ତୁମ୍ଭେମାନେ ଜାଣ । ସେ ଧନବାନ ହୋଇ ସୁଦ୍ଧା ତୁମ୍ଭମାନଙ୍କ ସକାଶେ ଦରିଦ୍ର ହେଲେ, ଯେପରି କି ଦରିଦ୍ର ହେବା ଦ୍ୱାରା ସେ ତୁମ୍ଭମାନଙ୍କୁ ଧନବାନ କରିପାରିବେ । *୨ କରି ୮:୯*

ଯୀଶୁ କହିଲେ, ''ହେ କ୍ଷୁଦ୍ର ପଲ, ଭୟ କର ନାହିଁ । କାରଣ ତୁମ୍ଭମାନଙ୍କୁ ସେହି ରାଜ୍ୟ ଦେବା ପାଇଁ ତୁମ୍ଭମାନଙ୍କର ପିତାଙ୍କର ମହାଆନନ୍ଦ ।'' *ଲୂକ ୧୨:୩୨*



ଯୀଶୁ କହିଲେ, ''ଯେ ମୃତମାନଙ୍କୁ ପୁନରୁତ୍ଥିତ କରି ପୁନର୍ବାର ଜୀବନ ଦିଅନ୍ତି, ମୁଁ ସେହି ପୁନରୁତ୍ଥାନ ଓ ଜୀବନର କର୍ତ୍ତା । ଯେକେହି ମୋ'ଠାରେ ବିଶ୍ୱାସ କରେ, ସେ ଅନ୍ୟ ସମସ୍ତଙ୍କ ପରି ମଲେ ମଧ୍ୟ ପୁଣି ବଞ୍ଚିବ । *ଯୋହନ ୧୧:୨୫*

ସେ ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞାବାକ୍ୟ ସଫଳ କରନ୍ତି । ସେଥିପାଇଁ ତାଙ୍କର ବିଶ୍ୱସ୍ତତା ଆମ୍ଭେମାନେ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରି ତାଙ୍କ ନାମକୁ ମହିମାନ୍ୱିତ କରିଛୁ । *୨ କରନ୍ଥୀ ୧:୨୦*

ପ୍ରାର୍ଥନା କରି ଯାହା କିଛି ମାଗ, ତାହା ପାଇଛ ବୋଲି ଯଦି ବିଶ୍ୱାସ କର, ତେବେ ତାହା ପାଇବ । *ମାର୍କ ୧୧:୨୪*

ଯୀଶୁ କହିଲେ, ''ଦେଖ ! ସାପ ଓ ବିଛାମାନଙ୍କୁ ପଦଦଳିତ କରିବାକୁ ମୁଁ ତୁମ୍ଭମାନଙ୍କୁ କ୍ଷମତା ଦେଇଛି, ଏପରିକି ମହାଶତ୍ରୁର ସମସ୍ତ ଶକ୍ତି ଉପରେ ତୁମ୍ଭମାନଙ୍କୁ କ୍ଷମତା ଦେଇଛି । କିଛି ହିଁ ତୁମ୍ଭମାନଙ୍କର ଅନିଷ୍ଟ କରିବ ନାହିଁ ! *ଲୂକ ୧୦:୧୯*

ଯେ ତୁମ୍ଭମାନଙ୍କ ହୃଦୟରେ ବାସ କରନ୍ତି, ସେ ଏହି ମନ୍ଦ ଜଗତର ଯେ କୌଣସି ମନ୍ଦ ଗୁରୁଠାରୁ ଅଧିକ ଶକ୍ତିଶାଳୀ । *୧ ଯୋହନ ୪:୪*

ସେମାନେ 'ମେଷଶାବକ'ଙ୍କ ରକ୍ତ ଦ୍ୱାରା ଓ ସତ୍ୟ ବାଣୀର ସାକ୍ଷ୍ୟ ଦ୍ୱାରା ତାହାକୁ ପରାସ୍ତ କରିଛନ୍ତି । *ପ୍ରକାଶିତ ୧୨:୧୧*

ଯୀଶୁ ଆମ୍ଭମାନଙ୍କର ପୀଡ଼ା ସବୁ ଦୂର କଲେ ଓ ବ୍ୟାଧି ସବୁ ବୋହି ନେଲେ । *ମାଥିଉ ୮:୧୭*

ସେ କ୍ରୁଶକାଠ ଉପରେ ଆମ୍ଭମାନଙ୍କର ପାପଭାର ସ୍ୱଦେହରେ ବହନ କଲେ ଯେପରି କି ଆମ୍ଭମାନଙ୍କର ପାପଜୀବନର ଅବସାନ ହେବ ଓ ଆମ୍ଭେମାନେ ଧର୍ମଜୀବନ ଯାପନ କରିବୁ । ତୁମ୍ଭେମାନେ ତାଙ୍କର କ୍ଷତ ଦ୍ୱାରା ସୁସ୍ଥ ହୋଇଛ । *୧ପିତର ୨:୨୪*

## ପବିତ୍ର ଆତ୍ମା ମୋ'ଠାରେ ବାସ କରନ୍ତି

ପ୍ରତ୍ୟେକେ ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ଅଜ୍ଞାତ ଭାଷାରେ କଥା କହିବାକୁ ଲାଗିଲେ । କାରଣ ପବିତ୍ରଆତ୍ମା ହିଁ ସେମାନଙ୍କୁ ଏହି ଶକ୍ତି ଦେଲେ । ... ଏହି ପ୍ରତିଶ୍ରୁତି ଦାନ ତୁମ୍ଭମାନଙ୍କ ନିମନ୍ତେ, ତୁମ୍ଭମାନଙ୍କ ସନ୍ତାନସନ୍ତତିମାନଙ୍କ ନିମନ୍ତେ, ଏପରିକି ସୁଦୂର ଦେଶବାସୀମାନଙ୍କ ନିମନ୍ତେ, ଅର୍ଥାତ୍ ଯେତେଜଣ ଆମ୍ଭମାନଙ୍କ ପ୍ରଭୁ ଈଶ୍ୱରଙ୍କର ଆହ୍ୱାନ ପାଇଛନ୍ତି, ସେସମସ୍ତଙ୍କୁ ଖ୍ରୀଷ୍ଟ ଏହି ଦାନ ଦେବେ । *ପ୍ରେରିତ ୨:୪,୩୯*

## ଯୀଶୁ ନିଜେ ପବିତ୍ର ଆତ୍ମାରେ ପୂର୍ଣ୍ଣ ଥିଲେ

ଲୂକ ୧:୩୫ ବାଇବଲ ସ୍ପଷ୍ଟରୂପେ କହେ ଯେ, ଯୀଶୁ କେବଳ ଆତ୍ମାରେ ଜନ୍ମ ହୋଇ ନ ଥିଲେ,
ଲୂକ ୪:୧ ମାତ୍ର ସେ ମଧ୍ୟ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇଥିଲେ ଓ ଅଭିଷିକ୍ତ ହୋଇଥିଲେ (ଏହାର
ପ୍ରେରିତ ୧୦:୩୮ ଅର୍ଥ, ଆତ୍ମା ତାଙ୍କଠାରେ ପୂର୍ଣ୍ଣରୂପେ ଥିଲେ ଓ ତାଙ୍କ ମଧ୍ୟ ଦେଇ କାର୍ଯ୍ୟ କଲେ) ।
୧ଯୋହନ ୪:୧୭ ଆଉ ସେ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେଉଥିଲେ, ଠିକ୍ ଏହିପରି ଆପଣ ଓ ମୁଁ ମଧ୍ୟ
ଯୋହନ ୧୪:୧୨ ପରିଚାଳିତ ହୋଇପାରିବୁ ।

ଆମେ ଯୀଶୁଙ୍କ ସଦୃଶ କଦାପି ହୋଇ ପାରିବୁ ନାହିଁ କାରଣ ସେ ଈଶ୍ୱର ଅଟନ୍ତି । କିନ୍ତୁ ସେ ତାଙ୍କର ଅନୁଗାମୀମାନଙ୍କୁ ତାଙ୍କ ସଦୃଶ ହେବାକୁ କୁହନ୍ତି । ଏପରିକି ସେ ପ୍ରତିଜ୍ଞା କରି କହିଲେ ଯେ, ସେ ଯେପରି କାର୍ଯ୍ୟ ସବୁ ସାଧନ କରୁଥିଲେ, ସେପରି ଓ ତା'ଠାରୁ ଅଧିକ ମହାନ୍ ଆଶ୍ଚର୍ଯ୍ୟକର୍ମମାନ ଆମେ ସାଧନ କରିପାରିବୁ । କିପରି ? ପବିତ୍ର ଆତ୍ମାଙ୍କ ଦ୍ୱାରା ! ଏହା କିପରି ଘଟେ, ତାହା ଏହି ପାଠରେ ଆପଣ ଶିକ୍ଷା କରିବେ ।

### ଯୀଶୁ ଓ ଆତ୍ମା

| | | |
|---|---|---|
| ଯୀଶୁଙ୍କ ଜନ୍ମ | • ଆତ୍ମାଙ୍କ ଦ୍ୱାରା ଗର୍ଭଧାରଣ | ଲୂକ ୧:୩୫ |
| | • ମରିୟମଙ୍କଠାରୁ ଜାତ | ଲୂକ ୨:୭ |
| | • ଯୀଶୁ ୩୦ ବର୍ଷ ପର୍ଯ୍ୟନ୍ତ ଜ୍ଞାନ ଓ ଶକ୍ତିରେ ବୃଦ୍ଧି ପାଇଲେ | ଲୂକ ୨:୪୦ |
| ଆତ୍ମାରେ ସେବାକାର୍ଯ୍ୟ | • ଯୀଶୁ ବାପ୍ତିସ୍ମ ନେଲେ ଓ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ | ଲୂକ ୩:୨୧,୨୨, ୪:୧ |
| | • ଆତ୍ମାଙ୍କ ଶକ୍ତିରେ (ତିନିବର୍ଷ) ସେବାକର୍ଯ୍ୟ | ପ୍ରେରିତ ୧୦:୩୮ |
| | • ଆମ ନିକଟକୁ ଆତ୍ମାଙ୍କୁ ପ୍ରେରଣା କରିବାର ପ୍ରତିଜ୍ଞା | ଯୋହନ ୧୬:୭ |
| † ଯୀଶୁ ଆତ୍ମାଙ୍କୁ ପ୍ରଦାନ କରନ୍ତି | • ଯୀଶୁ ମୃତ୍ୟୁବରଣ କଲେ ଓ ପୁନରୁତ୍‌ଥିତ ହେଲେ | ଯୋହନ ୨୦-୨୧ |
| | • ଯୀଶୁ ଆତ୍ମାଙ୍କୁ ପ୍ରଦାନ କରନ୍ତି | ପ୍ରେରିତ ୨ |

## ଆମକୁ ପବିତ୍ର ଆତ୍ମାଙ୍କୁ ଦେବେ ବୋଲି ଯୀଶୁ ପ୍ରତିଜ୍ଞା କଲେ

ଯୋହନ ୧୬:୫-୭ ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଏକ ବିଶେଷ କଥା କହିଲେ: "ମୋର ଚାଲିଯିବା
ଯୋହନ ୧୭:୨୬ ତୁମ୍ଭମାନଙ୍କ ପକ୍ଷେ ମଙ୍ଗଳଜନକ । କାରଣ ମୁଁ ଯଦି ନ ଯାଏ, ତେବେ ସାନ୍ତ୍ୱନାଦାତା (ପବିତ୍ର ଆତ୍ମା) ଆସିବେ ନାହିଁ ।" ସେହି ଅନେକ ବର୍ଷ ତଳେ, ଇସ୍ରାଏଲରେ ଯୀଶୁଙ୍କ ସହିତ ରହିବାଠାରୁ ଅଧିକ ଉତ୍ତମ ବିଷୟ ଆପଣ କଳ୍ପନା କରିପାରୁଛନ୍ତି କି ? ତଥାପି ଯୀଶୁ ପ୍ରତିଜ୍ଞା କଲେ ଯେ, ପବିତ୍ର ଆତ୍ମାଙ୍କ ମଧ୍ୟଦେଇ ସେ ସର୍ବଦା ଆମ୍ଭମାନଙ୍କଠାରେ ବାସ କରିବେ !

ଲୂକ ୨୪:୪୯ ଜଗତରେ ବାସ କରିବାର ଅନ୍ତିମ ଦିନଗୁଡ଼ିକରେ, ଯୀଶୁ ପବିତ୍ର ଆତ୍ମାଙ୍କୁ ପ୍ରେରଣ
ଯୋହନ ୧୪:୧୬ କରିବାକୁ ପ୍ରତିଜ୍ଞା କଲେ : "ମୋହର ପିତା ଯାହା ପ୍ରତିଜ୍ଞା କରି ଅଛନ୍ତି, ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି, କିନ୍ତୁ ତୁମ୍ଭେମାନେ ଊର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଏହି ନଗରରେ ରହିଥାଅ ।" ଏହା ସ୍ପଷ୍ଟ ଯେ, ଯୀଶୁଙ୍କ ସ୍ୱର୍ଗାରୋହଣ ପରେ, ସେ ତାଙ୍କ ଅନୁଗାମୀମାନଙ୍କଠାରୁ ଯେସମସ୍ତ କାର୍ଯ୍ୟ ସାଧନ ଆଶା କରୁଥିଲେ, ପବିତ୍ର
ପ୍ରେରିତ ୧:୪,୫ ଆତ୍ମାଙ୍କ ଉପସ୍ଥିତି ସେଥିନିମନ୍ତେ ଜରୁରୀ ଥିଲା । ପୂର୍ବରୁ ସେ ସେମାନଙ୍କୁ କହିଥିଲେ: "ପିତା ଈଶ୍ୱରଙ୍କ ପ୍ରତିଜ୍ଞାନୁସାରେ ତୁମ୍ଭମାନଙ୍କଠାରେ ପବିତ୍ରଆତ୍ମା ଅବତୀର୍ଣ୍ଣ ନ ହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଯିରୂଶାଲମ ତ୍ୟାଗ କରିବ ନାହିଁ ।" ସେ ଆହୁରି ମଧ୍ୟ କହିଲେ: ***"ତୁମ୍ଭେମାନେ ଅଳ୍ପ ଦିନ ମଧ୍ୟରେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବ ।"***



## ୨ ଯୀଶୁ ପବିତ୍ର ଆତ୍ମାରେ ଡୁବନ ଦିଅନ୍ତି

ଯୀଶୁ ଜାଣିଥିଲେ ଯେ, ତାଙ୍କର ବନ୍ଧୁମାନଙ୍କ ମଧ୍ୟରେ ଆତ୍ମା କାର୍ଯ୍ୟ ନ କଲେ,
ଇଶ୍ୱରଙ୍କ ଶକ୍ତି ଓ ଇଶ୍ୱରଙ୍କ ପ୍ରେମ ସେମାନଙ୍କ ମଧ୍ୟରେ ପ୍ରବାହିତ ହୋଇ ପାରିବ ନାହିଁ ।
ପବିତ୍ର ଆତ୍ମାଙ୍କ ବିନା ମନୁଷ୍ୟ ଜାତି ନିମନ୍ତେ ଇଶ୍ୱରଙ୍କ ଯୋଜନା ସଫଳ ହୋଇ ପାରିବ
*ଯିଖ ୪:୬* ନାହିଁ । ଏହା ଆପଣଙ୍କ ପାଇଁ ଓ ମୋ' ପାଇଁ ମଧ୍ୟ ପ୍ରଯୁଜ୍ୟ : ଆମ୍ଭମାନଙ୍କ ପାଇଁ
ଇଶ୍ୱରଙ୍କ ଦ୍ୱାରା ସ୍ଥିରୀକୃତ ଜୀବନ ଯାପନ ନିମନ୍ତେ ଆମେ ପବିତ୍ର ଆତ୍ମାଙ୍କୁ ଆବଶ୍ୟକ
*ଯୋହନ ୧୬:୭* କରୁ । ଆତ୍ମାଙ୍କୁ ପଠାଇବା ବିଷୟରେ ଯୀଶୁ ଯେଉଁ ପ୍ରତିଜ୍ଞା କରିଥିଲେ ତଦ୍ଦ୍ୱାରା ସେ
କ'ଣ ଚାହୁଁଥିଲେ, ତାହା ବର୍ତ୍ତମାନ ଆମେ ଦେଖିବା ।

### ୧ । ଆପଣଙ୍କର ଅନ୍ତର୍ନିହିତ ବ୍ୟକ୍ତିତ୍ୱରୁ ଆତ୍ମା ନଦୀ ସଦୃଶ ପ୍ରବାହିତ ହେବେ

ପବିତ୍ର ଆତ୍ମାଙ୍କ ବିଷୟରେ ଯୀଶୁ ସର୍ବଦା ଦୃଢ଼ତାର ସହ କହୁଥିଲେ, କାରଣ ସେ
ଚାହୁଁଥିଲେ ଯେ ଲୋକମାନେ ତାଙ୍କ ବିଷୟ ଜାଣନ୍ତୁ । ଯୀରୁଶାଲମ ଲୋକଗହଳିରେ
ପୂର୍ଣ୍ଣ ଥିବା ସମୟରେ ସେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ ପବିତ୍ର ଆତ୍ମାଙ୍କ ବିଷୟ
*ଯୋହନ ୭:୩୭-୩୯* କହିବାକୁ ଲାଗିଲେ : ''କେହି ଯେବେ ତୃଷାର୍ତ୍ତ, ତେବେ ସେ ମୋ' ନିକଟକୁ ଆସି
ପାନ କରୁ । କାରଣ ଧର୍ମଶାସ୍ତ୍ରର ବଚନ ଅନୁସାରେ ମୋ'ଠାରେ ଯେ ବିଶ୍ୱାସ
କରେ, ତାହାର ଅନ୍ତର ମଧ୍ୟରୁ ଜୀବନ୍ତ ***ଜଳସ୍ରୋତ*** ପ୍ରବାହିତ ହେବ । (ଯୀଶୁଙ୍କଠାରେ
ବିଶ୍ୱାସକାରୀ ପ୍ରତ୍ୟେକଙ୍କୁ ଯେଉଁ ପବିତ୍ରଆତ୍ମା ଦତ୍ତ ହେବେ ତାହାଙ୍କ ବିଷୟରେ ସେ
ଏହା କହିଥିଲେ ।)'' ଏଠାରେ ଯେଉଁ 'ଯେ କେହି' ଶବ୍ଦ କୁହାଯାଇଛି, ତାର ଅର୍ଥ
ହେଉଛି, ଯେକୌଣସି ବ୍ୟକ୍ତି । ଯେ କେହି ବିଶ୍ୱାସ କରନ୍ତି, ସେ ପବିତ୍ର ଆତ୍ମାଙ୍କର
*ଯିଖ ୧୪:୮* ଜୀବନ ପ୍ରଦାନକାରୀ ଶକ୍ତିର ଅନୁଭୂତି ଲାଭ କରିବେ । ଆଉ ସେ ଆସିଲେ, ଆପଣ
*ଯିଶା ୧୨:୩* ନିଶ୍ଚୟ ଭିନ୍ନତା ଲକ୍ଷ୍ୟ କରିବେ: ଆପଣଙ୍କଠାରୁ ଇଶ୍ୱରଙ୍କ ନିଜ ଜୀବନର ଶକ୍ତିଯୁକ୍ତ
ଜଳସ୍ରୋତ ନିର୍ଗତ ହେବ !

*ପ୍ରେରିତ ୧:୫*

### ୨ । ଯୀଶୁ କହିଲେ: ''ଆପଣ ପବିତ୍ର ଆତ୍ମାରେ ଡୁବିତ ହେବେ ।''

ନୂତନ ନିୟମର ଅଧିକାଂଶ ପୁସ୍ତକ ଗ୍ରୀକ୍ ଭାଷାରେ ଲିଖିତ ହୋଇଥିଲା । ଗ୍ରୀକ୍ ଭାଷାରେ ''ବାପ୍ତିସ୍ମ ଦେବା'' ଅର୍ଥ ''ଜଳରେ ବୁଡ଼ାଇବା'' ''ଗଭୀରକୁ ନେଇଯିବା,'' ''ନିମଗ୍ନ କରିବା ।'' ଏହାର ଅର୍ଥ 'ବୁଡ଼ିଯିବା' ମଧ୍ୟ ହୋଇପାରେ । ଆପଣ ପବିତ୍ର ଆତ୍ମାରେ ସଂପୂର୍ଣ୍ଣ ବୁଡ଼ି ଯାଆନ୍ତୁ (ଡୁବିତ ହୁଅନ୍ତୁ) ତାହା ଯୀଶୁ ଚାହାନ୍ତି, ସେଥିପାଇଁ ସେ ଆପଣଙ୍କ ମଧ୍ୟରେ, ଆପଣଙ୍କ ବାହାରେ ଓ ଆପଣଙ୍କ ଚତୁଃପାର୍ଶ୍ୱରେ ଅଛନ୍ତି । ଏହା ଘଟିଲେ, ଆପଣ ନିଜ ଜୀବନରେ ଏକ ବ୍ୟାପକ ଭିନ୍ନତା ଅନୁଭବ କରିବେ । ଯୀଶୁଙ୍କର ବନ୍ଧୁମାନେ ତାଙ୍କଠାରେ ଡୁବିତ ହେବା ପରେ, ପବିତ୍ର ଆତ୍ମା ସେମାନଙ୍କ ମଧ୍ୟରେ ଯେଉଁ ଭିନ୍ନତା ସୃଷ୍ଟି କଲେ, ତାହା ଦେଖନ୍ତୁ:

*ମାଥି ୨୬:୬୯-୭୫*
- ପିତର ଦିନେ ଅତ୍ୟନ୍ତ ଭୀରୁ ଥିଲେ, ମାତ୍ର ଜଣେ ନିର୍ଭୀକ ସାକ୍ଷୀ ହେଲେ ! ଆପଣ ମଧ୍ୟ ଏପରି ହୋଇପାରିବେ ।

*ପ୍ରେରିତ ୨:୧୪*
- ସେମାନେ ସମସ୍ତେ ପରଭାଷାରେ କଥା କହିବାକୁ ଲାଗିଲେ ! ଆପଣ ମଧ୍ୟ କହିପାରିବେ !

*ପ୍ରେରିତ ୨:୨-୪* *ପ୍ରେରିତ ୨:୪୦-୪୧*
- ବିଶ୍ୱାସୀମାନଙ୍କର ସେହି ପ୍ରାଥମିକ ଛୋଟ ଦଳ ଏକ ଦ୍ରୁତ ବୃଦ୍ଧିପ୍ରାପ୍ତ ମଣ୍ଡଳୀରେ ପରିଣତ ହେଲା, ପ୍ରତିଦିନ ନୂଆ ଲୋକମାନେ ଯୀଶୁଙ୍କ ନିମନ୍ତେ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବାକୁ ଲାଗିଲେ । ଆପଣ ମଧ୍ୟ ଯୀଶୁଙ୍କ ପାଇଁ ଅନ୍ୟମାନଙ୍କୁ ଜୟ କରିପାରିବେ !

*ପ୍ରେରିତ ୨:୪୭, ୬:୭*
- ଯୀଶୁଙ୍କ ନିକଟରେ ଯେଉଁ ସୁସ୍ଥକାରୀ ଶକ୍ତି ଥିଲା, ତାହା ବର୍ତ୍ତମାନ ତାଙ୍କର ସମସ୍ତ ଅନୁଗାମୀଙ୍କଠାରେ ରହିଛି । ଏହା ଆପଣଙ୍କ ଜୀବନରେ ମଧ୍ୟ ରହିପାରିବ !

*ପ୍ରେରିତ ୩:୧-୧୦* *ରୋମୀ ୫:୫*
- ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ହଜାର ହଜାର ସଂଖ୍ୟକ ବିଶ୍ୱାସୀ ଇଶ୍ୱରଙ୍କ ପ୍ରେମରେ ବସବାସ କରିବାକୁ ଲାଗିଲେ । ସେମାନେ ପରସ୍ପର ସହିତ ସମସ୍ତ ବିଷୟର ସହଭାଗୀ ହେଲେ, ଆଉ ବ୍ୟବହାରିକ କ୍ଷେତ୍ରରେ ପରସ୍ପରକୁ ସାହାଯ୍ୟ କଲେ । ପବିତ୍ର ଆତ୍ମା ଆପଣଙ୍କ ଜୀବନରେ ମଧ୍ୟ

ପ୍ରେରିତ ୪:୩୨-୩୫ ଏ ପ୍ରକାର ପ୍ରେମ ସୃଷ୍ଟି କରନ୍ତି ! ଯୀଶୁଙ୍କଠାରେ ବିଶ୍ୱାସୀକାରୀ ସମସ୍ତଙ୍କ ନିମନ୍ତେ ସେ ହେଉଛନ୍ତି ପିତାଙ୍କର ସେହି ପ୍ରତିଜ୍ଞାତ ଦାନ, ଆଉ ସେ ଏହି ଜଗତରେ ସମସ୍ତ ପ୍ରକାର ଭିନ୍ନତା ସୃଷ୍ଟି କରନ୍ତି !

## ୩. ପବିତ୍ର ଆତ୍ମାଙ୍କ ଯୁଗ ଆରମ୍ଭ ହେଲା

ପବିତ୍ର ଆତ୍ମା ଯେଉଁ ଦିନ ଆସିଲେ, ତାହା ଜଗତ ଇତିହାସର ଏକ ପରିବର୍ତ୍ତନର ଦିନ ଥିଲା । ଶହ ଶହ ବର୍ଷ ପୂର୍ବେ ଯାହା ପ୍ରତିଜ୍ଞା କରାଯାଇଥିଲା, ତାହା ବର୍ତ୍ତମାନ ବାସ୍ତବରେ ପରିଣତ ହେଲା । ଏକ ନୂତନ ଯୁଗର ଅଭ୍ୟୁଦୟ ହେଲା–ପବିତ୍ର ଆତ୍ମାଙ୍କ ଯୁଗ । ଆଜି
ପ୍ରେରିତ ୨:୨-୪ ଆମେ ମଧ୍ୟ ସେହି ଯୁଗରେ ଅବସ୍ଥାନ କରୁଛୁ । ''ହଠାତ୍ ସେମାନଙ୍କ ଉପରେ ଆକାଶରୁ ପ୍ରଚଣ୍ଡ ଝଡ଼ପବନର ଗର୍ଜ୍ଜନ ଭଳି ଶବ୍ଦ ହେଲା ଏବଂ ତାହା ସେମାନ ଏକତ୍ରିତ ହୋଇଥିବା ଗୃହର ଚାରିଆଡ଼େ ବ୍ୟାପିଗଲା । ***... ପ୍ରତ୍ୟେକେ ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ଅଜ୍ଞାତ ଭାଷାରେ କଥା କହିବାକୁ ଲାଗିଲେ ।*** କାରଣ ପବିତ୍ରଆତ୍ମା ହିଁ ସେମାନଙ୍କୁ ଏହି ଶକ୍ତି ଦେଲେ ।'' ପବିତ୍ର ଆତ୍ମା ସେମାନଙ୍କର ଜୀବନକୁ ପରିବର୍ତ୍ତନ କଲେ, ଆଉ ସେମାନଙ୍କ ଦ୍ୱାରା ସମସ୍ତ ଯୀରୁଶାଲମ ମଧ୍ୟ ପରିବର୍ତ୍ତନ ହେଲା । ପବିତ୍ର ଆତ୍ମାଙ୍କ ଶକ୍ତି ଓ ପ୍ରେମ ଅବିରତ ପ୍ରବାହିତ ହେଉଥିଲା ! ଏହି ଜୀବନ ପରିବର୍ତ୍ତନକାରୀ ଘଟଣାମାନ ସଂଘଟିତ
ପ୍ରେରିତ ୧୦: ୪୪-୪୭ ହେବାକୁ ଲାଗିଲା–ଏପରିକି ଯୀରୁଶାଲମ ବାହାରେ ମଧ୍ୟ ଏହା ହେଲା । କର୍ଣ୍ଣୀଲିୟ ଓ ତାଙ୍କର ବନ୍ଧୁ ତଥା ସଂପର୍କୀୟମାନେ ମଧ୍ୟ ଆତ୍ମାରେ ବାପ୍ତିଜିତ ହେଲେ । ଯୀଶୁ ସେମାନଙ୍କ ନିକଟକୁ ଆତ୍ମାଙ୍କୁ ପ୍ରେରଣ କଲେ । ସେ ଠିକ୍ ଏହିପରି ଭାବରେ ପିତର ଓ ଅନ୍ୟମାନଙ୍କ ନିକଟକୁ ମଧ୍ୟ ଆତ୍ମା ପ୍ରେରଣ କରିଥିଲେ । ଆଉ ଏହା ସଂଘଟିତ ହେବାକୁ ଲାଗିଲା !

## ୪. ଆଜି ମଧ୍ୟ ପବିତ୍ର ଆତ୍ମା ଉପଲବ୍ଧ

ଆତ୍ମାଙ୍କ ଆସିବା ଦିନଠାରୁ, ସେ ଯୀଶୁଙ୍କ ପ୍ରତିଜ୍ଞାନୁସାରେ ପ୍ରତ୍ୟେକ ତୃଷିତ ବ୍ୟକ୍ତିଙ୍କ ନିମନ୍ତେ ଉଲଲବ୍ଧ ହୋଇ ଆସୁଛନ୍ତି ।

ଯଦି ଆପଣ ତୃଷିତ, ତେବେ ଆପଣ ପାନ କରନ୍ତୁ । ଯଦି ଆପଣ ଈଶ୍ୱରଙ୍କ ନିମନ୍ତେ ତୃଷିତ ଅଟନ୍ତି, ତେବେ ତାଙ୍କୁ ପବିତ୍ର ଆତ୍ମାଙ୍କ ଦାନସକଳ ମାଗନ୍ତୁ । ଆପଣ ଯେପରି ଯୀଶୁଙ୍କୁ ଗ୍ରହଣ କଲେ, ଠିକ୍ ସେହିପରି ଭାବରେ ପବିତ୍ର ଆତ୍ମାଙ୍କୁ ମଧ୍ୟ ଗ୍ରହଣ କରନ୍ତୁ । ଆପଣଙ୍କ ଜୀବନ ମଧ୍ୟକୁ ତାଙ୍କୁ ନିମନ୍ତ୍ରଣ କରନ୍ତୁ । ଯୀଶୁ ଯେପରି ଆସିଲେ, ଆତ୍ମା ମଧ୍ୟ ସେହିପରି ଆସିବେ ! ଈଶ୍ୱର ପାତରଅନ୍ତର କରନ୍ତି ନାହିଁ ! ସେ ଅବହେଳିତ,
ପ୍ରେରିତ ୨: ୩୮-୩୯ ସମାଜଚ୍ୟୁତ ବିଜାତୀୟମାନଙ୍କୁ ଓ ଶମିରୋଣୀୟମାନଙ୍କୁ ପବିତ୍ର ଆତ୍ମା ପ୍ରଦାନ କରି ପିତରଙ୍କର ସହ-ପ୍ରଚାରକମାନଙ୍କୁ ଚମକୃତ କରିଦେଲେ । ଏହି ପ୍ରତିଜ୍ଞା ସମସ୍ତଙ୍କ ନିମନ୍ତେ, ଆଉ ଏଥିରେ ଆପଣ ଓ ମୁଁ ମଧ୍ୟ ଅନ୍ତର୍ଭୁକ୍ତ : ''ତୁମ୍ଭେ ପ୍ରତ୍ୟେକ...ପବିତ୍ର ଆତ୍ମା ରୂପ
ଲୂକ ୧୧:୧୩ ଦାନ ପାଇବ । ଏହି ପ୍ରତିଜ୍ଞା ତୁମ୍ଭମାନଙ୍କ ନିମନ୍ତେ, ତୁମ୍ଭମାନଙ୍କ ସନ୍ତାନସନ୍ତତିଙ୍କ ନିମନ୍ତେ
୧କରି ୨:୧୨ ଏବଂ ସୁଦୂରବାସୀ ସବୁ ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ।'' ଶୁଣନ୍ତୁ: ''ଅତଏବ ତୁମ୍ଭମାନଙ୍କ ପରି ପାପିଷ୍ଠ ଲୋକମାନେ ଯଦି ନିଜ ନିଜ ସନ୍ତାନମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ବିଷୟମାନ ଦେଇ ଜାଣନ୍ତି, ତେବେ ତୁମ୍ଭେମାନେ କ'ଣ ବୁଝିପାରୁ ନାହଁ ଯେ, ***ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ଅନ୍ତତଃ ସେତିକି ଦେବେ ଏବଂ ତାଙ୍କୁ ମାଗିଲେ ପବିତ୍ରଆତ୍ମାଙ୍କୁ ମଧ୍ୟ ଦେବେ ।''*** ଯେଉଁମାନେ ମାଗନ୍ତି, ସେମାନେ ପାଆନ୍ତି ! ଏଥିରେ ଆପଣ ମଧ୍ୟ ଅନ୍ତର୍ଭୁକ୍ତ । ପିତା ଈଶ୍ୱରଙ୍କ କେଡ଼େ ଚମତ୍କାର ପ୍ରତିଜ୍ଞା ! ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ପ୍ରଚୁର ପ୍ରେମ ହେତୁ ତାଙ୍କର ପ୍ରଶଂସା କରନ୍ତୁ !

## ବାଇବଲ ଅନ୍ୱେଷଣ

### ପବିତ୍ର ଆତ୍ମା କିପରି ଅଟନ୍ତି ?

ଶିଷ୍ୟମାନଙ୍କ ସହିତ ଯୀଶୁଙ୍କର ଶେଷ ସମୟଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ସମୟରେ, ସେ ନିଜ ଇଚ୍ଛା ସେମାନଙ୍କୁ ଜଣାଇଲେ, ଆଉ ପବିତ୍ର ଆତ୍ମାଙ୍କ ସହିତ ଏହାର ଅନେକ ସମ୍ପର୍କ ଥିଲା । ତାଙ୍କର ଇଚ୍ଛା କେବଳ ପ୍ରଥମ ଶିଷ୍ୟମାନଙ୍କ ନିମନ୍ତେ ନ ଥିଲା, ମାତ୍ର ଆପଣଙ୍କ ଓ ମୋ' ନିମନ୍ତେ ମଧ୍ୟ ଥିଲା । ଯୋହନ ୧୪:୧୫–୧୬:୧୬ରେ ଯୀଶୁ ଆମକୁ ପବିତ୍ର ଆତ୍ମା କିପରି ଅଟନ୍ତି ତାହା କୁହନ୍ତି । ଆମେ ବର୍ତ୍ତମାନ ଏହି ପରିଚ୍ଛେଦ ପାଠ କରିବା ।

- ✓ **ପ୍ରଥମେ ଯୋହନ ୧୪:୧୫–୧୬:୧୬ ପାଠ କରନ୍ତୁ ଏବଂ "ଆତ୍ମା" ଓ "ସାହାଯ୍ୟକାରୀ" ଶବ୍ଦ ତଳେ ଗାର ଟାଣନ୍ତୁ । ପବିତ୍ର ଆତ୍ମାଙ୍କ ଅନ୍ୟ ନାମ ହେଉଛି "ସାହାଯ୍ୟକାରୀ" ।**
- ✓ **ଦ୍ୱିତୀୟରେ ପବିତ୍ର ଆତ୍ମାଙ୍କ ବିଷୟରେ ଯୀଶୁ ଆପଣଙ୍କୁ କହିଥିବା ବିଷୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।**

**– ପବିତ୍ର ଆତ୍ମାଙ୍କ ବିଷୟରେ ବର୍ଣ୍ଣନା କରନ୍ତୁ ଓ ସେ କିଏ ଅଟନ୍ତି, ତାହା କୁହନ୍ତୁ:**

**– ପବିତ୍ର ଆତ୍ମା କ'ଣ କରିବେ, ସେ ବିଷୟରେ ଯୀଶୁ ଯାହା କହନ୍ତି, ତାହା ଲେଖନ୍ତୁ:**

✓ ତୃତୀୟରେ, ନିମ୍ନଲିଖିତ ପଦଗୁଡ଼ିକ ପଢ଼ନ୍ତୁ ଏବଂ ଶିଷ୍ୟମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କଲାପରେ କ'ଣ ଘଟିଲା ତାହା ଲେଖନ୍ତୁ:



ପ୍ରେରିତ ୨:୪

ପ୍ରେରିତ ୨:୧୭

ପ୍ରେରିତ ୫:୩୨

ପ୍ରେରିତ ୭:୫୫

ପ୍ରେରିତ ୮:୧୫–୧୭

ପ୍ରେରିତ ୮:୨୯

ପ୍ରେରିତ ୯:୩୧

ପ୍ରେରିତ ୧୦:୪୪–୪୬

ପ୍ରେରିତ ୧୧:୨୮

ପ୍ରେରିତ ୧୩:୫୨

ପ୍ରେରିତ ୧୯:୬



## ୩ ଆପଣ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା କାହିଁକି ଆବଶ୍ୟକ

ବାଇବଲ କହେ: ‘‘ଆତ୍ମାରେ ପରିପୂର୍ଣ୍ଣ ହୁଅ ।’’ ଆଉ ପ୍ରଥମ ବିଶ୍ୱାସୀମାନେ ସମସ୍ତେ ପୂର୍ଣ୍ଣ
ହୋଇଥିଲେ । କିନ୍ତୁ ଆମେ କାହିଁକି ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା ଆବଶ୍ୟକ ? ଆସନ୍ତୁ, ଆମେ
*ଏଫି ୫: ୧୮-୨୦* ନିଜକୁ ଏଥି ନିମନ୍ତେ ବିଶ୍ୱସ୍ତ ଭାବରେ କେତେକ ପ୍ରଶ୍ନ ପଚାରିବା ।

- **ମୁଁ କ’ଣ ସିଦ୍ଧ, ନିଃସ୍ୱାର୍ଥପର ପ୍ରେମ କରେ ?**

☐ ହଁ ☐ ନାହିଁ

*ଯୋହନ ୧୩:୩୪* ପ୍ରେମ ହେଉଛି ଆତ୍ମାଙ୍କ ଫଳ । ଈଶ୍ୱରଙ୍କ ଇଚ୍ଛା ଆମେ ସମସ୍ତେ ଯେପରି ତାଙ୍କରି
*ରୋମୀ ୫:୫* ପ୍ରେମରେ ପୂର୍ଣ୍ଣ ହେବା । ଯୀଶୁ କହିଲେ, ‘‘ମୁଁ ତୁମ୍ଭମାନଙ୍କୁ ଏକ ନୂତନ ଆଜ୍ଞା ଦେଉଛି:
ପରସ୍ପରକୁ ପ୍ରେମ କର ।’’ ସେ ଆପଣଙ୍କୁ ସାହାଯ୍ୟ କରିବେ । ସେ କହନ୍ତି, ସବୁ ସମସ୍ୟାର
ସମାଧାନ ହେଉଛନ୍ତି ପବିତ୍ର ଆତ୍ମା : ‘‘ଆମକୁ ଯେଉଁ ପବିତ୍ର ଆତ୍ମା ଦିଆଯାଇଛି ତାହାଙ୍କ
ଦ୍ୱାରା ଈଶ୍ୱର ଆମର ହୃଦୟ ତାହାଙ୍କର ପ୍ରେମରେ ଭରି ଦେଇଛନ୍ତି ।’’ ଆପଣଙ୍କ ମଧ୍ୟରୁ
*ଗାଲା ୫:୧୬-୨୬* ପ୍ରେମର ସ୍ରୋତ ପ୍ରବାହିତ ହେବ ! ପାଉଲ ଏହାକୁ ଆତ୍ମାଙ୍କ ଫଳ ରୂପେ ବର୍ଣ୍ଣନା କରନ୍ତି ।

- **ମୁଁ ସାହସର ସହିତ ଯୀଶୁଙ୍କ ସାକ୍ଷୀ ହୁଏ କି ?**

☐ ହଁ ☐ ନାହିଁ

ଯଦି ଆପଣଙ୍କର ଉତ୍ତର ‘‘ନାହିଁ’’ ହୁଏ, ତେବେ ଆପଣଙ୍କ ଜୀବନକୁ ଶକ୍ତିଯୁକ୍ତ କରିବା ନିମନ୍ତେ ଆପଣ ପବିତ୍ର ଆତ୍ମାଙ୍କୁ ଅନୁମତି ଦେଲେ, ଆପଣଙ୍କର ସେହି ଉତ୍ତର ପରିବର୍ତ୍ତନ ହୋଇଯିବ ।

ଯୀଶୁଙ୍କ ବିଷୟ କହିବା ନିମନ୍ତେ ପବିତ୍ର ଆତ୍ମା ଆପଣଙ୍କୁ ସାହସ ଦେବେ । ଯୀଶୁ
*ପ୍ରେରିତ ୧:୮* କହିଲେ : ‘‘ଯେତେବେଳେ ପବିତ୍ର ଆତ୍ମା ତୁମ ଉପରେ ଅଧିଷ୍ଠାନ କରିବେ, ସେତେବେଳେ
ତୁମ୍ଭେମାନେ...ମୋହର ସାକ୍ଷୀ ହେବ ।’’ ଯଦି ଆପଣଙ୍କ ଉତ୍ତର ‘‘ହଁ’’ ହୁଏ ତେବେ
ପବିତ୍ର ଆତ୍ମା ଆପଣଙ୍କୁ ଅଧିକ ସାହସ ଓ ଅଫୁରନ୍ତ ଆନନ୍ଦ ସହିତ ଶକ୍ତି ପ୍ରଦାନ କରିବେ,
ଯେପରି ଆପଣ ଯୀଶୁଙ୍କ ନିମନ୍ତେ ଲୋକମାନଙ୍କୁ ଲାଭ କରିପାରିବେ ।

- **ମୋ’ ନିମନ୍ତେ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକୁ ଓ ବାଇବଲକୁ କ’ଣ ମୁଁ ସଂପୂର୍ଣ୍ଣରୂପେ ବୁଝିପାରିଛି ?**

☐ ହଁ ☐ ନାହିଁ

ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ଓ ବାଇବଲକୁ ବୁଝିବା ନିମନ୍ତେ ପବିତ୍ର ଆତ୍ମା ଆପଣଙ୍କୁ
*୧ କରି ୨:୧୨* ସାହାଯ୍ୟ କରନ୍ତି : **‘‘ଈଶ୍ୱର ଆମ୍ଭମାନଙ୍କୁ ବିନା ମୂଲ୍ୟରେ ଯାହା ସବୁ ଦାନ କରି
*ଏଫି ୧:୧୭,୧୮* ଅଛନ୍ତି, ତାହା ଆମେ ଯେପରି ବୁଝିପାରିବା, ଏଥିପାଇଁ ଆମେ ଈଶ୍ୱରଙ୍କଠାରୁ ଆଗତ
ଆତ୍ମାଙ୍କୁ ପାଇଅଛୁ ।’’** ଜ୍ଞାନ ଓ ପ୍ରକାଶନର ଆତ୍ମା ଆପଣଙ୍କର ଅନ୍ତର୍ନିହିତ ବ୍ୟକ୍ତିତ୍ୱର
ଚକ୍ଷୁଦ୍ୱୟକୁ ଆଲୋକ ପ୍ରଦାନ କରନ୍ତି । ପବିତ୍ର ଆତ୍ମାଙ୍କ ବ୍ୟତୀତ, ଆପଣ ଈଶ୍ୱରଙ୍କ
ଯୋଜନା ଓ ଉଦ୍ଦେଶ୍ୟସମୂହ କଦାପି ବୁଝିପାରିବେ ନାହିଁ ।

*୧ କରି ୧୨:୭-୧୧* • **ପାଉଲ ଯେଉଁ ଆତ୍ମିକ ଦାନଗୁଡ଼ିକ ବିଷୟରେ କହନ୍ତି, ଆପଣ ସେଗୁଡ଼ିକ ପାଇଛନ୍ତି କି ? ଆପଣ ଅନ୍ୟମାନଙ୍କୁ ସୁସ୍ଥତା ଦେଇ ପାରନ୍ତି କି ? ଆପଣ ଜ୍ଞାନଜନକ କଥା, ଭାବବାଣୀ, କିମ୍ବା ପରଭାଷାରେ କଥା କହିପାରନ୍ତି କି ?**

☐ **ହଁ** ☐ **ନାହିଁ**

ଯେଉଁ ବିଶ୍ୱାସୀମାନେ ଏଥି ନିମନ୍ତେ କ୍ଷୁଧିତ, ସେମାନଙ୍କୁ ପବିତ୍ର ଆତ୍ମା ଏ ସମସ୍ତ
*୧ କରି ୧୪:୧* ଦାନ ଦିଅନ୍ତି । ବାଇବଲ କହେ, ''ଆଧ୍ୟାତ୍ମିକ ଦାନଗୁଡ଼ିକ...ନିମନ୍ତେ ଆଗ୍ରହ ସହକାରେ କାମନା କର ।'' ସେଗୁଡ଼ିକ ଆପଣଙ୍କ ନିମନ୍ତେ ଉଦ୍ଦିଷ୍ଟ ।

## ଆପଣ କିପରି ନମ୍ବର ପାଇଲେ ?

ଯଦି ଆପଣଙ୍କର ଚାରୋଟିଯାକ ପ୍ରଶ୍ନର ଉତ୍ତର ''ନାହିଁ'', ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାର ସମାଧାନ ଅଛି । ଈଶ୍ୱର ଆପଣଙ୍କର ନକାରାତ୍ମକ ଉତ୍ତରକୁ ସକାରାତ୍ମକରେ ପରିଣତ କରିବେ । ତାଙ୍କର ସମାଧାନ ହେଉଛନ୍ତି ପବିତ୍ର ଆତ୍ମା । ପବିତ୍ର ଆତ୍ମାରେ ବାପ୍ତିଜିତ ହୁଅନ୍ତୁ ଓ ଆପଣଙ୍କୁ ପ୍ରତ୍ୟେକ ଦିନ ପରିପୂର୍ଣ୍ଣ କରିବାକୁ ପବିତ୍ର ଆତ୍ମକୁ କୁହନ୍ତୁ । ପବିତ୍ର ଆତ୍ମା ଜଣେ ଚମତ୍କାର ବନ୍ଧୁ ଅଟନ୍ତି । ସେ ଆପଣଙ୍କର ସାହାଯ୍ୟକାରୀ ଓ ପରାମର୍ଶଦାତା । ସେ ହିଁ ଆପଣଙ୍କୁ ସମସ୍ତ ସତ୍ୟ ଆଡ଼କୁ କଢ଼ାଇ ନିଅନ୍ତି । ଆପଣ ପବିତ୍ର ଆତ୍ମାଙ୍କୁ ନିଜ ମଧ୍ୟରେ ତାଙ୍କ ଶୈଳୀରେ କାର୍ଯ୍ୟ କରିବାକୁ ଅନୁମତି ଦେଲେ, ସେ ଆପଣଙ୍କ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେବେ । ମାତ୍ର ଆପଣଙ୍କୁ ପ୍ରଥମେ ଆତ୍ମାରେ ବାପ୍ତିଜିତ ହେବାକୁ ପଡ଼ିବ । ଏହା କିପରି ସମ୍ଭବ ତାହା ଜାଣିବା ପାଇଁ ପରବର୍ତ୍ତୀ ପାଠଗୁଡ଼ିକ ପଢ଼ନ୍ତୁ ।



## *କାର୍ଯ୍ୟ ସମୟ*

### ବିଶ୍ୱାସ ନିଜକୁ କର୍ମରେ ପ୍ରକାଶ କରେ

*ଯାକୁବ ୨:୧୭* ଆପଣ ଯଦି କେବଳ ପାଠ କରନ୍ତି, କଥା କୁହନ୍ତି ଓ ଚିନ୍ତା କରନ୍ତି, ଆଉ ଆଦୌ ତାହାକୁ କାର୍ଯ୍ୟରେ ପରିଣତ କରନ୍ତି ନାହିଁ, ତେବେ ଆପଣଙ୍କର ବିଶ୍ୱାସ କଦାପି କାର୍ଯ୍ୟ କରିବ ନାହିଁ ! ଏହି ପାଠରେ, ଈଶ୍ୱର ଆପଣଙ୍କ ନିମନ୍ତେ ଯାହା ପ୍ରତିଜ୍ଞା କରିଛନ୍ତି, ତାହା ଗ୍ରହଣ କରିବାକୁ ଆମେ ଆପଣଙ୍କୁ ଅନୁରୋଧ କରୁଛୁ ।

*ପ୍ରେରିତ ୨:୪* ଆଦ୍ୟ ମଣ୍ଡଳୀରେ ଯେଉଁ ଲୋକମାନେ ଆତ୍ମାରେ ବାପ୍ତିଜିତ ହୋଇ ଶକ୍ତିପ୍ରାପ୍ତ ହୋଇଥିଲେ, ଆପଣ ଠିକ୍ ସେହି ଶକ୍ତି ଅନୁଭବ କରିପାରିବେ : ‘‘ସେମାନେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ, ଏବଂ ଆତ୍ମା ସେମାନଙ୍କୁ ଯେପରି ସାମର୍ଥ୍ୟ ଦେଲେ, ତଦନୁସାରେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।’’

### ୧. ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ‘‘ସମସ୍ତଙ୍କ’’ ନିମନ୍ତେ ପ୍ରଯୁଜ୍ୟ

ଏଠାରେ ଲେଖାଯାଏ, ‘‘ସମସ୍ତେ’’ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ । ସମାଜର ପ୍ରତ୍ୟେକ ବର୍ଗର ପୁରୁଷ ଓ ସ୍ତ୍ରୀ ୧୨୦ ଜଣ ସେଠାରେ ଥିଲେ । ପବିତ୍ର ଆତ୍ମାଙ୍କୁ ପାଇବା ନିମନ୍ତେ ଆପଣଙ୍କୁ ବିଶେଷ ଦକ୍ଷତା ହାସଲ କରିବା ଆବଶ୍ୟକ ହୁଏ ନାହିଁ । ଯୀଶୁ ଖ୍ରୀଷ୍ଟ ଯେ ପ୍ରଭୁ ଅଟନ୍ତି, ଆପଣଙ୍କୁ କେବଳ ଏହା ସ୍ୱୀକାର କରିବା ଆବଶ୍ୟକ ।

### ୨. “ସମସ୍ତେ ପୂର୍ଣ୍ଣ ହେଲେ...”

**ବର୍ତ୍ତମାନ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ: *‘‘ପିତା, ମୁଁ ତୁମକୁ ଧନ୍ୟବାଦ ଦିଏ ଯେ, ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବା ନିମନ୍ତେ ମୁଁ ପ୍ରସ୍ତୁତ, କାରଣ ମୁଁ ଯୀଶୁଙ୍କଠାରେ ବିଶ୍ୱାସ କରେ ।’’***

ଆପଣ ମାଗିଲେ, ଗ୍ରହଣ କରିବେ । ଆପଣଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ, *ପ୍ରେରିତ ୧୯:୬* କାରଣ ଆପଣଙ୍କୁ ଆତ୍ମା ପ୍ରଦତ୍ତ ହୋଇ ସାରିଛନ୍ତି । ବାଇବଲର ଅନେକ ସ୍ଥାନରେ, ପବିତ୍ର ଆତ୍ମା ପାଇବାକୁ ଇଚ୍ଛୁକ ଲୋକମାନଙ୍କ ଉପରେ ଜଣେ ବିଶ୍ୱାସୀ ହସ୍ତାର୍ପଣ କରିବା ବିଷୟ ଲେଖାଯାଇଛି । ତତ୍‌କ୍ଷଣାତ୍ ***ସେମାନେ ଗ୍ରହଣ କଲେ ଓ ସଙ୍ଗେ ସଙ୍ଗେ ସେଥିରେ ପୂର୍ଣ୍ଣ ହେଲେ ।*** କିଛି ଅନୁଭବ କରିବା ଦ୍ୱାରା ନୁହେଁ, ମାତ୍ର ଏକ ନିଷ୍ପତ୍ତି ନେବା ଦ୍ୱାରା ଆପଣ ଯୀଶୁଙ୍କୁ ଗ୍ରହଣ କଲେ । ଆପଣ କହିଲେ, ‘‘ଯୀଶୁ, ମୁଁ ତୁମକୁ ମୋର ପରିତ୍ରାଣକର୍ତ୍ତା ରୂପେ ଗ୍ରହଣ କରେ ।’’ ଆପଣ ପବିତ୍ର ଆତ୍ମାଙ୍କ ସହିତ ମଧ ଠିକ୍ ଏପରି କରନ୍ତୁ, ଆଉ ଆପଣ ତତ୍‌କ୍ଷଣାତ୍ ପୂର୍ଣ୍ଣ ହେବେ । କେତେକ ବ୍ୟକ୍ତି ହଠାତ୍ ଏକ ଶକ୍ତିଯୁକ୍ତ ଉପସ୍ଥିତି ଅନୁଭବ କରନ୍ତି, ଅନ୍ୟମାନେ ଏପରି ଅନୁଭବ କରନ୍ତି ନାହିଁ । ଅନୁଭବରେ ନୁହେଁ, ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ଉପରେ ଭରସା ରଖନ୍ତୁ । ଆପଣ ପିତାଙ୍କୁ *ଲୂକ ୧୧:୧୩* ପବିତ୍ର ଆତ୍ମାଙ୍କୁ ଦେବା ପାଇଁ ମାଗିବା ମାତ୍ରେ, ସେ ଦେବେ । ଆପଣ ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଶକ୍ତି ଅନୁଭବ କରିବାକୁ ଆରମ୍ଭ କରିବେ ।

**ବର୍ତ୍ତମାନ ପିତାଙ୍କୁ ମାଗନ୍ତୁ : *‘‘ପିତା, ମୁଁ ତୁମକୁ ଅନୁରୋଧ କରୁଛି, ଯେ ମୋତେ ପବିତ୍ର ଆତ୍ମାରେ ପୂର୍ଣ୍ଣ କର । ମୁଁ ତାଙ୍କୁ ବର୍ତ୍ତମାନ ଗ୍ରହଣ କରୁଛି । ଆମେନ୍ ।’’* ଆଉ ତୁରନ୍ତ ଏଥି ନିମନ୍ତେ ତାଙ୍କୁ ଧନ୍ୟବାଦ ଅର୍ପଣ କରନ୍ତୁ ।**

### ୩. "ଆତ୍ମା ସେମାନଙ୍କୁ ଯେପରି ସାମର୍ଥ ଦେଲେ, ସେମାନେ ତଦନୁସାରେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।"

ପ୍ରେରିତ ୧୯:୬
୧କରି ୧୪:୧-୫

ଯୀଶୁ କହିଥିଲେ ଯେ, ବିଶ୍ୱାସୀମାନେ ନୂତନ ଭାଷାରେ କଥା କହିପାରିବେ, ଆଉ ଠିକ୍ ତାହା ହିଁ ଘଟିଲା । ପବିତ୍ର ଆତ୍ମା ସେମାନଙ୍କୁ ଏକ ନୂତନ ଭାଷା ପ୍ରଦାନ କଲେ, ଏହି ଭାଷାରେ ସେମାନେ ପୂର୍ବରୁ କଦାପି କଥା କହି ନ ଥିଲେ । ପ୍ରେରିତ ପୁସ୍ତକରେ, ନୂତନ ବିଶ୍ୱାସୀମାନେ ଆତ୍ମାଙ୍କୁ ଗ୍ରହଣ କଲେ ଓ ପରଭାଷାରେ କଥା କହିଲେ ଓ ଭାବବାଣୀ କହିଲେ । ଏହି ଦାନଗୁଡ଼ିକ ଆପଣଙ୍କ ନିମନ୍ତେ ମଧ୍ୟ ପ୍ରଯୁଜ୍ୟ !

#### ✓ ପରଭାଷାରେ କଥା କହିବାର ଦାନ ଅତି ପ୍ରାକୃତିକ ଅଟେ

୧ କରି ୧୪:୧୩-୧୭

ଆପଣ ପରଭାଷାରେ କଥା କହିଲାବେଳେ ଆପଣଙ୍କ ମଧ୍ୟରେ ଥିବା ପବିତ୍ର ଆତ୍ମାଙ୍କ ଦ୍ୱାରା ନିଜର ଆତ୍ମା ସହିତ କଥାବାର୍ତ୍ତା କରନ୍ତି । ଆପଣ ନିଜେ ଜାଣିଥିବା କୌଣସି ଭାଷାରେ ସେତେବେଳେ କଥା କହନ୍ତି ନାହିଁ । ଆପଣ ନିଜ ମନରୁ କଥା କହନ୍ତି ନାହିଁ, ମାତ୍ର ଆପଣଙ୍କର ଆତ୍ମାରେ କଥା କହନ୍ତି । ଆପଣ ନିଜ ଭାଷାରେ କଥା କହିବା ବନ୍ଦ କରନ୍ତୁ ଏବଂ ଆପଣଙ୍କ ଆତ୍ମାରେ ଈଶ୍ୱରଙ୍କ ପ୍ରଶଂସା କରିବାକୁ ଆରମ୍ଭ କରନ୍ତୁ । ଏହା ରେଡ଼ିଓ ଶୁଣିବା ସଦୃଶ : ଆପଣ କାର୍ଯ୍ୟକ୍ରମ ୧ ବନ୍ଦ କଲେ, କାର୍ଯ୍ୟକ୍ରମ ୨ ଶୁଣିପାରିବେ । ଏଣୁ ଆପଣଙ୍କର ନିଜ ଭାଷାକୁ ବନ୍ଦ କରି ଦିଅନ୍ତୁ । ଆପଣଙ୍କ ମନର ଭାଷାରେ କଥା କହିବା ବନ୍ଦ କରନ୍ତୁ, ଆଉ ଆତ୍ମାରେ, ପରଭାଷାରେ କଥା କହିବାକୁ ଆରମ୍ଭ କରନ୍ତୁ !

#### ✓ ପବିତ୍ର ଆତ୍ମା ନୁହଁନ୍ତି, ଆପଣ ହିଁ କହନ୍ତି

ପ୍ରେରିତ ୨:୪

ଆପଣ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ କଥା କହିବାକୁ ଆରମ୍ଭ କଲାବେଳେ ପବିତ୍ର ଆତ୍ମା ଅତି ପ୍ରାକୃତିକ ଭାବରେ ନୂତନ ଆଶ୍ଚର୍ଯ୍ୟଜନକ ଶବ୍ଦସବୁ ଦେବେ । ଏହି ପଦକୁ ପୁଣି ଥରେ ପାଠ କରନ୍ତୁ । ଏଠାରେ ଲେଖାଯାଏ : **ସେମାନେ କଥା କହିବାକୁ ଲାଗିଲେ । ଆପଣଙ୍କୁ** କଥା କହିବାକୁ ଆରମ୍ଭ କରିବାକୁ ପଡ଼ିବ । ଆପଣ ମୁଖ ଖୋଲି କଥା କହିବାକୁ ଆରମ୍ଭ ନ କଲେ, କୌଣସି ଭାଷାରେ କଥା କହି ପାରିବେ ନାହିଁ, ପରଭାଷାରେ ମଧ୍ୟ କହିପାରିବେ ନାହିଁ ! ଆପଣ ଦୀର୍ଘଶ୍ୱାସ ନେଇ ଆପଣଙ୍କ ମୁଖ ଖୋଲି ନିଶ୍ୱାସ ତ୍ୟାଗ କରିବାକୁ ଆରମ୍ଭ କଲାବେଳେ ଆତ୍ମା ଆପଣଙ୍କ ମୁଖରେ ଶବ୍ଦସବୁ ଦେବେ । ପ୍ରଥମେ ଯେଉଁସବୁ ଶବ୍ଦ କହିବାକୁ ସହଜ ମନେ ହେବ, ତାହା କୁହନ୍ତୁ ।

#### ✓ ପବିତ୍ର ଆତ୍ମା ଶବ୍ଦସବୁ ଦିଅନ୍ତି !

ମାଥି ୭:୯-୧୧

ଭୁଲ ଶବ୍ଦଗୁଡ଼ିକ କହିବା ପାଇଁ ଭୟଭୀତ ହୁଅନ୍ତୁ ନାହିଁ । ଯଦି ଆପଣ ମାଗିବେ, ତେବେ ଆଉ କିଛି ନୁହେଁ, ନିଶ୍ଚୟ ପବିତ୍ର ଆତ୍ମାଙ୍କୁ ପାଇବେ । ଆଉ ଆପଣ ନୂତନ ତଥା ସ୍ୱର୍ଗୀୟ ଶବ୍ଦମାନ କହିବେ !

#### ✓ ବର୍ତ୍ତମାନ ଆରମ୍ଭ କରନ୍ତୁ !

ଆପଣଙ୍କର ଚକ୍ଷୁ ବନ୍ଦ କରନ୍ତୁ, ଆପଣଙ୍କର ହସ୍ତ ଦ୍ୱୟ ଉପରକୁ ଉଠାନ୍ତୁ, ଆଉ ନୂତନ ଭାଷାରେ ଈଶ୍ୱରଙ୍କ ପ୍ରଶଂସା କରିବାକୁ ଆରମ୍ଭ କରନ୍ତୁ ! ଏହା ସମ୍ଭବପର ହେବ ! ଏହି ଦାନକୁ ଆପଣଙ୍କଠାରୁ ଚୋରି କରି ନେବାକୁ ଶୟତାନକୁ ଅନୁମତି ଦିଅନ୍ତୁ ନାହିଁ । ଶୟତାନ ମିଥ୍ୟାବାଦୀ ଅଟେ । ସେ ହୁଏତ ଆପଣଙ୍କୁ ଏପରି କହିପାରେ: "ଏସବୁ ଆପଣଙ୍କର ନିଜସ୍ୱ ଭାଷା ।" ମାତ୍ର ଆପଣ ପ୍ରକୃତ କଥା ଜାଣନ୍ତି : ଈଶ୍ୱର ନିଜର ପ୍ରତିଜ୍ଞାରେ ବିଶ୍ୱସ୍ତ ! ପ୍ରତ୍ୟେକ ଦିନ ପରଭାଷାରେ କଥା କୁହନ୍ତୁ, ଆଉ ଆପଣଙ୍କର ଅବିଶିଷ୍ଟ ଜୀବନର ପ୍ରତ୍ୟେକ ଦିନ ଅନେକ ଥର ଏପରି କୁହନ୍ତୁ । କେହି କେହି ଶବ୍ଦର ସମ୍ଭାର ନେଇ ଆରମ୍ଭ କଲାବେଳେ କେହି କେହି ସାମାନ୍ୟ କିଛି ଅକ୍ଷର କହି ଏହା ଆରମ୍ଭ କରନ୍ତି । ଏସବୁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆଶ୍ଚର୍ଯ୍ୟକର୍ମ ଆରମ୍ଭ ହୋଇଛି !

**ଖ୍ରୀଷ୍ଟରେ ପ୍ରିୟ ଭାଇ / ଭଉଣୀ,**

ଈଶ୍ୱରଙ୍କୁ ତାଙ୍କର ପବିତ୍ର ଆତ୍ମାଙ୍କ ଦାନ ନିମନ୍ତେ ଧନ୍ୟବାଦ ଦିଅନ୍ତୁ ! ସେ ଆପଣଙ୍କର ବନ୍ଧୁ ଓ ପରାମର୍ଶଦାତା ହେବେ । ପ୍ରତ୍ୟେକ ପରିସ୍ଥିତିରେ, ସବୁ ସମୟରେ ତାଙ୍କ ଉପରେ ଭରସା ରଖନ୍ତୁ । ସେ ଆପଣଙ୍କୁ ଈଶ୍ୱରଙ୍କ ପ୍ରେମ ଓ ଶକ୍ତିରେ ପୂର୍ଣ୍ଣ କରିବେ, ପୁଣି ଆପଣଙ୍କ ଜୀବନ ନିମନ୍ତେ ସର୍ବୋତ୍ତମ ମାର୍ଗରେ ସେ ଆପଣଙ୍କୁ କଢ଼ାଇ ନେବେ । ଆପଣ ପବିତ୍ର ଆତ୍ମାଙ୍କ ସହିତ ଏକ ଚମତ୍କାର ସଂପର୍କର ପରିସର ମଧ୍ୟକୁ ଆସିଛନ୍ତି । ପ୍ରତ୍ୟେକ ଦିନ, ଆପଣଙ୍କୁ ପୂର୍ଣ୍ଣ କରିବା ନିମନ୍ତେ ପିତାଙ୍କୁ ମାଗନ୍ତୁ, ଆଉ ତାଙ୍କ ସହିତ ପୂର୍ଣ୍ଣ ହୁଅନ୍ତୁ (ଏଫି ୫:୧୮-୨୦) । ଏହା କେବଳ ଆରମ୍ଭ ମାତ୍ର, କିନ୍ତୁ ପ୍ରକୃତରେ ଏହା ଏକ ଚମତ୍କାର ପ୍ରାରମ୍ଭ !

ଏହି ପାଠକୁ ପୁଣି ଥରେ ଅଧ୍ୟୟନ କରିବା ଆପଣଙ୍କୁ ଭଲ ଲାଗିପାରେ । ଆଜି ଆପଣ ଯାହା ପାଆନ୍ତି, ତାହା ଆପଣଙ୍କ ଜୀବନକୁ ସବୁଦିନ ପାଇଁ ପରିବର୍ତ୍ତନ କରିଦେବ ।

## *ମୁଖସ୍ଥ ପଦ*

ବାଇବଲର ଏହି ପଦକୁ ଏକ କାଗଜରେ ଲେଖନ୍ତୁ, ଆଉ ପ୍ରତ୍ୟେକ ଦିନ ଅନେକ ଥର ତାହା ପାଠ କରନ୍ତୁ – ବସରେ ଯିବାବେଳେ, ବିଶ୍ରାମ ନେବା ବେଳେ କିମ୍ବା ପରିବାର ସହିତ ଭୋଜନ କରୁଥିବା ବେଳେ ।

**"ପ୍ରତ୍ୟେକେ ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ ଅଜ୍ଞାତ ଭାଷାରେ କଥା କହିବାକୁ ଲାଗିଲେ । କାରଣ ପବିତ୍ରଆତ୍ମା ହିଁ ସେମାନଙ୍କୁ ଏହି ଶକ୍ତି ଦେଲେ ।"** *ପ୍ରେରିତ ୨:୪*

**"ସେ ଆମ୍ଭମାନଙ୍କୁ ପବିତ୍ରଆତ୍ମାଙ୍କୁ ଦେଇ ଆମ ହୃଦୟ ତାଙ୍କର ପ୍ରେମରେ ଭରି ଦେଇଛନ୍ତି ।"** *ରୋମୀ ୫:୫*

# ଈଶ୍ୱରଙ୍କ ସତ୍ୟ– ବାକ୍ୟ ଆପଣଙ୍କୁ ମୁକ୍ତ କରିବ !

### ଏହି ପାଠ ବିଷୟରେ ପଦେ :

ପ୍ରକୃତ ସ୍ୱାଧୀନତା ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ଜୀବନଯାପନ କରିବା ଦ୍ୱାରା ମିଳିଥାଏ । ଈଶ୍ୱରଙ୍କ ବାକ୍ୟ ହେଉଛି ବାଇବଲ ଏବଂ ଏହା ବର୍ତ୍ତମାନ ଆପଣଙ୍କ ମଧ୍ୟରେ କାର୍ଯ୍ୟରତ । ବାଇବଲ ଆପଣଙ୍କୁ ସତ୍ୟ କଥା ପ୍ରକାଶ କରେ, ଯାହାକି ଆପଣଙ୍କୁ ମୁକ୍ତ କରିବ । ଏହି ସତ୍ୟ ହିଁ ଆପଣଙ୍କ ଜୀବନକୁ ପରିବର୍ତ୍ତନ କରିଦେବ !

ଆଜି ଆପଣ ନିମ୍ନଲିଖିତ ବିଷୟଗୁଡ଼ିକ ଶିକ୍ଷା କରିବେ :

- **ଈଶ୍ୱରଙ୍କ ବାକ୍ୟ କ'ଣ ଅଟେ ?**
- **ଏହା କିପରି କାର୍ଯ୍ୟ କରେ ?**
- **ଏହା କିପରି ଆପଣଙ୍କୁ ମୁକ୍ତ କରିପାରିବ ?**



## ୧ ଈଶ୍ୱରଙ୍କ ବାକ୍ୟ କ'ଣ ଅଟେ ?

ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ଜୀବନର ଯେଉଁ ସର୍ବୋତ୍ତମ ବିଷୟ ଉତ୍ପନ୍ନ କରିଛି, ତାହା ହେଉଛି ଆପଣଙ୍କର ପରିତ୍ରାଣ । ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଏହା ସମ୍ଭବ ହୋଇଛି :

- ଆପଣ ଯୀଶୁଙ୍କ ବିଷୟରେ ବାକ୍ୟ ଶୁଣିଲେ ।
- ସେହି ବାକ୍ୟରେ ଆପଣ ପ୍ରତିଜ୍ଞା ପ୍ରାପ୍ତ ହେଲେ ।
- ସେହି ବାକ୍ୟ ଅନୁଯାୟୀ ଆପଣ କଥା କହିଲେ ।
- ବାକ୍ୟରେ ଯେପରି ଲେଖାଅଛି ଈଶ୍ୱର ଠିକ୍ ତାହା ହିଁ କରିଥିଲେ :

*୧ ପିତର ୧:୨୩-୨୫*

***'ତୁମ୍ଭେମାନେ ଏକ ନୂତନ ଜୀବନ ପାଇଛ । ଏହି ନୂତନ ଜୀବନ ଅମର, କାରଣ ଏହା ଖ୍ରୀଷ୍ଟଙ୍କଠାରୁ ଆଗତ ଏବଂ ଖ୍ରୀଷ୍ଟ ହେଉଛନ୍ତି ମନୁଷ୍ୟମାନଙ୍କ ପ୍ରତି ଈଶ୍ୱରଙ୍କର ଅନନ୍ତ, ଅମର ବାଣୀ ।''***

*ଯାକୁବ ୧:୧୮*

ବାଇବଲ କହେ ଯେ, ଆପଣ ସେହି ବାକ୍ୟ ଦ୍ୱାରା ପୁନର୍ଜନ୍ମ ପ୍ରାପ୍ତ ହୋଇଛନ୍ତି । ଆପଣ ଜାଣନ୍ତି କି- ଈଶ୍ୱର ସେହି ବାକ୍ୟ ଦ୍ୱାରା ଆପଣଙ୍କୁ ଉଦ୍ଧାର କରିସାରିଛନ୍ତି ? କିନ୍ତୁ ଏହା କେବଳ ଆରମ୍ଭ ମାତ୍ର, ଏହି ବାକ୍ୟର ଶକ୍ତିରେ ଆପଣଙ୍କୁ ଅବଶିଷ୍ଟ ଜୀବନ କାଟିବାକୁ ପଡ଼ିବ ।



## ଈଶ୍ୱରଙ୍କ ବାକ୍ୟ କ'ଣ ଅଟେ ? *(କ୍ରମଶଃ)*


### ଈଶ୍ୱରଙ୍କ ବାକ୍ୟ ହେଉଛି ବାଇବଲ– ଆଉ ଏହି ବାଇବଲ ସତ୍ୟ ଅଟେ

ଈଶ୍ୱରଙ୍କ ବାକ୍ୟ ହେଉଛି ବାଇବଲ, ଏହି ପୁସ୍ତକ ଆପଣ ରଖିପାରିବେ ଓ ପଢ଼ିପାରିବେ । ଏହା ଏକ ଚମତ୍କାର ଉପହାର ଅଟେ । ଯୀଶୁ ଜାଣିଥିଲେ ଯେ, ସେ ଆମ୍ଭମାନଙ୍କ ସହିତ ରହିବା ସମ୍ଭବ ହେବ ନାହିଁ, ଏଣୁ ତାଙ୍କ ନିକଟରେ ଏହାର ସମାଧାନ
*ଯୋହନ ୮:୩୧* ଥିଲା : "ତୁମ୍ଭେମାନେ ଯଦି ମୋର ଶିକ୍ଷାରେ ଅଟଳ ରୁହ, ତେବେ ତୁମ୍ଭେମାନେ ବାସ୍ତବରେ ମୋର ଶିଷ୍ୟ ।" ଯୀଶୁଙ୍କର ଶିକ୍ଷାସବୁ ଏହି ବାଇବଲରେ ଲେଖାଯାଇଛି ।

### ଈଶ୍ୱର ଏହି ବାଇବଲ ମଧ୍ୟରେ ତାଙ୍କ ଜୀବନରୂପ ଶ୍ୱାସ ଛାଡ଼ିଲେ

ଏହି ବାଇବଲ ଏକ ସାଧାରଣ ପୁସ୍ତକ ନୁହେଁ । ଈଶ୍ୱରଙ୍କ ବାର୍ତ୍ତାବହମାନଙ୍କ ମଧ୍ୟ ଦେଇ ପବିତ୍ର ଆତ୍ମା କଥା କହିଲେ, ଆଉ ସେ ସେମାନଙ୍କୁ ଯାହା କହିଲେ, ତାହା ସେମାନେ
*୨ ତୀମ ୩:୧୬–୧୭* ଏଥିରେ ଲେଖିଲେ । "ସମୁଦାୟ ଧର୍ମଶାସ୍ତ୍ର ଈଶ୍ୱର–ଅନୁପ୍ରାଣିତ ଏବଂ ଧାର୍ମିକତା ପାଇଁ ଉପଦେଶ, ଅନୁଯୋଗ, ସଂଶୋଧନ ଓ ଶିକ୍ଷା ଦେବାରେ ଉପଯୋଗୀ, ଯଦ୍ଦ୍ୱାରା ଈଶ୍ୱର–ଭକ୍ତ ସମସ୍ତ ସତ୍‌କର୍ମରେ ସୁପ୍ରସ୍ତୁତ ହୋଇପାରିବେ ।"

### ଯେଉଁ ପୁସ୍ତକ ଈଶ୍ୱର ଆମ୍ଭମାନଙ୍କୁ ପ୍ରଦାନ କଲେ




ବାଇବଲରେ ଲେଖାଥିବା ସମସ୍ତ କଥା ଈଶ୍ୱରଙ୍କ ବାକ୍ୟ ଅଟେ । ବାଇବଲ ମଧ୍ୟ ଦେଇ ଈଶ୍ୱର ସମଗ୍ର ଇତିହାସରେ ଲୋକମାନଙ୍କ ସହିତ କଥା କହିଛନ୍ତି । ଈଶ୍ୱରଙ୍କ ଶକ୍ତିଯୁକ୍ତ, ମୁକ୍ତିପ୍ରଦାନକାରୀ ସତ୍ୟସମୂହ ବାଇବଲରେ ପ୍ରକାଶିତ ହୋଇଛି । ଆପଣ ଯେତେଥର ଏହାକୁ ଖୋଲିବେ, ଏହା ଆପଣଙ୍କୁ ସେତେଥର ଶିକ୍ଷା ଓ ସାହାଯ୍ୟ ପ୍ରଦାନ କରିବ ।

### ବାଇବଲରେ କେଉଁ କେଉଁ ବିଷୟ ଅନ୍ତର୍ଭୁକ୍ତ ଅଛି ?

ବାଇବଲରେ ଦୁଇଟି ବିଭାଗ ଅଛି : ପୁରାତନ ନିୟମ ଓ ନୂତନ ନିୟମ । ଯୀଶୁଙ୍କ ସମୟରେ ପୁରାତନ ନିୟମ ଉପଲବ୍ଧ ଥିଲା, ଆଉ ନୂତନ ନିୟମ ଏହାର ପରବର୍ତ୍ତୀ ସମୟରେ ଲେଖା ହେଲା । ଯୀଶୁ ଓ ତାଙ୍କର ପ୍ରେରିତମାନଙ୍କର ଶିକ୍ଷାସମୂହ ମାଧ୍ୟମରେ
*ଏବ୍ରୀ ୪:୧୨* ଏହା ଆମକୁ ଈଶ୍ୱରଙ୍କର ସତ୍ୟ ବର୍ଣ୍ଣନା କରେ । ଏହାର ପ୍ରତ୍ୟେକ ଶବ୍ଦ ସତ୍ୟ ଅଟେ । ଏହା ସତ୍ୟ ହେବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ଶକ୍ତିରେ ମଧ୍ୟ ପରିପୂର୍ଣ୍ଣ । ଯୀଶୁ
*ମାଥି ୫:୧୮* କହିଲେ : "ମୁଁ ଆନ୍ତରିକତାର ସହ କହୁଛି, ଧର୍ମଶାସ୍ତ୍ରରେ ଲିଖିତ ପ୍ରତ୍ୟେକ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ସଫଳ ନ ହେବା ପର୍ଯ୍ୟନ୍ତ ତାହା ରହିଥିବ ।"

**ଆମେ ଏ ପର୍ଯ୍ୟନ୍ତ ପଢ଼ିଥିବା ସମସ୍ତ ବିଷୟର ଏକ ସାରାଂଶ ପ୍ରସ୍ତୁତ କରିବା :**

*ଯିଶା ୪୦:୮* • ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ ଓ ଏହା ଚିର ଅପରିବର୍ତ୍ତନୀୟ ।

*ଯୋହନ ୮:୩୧,୩୨* • ଯୀଶୁଙ୍କ ଅନ୍ତରଙ୍ଗ ହୋଇ ରହିବା ନିମନ୍ତେ ବାଇବଲ ହିଁ କଞ୍ଚି ଅଟେ ।



## ୨ ଯୀଶୁ ହିଁ ଈଶ୍ୱରଙ୍କ ବାକ୍ୟ

ଈଶ୍ୱରଙ୍କ ବାକ୍ୟ, ବାଇବଲ ଏକ ପୁସ୍ତକ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ । ଯୀଶୁ ହେଉଛନ୍ତି ବାକ୍ୟ । ଈଶ୍ୱର ଏହି ଜଗତ ସୃଷ୍ଟି କଲାବେଳେ ସେ ଉପସ୍ଥିତ ଥିଲେ ।

*ଯୋହନ ୧:୧*

*ଆଦି ୧:୨*

*୧ ଯୋହନ ୧:୧*

ଯୀଶୁ ଜନ୍ମ ହେଲାବେଳେ ଈଶ୍ୱରଙ୍କ ବାକ୍ୟ ମାନବରୂପରେ ଏକ ଦୃଶ୍ୟମାନ ବାସ୍ତବତାରେ ପରିଣତ ହେଲା । ଯୀଶୁ ହେଉଛନ୍ତି ଜୀବନଦାୟକ ବାକ୍ୟ : ‘‘ଆଦ୍ୟରୁ ଯେ ବିଦ୍ୟମାନ, ଯାହାଙ୍କ (ମୁଖନିଃସୃତ) ବାକ୍ୟ ଆମେ ଶୁଣିଛୁ, ଯାହାଙ୍କୁ ସ୍ୱଚକ୍ଷୁରେ ଦେଖିଛୁ, ଯାହାଙ୍କୁ ନିରୀକ୍ଷଣ କରିଛୁ ଓ ସ୍ୱହସ୍ତରେ ସ୍ପର୍ଶ କରିଛୁ, ସେହି ଜୀବନ ସ୍ୱରୂପ ବାକ୍ୟ(ଅର୍ଥାତ୍ ଖ୍ରୀଷ୍ଟ)ଙ୍କ ସମ୍ବନ୍ଧରେ ଆମେ ଘୋଷଣା କରୁଛୁ ।’’

### ସେହି ବାକ୍ୟ ଆପଣଙ୍କ ଗୃହ ମଧ୍ୟକୁ ଆସେ

ଆପଣ ଯେତେବେଳେ ଆପଣଙ୍କର ଗୃହ, ବିଦ୍ୟାଳୟ, କିମ୍ବା ଆପଣଙ୍କର କାର୍ଯ୍ୟକ୍ଷେତ୍ର ମଧ୍ୟକୁ ଈଶ୍ୱରଙ୍କ ବାକ୍ୟ ପ୍ରବେଶ କରିବାକୁ ଅନୁମତି ଦିଅନ୍ତି – ସେତେବେଳେ ଯୀଶୁ ଆସନ୍ତି । ଆପଣଙ୍କ ଜୀବନର ପ୍ରତ୍ୟେକ ବିଷୟ ଉପରେ ସେ ତାଙ୍କର ଛାୟା ପ୍ରଦାନ କରନ୍ତି । କଳ୍ପନା କରନ୍ତୁ, ଯୀଶୁ ଦିନସାରା ଆପଣଙ୍କ ସହିତ ଅଛନ୍ତି: ଆପଣଙ୍କ ସହିତ ବସୁଛନ୍ତି, ଆପଣଙ୍କ ସହିତ କାର୍ଯ୍ୟ କରୁଛନ୍ତି, ଆପଣଙ୍କ ସହିତ କଥା ହେଉଛନ୍ତି !

*କଲ ୩:୧୬*

ସେହି ବାକ୍ୟରେ ଆପଣଙ୍କ ମନ ଓ ହୃଦୟକୁ ପୂର୍ଣ୍ଣ କରିବା ନିମନ୍ତେ ଆପଣ ଅନୁମତି ଦେଲେ ତାହା ଘଟିବ । ଈଶ୍ୱରଙ୍କ ବାକ୍ୟ, ଯୀଶୁ ଆପଣଙ୍କ ସହିତ ଗମନ କରିବେ । କିପରି ? ବାଇବଲ ମଧ୍ୟ ଦେଇ, କାରଣ ଏଠାରେ ଆପଣ ଯୀଶୁଙ୍କର ଜୀବନ–ପ୍ରଦାୟୀ ବାକ୍ୟସବୁ ପାଇବେ ।

### ଈଶ୍ୱରଙ୍କ ବାକ୍ୟ ହେଉଛି ଆତ୍ମା ଓ ଜୀବନ

ବାଇବଲ କେବଳ ଏକ ଶବ୍ଦ ସଂଯୋଜିତ ପୁସ୍ତକ ନୁହେଁ । ଏହି ଶବ୍ଦଗୁଡ଼ିକ ଜୀବନ ଧାରଣ କରେ, ଏହା ଈଶ୍ୱରଙ୍କ ସଦୃଶ ଜୀବନ ଅଟେ । ମାତ୍ର ଆପଣଙ୍କୁ ବାଇବଲ ଖୋଲି ଏହି ସତ୍ୟ ଗ୍ରହଣ କରିବାକୁ ପଡ଼ିବ । ତାହାହେଲେ ସେହି ସତ୍ୟ ଆପଣଙ୍କ ମଧ୍ୟରେ ବାସ କରିବାକୁ ଆରମ୍ଭ କରିବ । ଯଦି ଆପଣ ବାଇବଲକୁ ଥାକ ଉପରେ କେବଳ ରଖି ଦିଅନ୍ତି, ତେବେ ମଧ୍ୟ ତାହା ସତ୍ୟ ଅଟେ, ମାତ୍ର ଏହାଦ୍ୱାରା କିଛି ଘଟିବ ନାହିଁ ।

*ଯୋହନ ୬:୬୩*

ଯୀଶୁ କହିଲେ, ‘‘ମୁଁ ତୁମ୍ଭମାନଙ୍କୁ ଯେଉଁସବୁ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ।’’ ବାଇବଲର ଶବ୍ଦଗୁଡ଼ିକ ଅନ୍ୟ ସମସ୍ତ ଶବ୍ଦଠାରୁ ଭିନ୍ନ ଅଟେ । ସେଗୁଡ଼ିକ ଆତ୍ମା ଅଟନ୍ତି – ଆଉ ସେହି ଆତ୍ମା ହେଉଛନ୍ତି ସ୍ୱୟଂ ଈଶ୍ୱର । ଏହାର ଅର୍ଥ, ଆପଣ ବାଇବଲରୁ ଶବ୍ଦସବୁ ଗ୍ରହଣ କଲାବେଳେ, ଈଶ୍ୱରଙ୍କ ଆତ୍ମା ଆପଣଙ୍କୁ ପରିବର୍ତ୍ତନ କରିବାକୁ ଆରମ୍ଭ କରନ୍ତି । ଈଶ୍ୱରଙ୍କ ନିଜ ସଦୃଶ ଜୀବନ ଆପଣଙ୍କ ମଧ୍ୟକୁ ଚାଲିଆସେ ।



## ୩ ସେହି ବାକ୍ୟ ଆପଣଙ୍କୁ ପରିବର୍ତ୍ତିତ କରିବାକୁ ଆରମ୍ଭ କରେ

ସେହି ବାକ୍ୟ ଦ୍ୱାରା ଆପଣଙ୍କ ଜୀବନର ଯେଉଁ କ୍ଷେତ୍ରଗୁଡ଼ିକ ପ୍ରଭାବିତ ହେବ, ତାହା ପରିବର୍ତ୍ତିତ ହେବାକୁ ଆରମ୍ଭ କରିବ । ଯଦି ଆପଣ ଅସୁସ୍ଥ, ଆଉ ଆପଣ ସୁସ୍ଥତା ସମ୍ବନ୍ଧରେ ଈଶ୍ୱରଙ୍କ ବାକ୍ୟସବୁ ପାଠ କରିବାକୁ ଲାଗନ୍ତି, ତେବେ ସେହି ବାକ୍ୟ ଦ୍ୱାରା ସୁସ୍ଥତା ଆପଣଙ୍କ ଶରୀରକୁ ଆସିବ : ‘‘ତାହାଙ୍କ ଆଦେଶରେ ସେ ସେମାନଙ୍କୁ ସୁସ୍ଥ କଲେ ।’’ ଆଉ କୌଣସି ବିଷୟର ଏପରି ଆଶ୍ଚର୍ଯ୍ୟ ପ୍ରକାର ଜୀବନପରିବର୍ତ୍ତନକାରୀ ଶକ୍ତି ନାହିଁ ! ଏଣୁ ବାଇବଲ ଅଧ୍ୟୟନ କରନ୍ତୁ, ପ୍ରତିଜ୍ଞାସବୁ ଉଚ୍ଚାରଣ କରନ୍ତୁ ଓ ଈଶ୍ୱରଙ୍କ ବାକ୍ୟରେ ଲାଗିରୁହନ୍ତୁ ।

*ଗୀତ ୧୦୭:୨୦*

### ଈଶ୍ୱରଙ୍କ ବାକ୍ୟ: ଏକ ସୁଦୃଢ଼ ଭିତ୍ତିମୂଳ


ଆମର ପୃଥିବୀ ପରିବର୍ତ୍ତନଶୀଳ ଓ ସମସ୍ତ ବିଷୟ ପରିବର୍ତ୍ତିତ ହେଉଛି: ସମସ୍ତ ମୌଳିକ ବସ୍ତୁ, ମନୋଭାବ, ପଦ୍ଧତି ଏବଂ ଏପରିକି ଜ୍ଞାନ ମଧ୍ୟ ପରିବର୍ତ୍ତିତ ହେଉଛି ।



## ସେହି ବାକ୍ୟ ଆପଣଙ୍କୁ ପରିବର୍ତ୍ତିତ କରିବାକୁ ଆରମ୍ଭ କରେ *(କ୍ରମଶଃ)*

ମାତ୍ର ଯୀଶୁ କହନ୍ତି : ‘‘ଆକଶ ଓ ପୃଥିବୀ ଲୋପ ପାଇବ, କିନ୍ତୁ ମୋର ବାକ୍ୟସବୁ କେବେ ଲୋପ ପାଇବ ନାହିଁ ।’’ ଅତଏବ ଈଶ୍ୱରଙ୍କ ବାକ୍ୟ ଏପରି ଏକ ସୁଦୃଢ଼
*ମାଥି ୨୪:୩୫* ମୂଳଭିତ୍ତି, ଯାହା ଉପରେ ଆପଣ ଭରସା ରଖିପାରିବେ ।
*ଗୀତ ୪୦:୨* ‘‘ସେ ମୋର ପାଦଦ୍ୱୟ ଶୈଳ ଉପରେ ରଖିଲେ ଓ ଠିଆ
ହେବାକୁ ଏକ ଦୃଢ଼ ସ୍ଥାନ ଦେଲେ ।’’ ଆପଣ ଜାଣିପାରିବେ
*ଗୀତ ୩୩:୪* ଯେ, ଈଶ୍ୱର ତାଙ୍କର ପ୍ରତିଜ୍ଞାସବୁ ରକ୍ଷା କରନ୍ତି: ‘‘କାରଣ
*ମାଥି ୭:୭* ପ୍ରଭୁଙ୍କର ବାକ୍ୟ ଯଥାର୍ଥ ଓ ସତ୍ୟ, ସେ ତାଙ୍କର ସମସ୍ତ
*ଯୋହନ ୧୫:୭* କାର୍ଯ୍ୟରେ ବିଶ୍ୱସ୍ତ ।’’

ବର୍ତ୍ତମାନ ଆସନ୍ତୁ କାର୍ଯ୍ୟ କରିବା, କାରଣ ଈଶ୍ୱର ମଧ୍ୟ କାର୍ଯ୍ୟ କରନ୍ତି । ଯଦି ଆପଣଙ୍କର ପରିସ୍ଥିତି ନିମନ୍ତେ ଈଶ୍ୱରଙ୍କ ବାକ୍ୟରୁ ଆପଣ ଏକ ପ୍ରତିଜ୍ଞା ପାଇଛନ୍ତି, ତେବେ ଆପଣଙ୍କ ମନୋଭାବ ଯାହା ଥିଲେ ବା ଲୋକମାନେ ଯାହା କହିଲେ ମଧ୍ୟ ଆପଣ ସେହି ପ୍ରତିଜ୍ଞା ଉପରେ ଦୃଢ଼ ଭରସା ରଖିପାରିବେ । ଆପଣଙ୍କ ପାଦ ତଳ ଭୂମିଠାରୁ ମଧ୍ୟ ଈଶ୍ୱରଙ୍କ ବାକ୍ୟ ଅଧିକ ଶକ୍ତ ଓ ସୁଦୃଢ଼ । ଦିନେ ସେହି ଭୂମି ଅପସାରିତ ହୋଇଯିବ, ମାତ୍ର ଈଶ୍ୱରଙ୍କ ବାକ୍ୟ ଚିରସ୍ଥାୟୀ ରହିଥିବ !




### ଈଶ୍ୱରଙ୍କ ବାକ୍ୟ ଉପରେ ଭରସା ରଖିବା ବିଷୟକ ଦୃଷ୍ଟାନ୍ତମାନ

ଈଶ୍ୱରଙ୍କ ଶକ୍ତି ଆପଣଙ୍କ ଜୀବନ ମଧ୍ୟକୁ ପ୍ରବାହିତ ହେଉ !

*୧ କରି ୧:୧୮* ପ୍ରେରିତ ପାଉଲ କହନ୍ତି: କ୍ରୁଶର (ଯେଉଁଠାରେ ଯୀଶୁ ଆପଣଙ୍କ ଓ ମୋ’ ନିମନ୍ତେ
ମୃତ୍ୟୁବରଣ କଲେ) ବାର୍ତ୍ତା ଉଦ୍ଧାରପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଶକ୍ତି । ହଁ, କ୍ରୁଶ ବିଷୟକ ସେହି ବାର୍ତ୍ତା ଈଶ୍ୱରଙ୍କ ଶକ୍ତିରେ ପରିପୂର୍ଣ୍ଣ ହୋଇଛି ।

- ଯଦି ଆପଣ ଦୋଷୀ ଅନୁଭବ କରନ୍ତି ଓ ଆପଣ କରିଥିବା ଘଟଣା ଭୁଲି ପାରନ୍ତି ନାହିଁ, ଏପରିକି ଈଶ୍ୱରଙ୍କୁ କ୍ଷମା ମାଗିଥିଲେ ମଧ୍ୟ ଦୋଷୀ ଅନୁଭବ
*୧ ଯୋହନ ୧:୯* କରୁଥାନ୍ତି, ତେବେ କ୍ରୁଶ *ଉପରେ ଯୀଶୁ ଯାହା କରିଥିଲେ ତାହା ସ୍ମରଣ କରନ୍ତୁ ଓ ଘୋଷଣା କରନ୍ତୁ:* ***‘‘ଆମେ ଯଦି ନିଜର ପାପ ସ୍ୱୀକାର କରୁ, ତେବେ ଆମର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ପରିଷ୍କାର କରିବାକୁ ସେ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।’’***
- ଯଦି ଆପଣ ନିଃସଙ୍ଗତା ଅନୁଭବ କରନ୍ତି ଓ ଚିନ୍ତା କରନ୍ତି ଯେ, ଆପଣଙ୍କର ଯତ୍ନ କେହି ନିଅନ୍ତି ନାହିଁ, ତେବେ କ୍ରୁଶ ଉପରେ କ’ଣ ଘଟିଥିଲା, ତାହା ସ୍ମରଣ
*ଗାଲା ୪:୬,୭* କରନ୍ତୁ ଓ କୁହନ୍ତୁ : ***ଈଶ୍ୱର ତାହାଙ୍କ ପୁତ୍ରଙ୍କ ଆତ୍ମା ମୋ ହୃଦୟ ମଧ୍ୟକୁ ପ୍ରେରଣ କଲେ, ପୁଣି ମୁଁ ଈଶ୍ୱରଙ୍କୁ ମୋର ‘‘ପ୍ରିୟ ପିତା’’ ବୋଲି ଡାକିପାରିବି । ମୁଁ ଆଉ ଦାସ ନୁହେଁ, ମାତ୍ର ଈଶ୍ୱରଙ୍କର ଜଣେ ସନ୍ତାନ ।***
- ଯଦି ଆପଣ ଅସୁସ୍ଥ ଓ ଈଶ୍ୱରଙ୍କ ସାହାଯ୍ୟ ଆବଶ୍ୟକ କରନ୍ତି, ତେବେ ଆପଣଙ୍କ ସୁସ୍ଥତା ନିମନ୍ତେ ଯୀଶୁ କ୍ରୁଶ ଉପରେ ଯାହା କରିଥିଲେ, ତାହା ସ୍ମରଣ କରନ୍ତୁ
*୧ ପିତର ୨:୨୪* ଓ କୁହନ୍ତୁ: ***‘‘ତାହାଙ୍କର କ୍ଷତ ଦ୍ୱାରା ମୁଁ ସୁସ୍ଥ ହୋଇଛି ।’’***

ପାଉଲ ଯାହା କହିଲେ, ଆପଣ ବର୍ତ୍ତମାନ ତାହା ଶୁଣିଲେ–କ୍ରୁଶ ବିଷୟକ ଏକମାତ୍ର ବାର୍ତ୍ତା ହେଉଛି, ଈଶ୍ୱରଙ୍କ ଶକ୍ତି ! ଯଦି ଆପଣ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ଦାବି କରିବେ ଓ ସେ ଆପଣଙ୍କ ଜୀବନ ପରିବର୍ତ୍ତନ କରିବେ ବୋଲି ତାହାଙ୍କ ବାକ୍ୟ ଅନୁଯାୟୀ ତାଙ୍କଠାରେ ଭରସା ରଖିବେ, ତେବେ ଏହି ଶକ୍ତି ଆପଣଙ୍କ ଜୀବନରେ ପ୍ରବାହିତ ହେବ ।

## ଈଶ୍ୱରଙ୍କ ବାକ୍ୟ ଦିଗ୍‌ଦର୍ଶନ ପ୍ରଦାନ କରେ

ଅନେକ ସମୟରେ ଆମେ ଦିଗ୍‌ଦର୍ଶନ ଆବଶ୍ୟକ କରୁ । ଆମେ କ'ଣ କରିବା ଉଚିତ୍ ଓ କେଉଁ ଆଡ଼େ ଯିବା ଉଚିତ୍ ଏ ବିଷୟରେ ଦ୍ୱନ୍ଦ୍ୱଗ୍ରସ୍ତ ହୋଇଯାଉ । ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ଚରଣ ନିମନ୍ତେ ପ୍ରଦୀପ ଓ ପଥ ନିମନ୍ତେ ଆଲୋକ ସଦୃଶ ଅଟେ ! ଜୀବନର ପ୍ରତ୍ୟେକ ଦିଗ ବିଷୟରେ ବାଇବଲରେ କିଛି ନା କିଛି ବିଷୟ ଉଲ୍ଲେଖ ହୋଇଛି । ଆପଣ ଯେତେ ଅଧିକ ବାଇବଲ ଅଧ୍ୟୟନ କରିବେ, ସେତେ ଅଧିକ ସାହାଯ୍ୟ ଓ ଦିଗ୍‌ଦର୍ଶନ ଲାଭ କରିବେ । ଈଶ୍ୱର ତାହାଙ୍କ ଆଶ୍ଚର୍ଯ୍ୟ ଉପସ୍ଥିତିରେ ପ୍ରେମ ଓ ଶକ୍ତିର ଜୀବନ ଯାପନ କରିବା ବିଷୟରେ ଆପଣଙ୍କୁ ତାଙ୍କ ବାକ୍ୟ ମାଧ୍ୟମରେ ଶିକ୍ଷା ଦେବେ ।

*ଗୀତ ୧୧୯:୧୦୫*

## *ବାଇବଲ ଅନ୍ୱେଷଣ*

**ଅଭ୍ୟାସ ୧: ନିମ୍ନରେ ପ୍ରଦତ୍ତ ବାଇବଲ ପଦ ଓ ପର୍ବଗୁଡ଼ିକ ଈଶ୍ୱରଙ୍କ କାର୍ଯ୍ୟ ବର୍ଣ୍ଣନା କରନ୍ତି । ସେଗୁଡ଼ିକ ଦେଖନ୍ତୁ ଓ ସେଗୁଡ଼ିକ କ'ଣ କହନ୍ତି, ତାହା ଲେଖି ରଖନ୍ତୁ :**

୨ ଶାମୁ ୨୨:୩୧ ______________________________

______________________________

ହିତୋ ୩୦:୫ ______________________________

______________________________

ଯୋହନ ୧୭:୧୭ ______________________________

______________________________

ଏବ୍ରୀ ୪:୧୨ ______________________________

______________________________

ଫିଲିପ୍ପୀୟ ୨:୧୬ ______________________________

______________________________

ଗୀତ ୧୧୯:୧୦୩ ______________________________

______________________________

ଗୀତ ୧୧୯:୧୩୦ ______________________________

______________________________

ଯୋହନ ୬:୬୩ ______________________________

______________________________

## *ବାଇବଲ ଅନ୍ୱେଷଣ (କ୍ରମଶଃ)*

ଅଭ୍ୟାସ ୨: ଆପଣଙ୍କ ଜୀବନ ବା ପରିସ୍ଥିତିରେ ତିନୋଟି କ୍ଷେତ୍ରର ତାଲିକା କରନ୍ତୁ, ଯାହାକୁ ପରିବର୍ତ୍ତନ କରିବାକୁ ଆପଣ ଈଶ୍ୱରଙ୍କୁ ଆବଶ୍ୟକ କରନ୍ତି:

(୧) ______________________________

______________________________

(୨) ______________________________

______________________________

(୩) ______________________________

______________________________

ବର୍ତ୍ତମାନ ‘‘ଆତ୍ମା ଓ ଜୀବନର ବାକ୍ୟସମୂହ’’ ଫର୍ଦ୍ଦଟି ଖୋଲନ୍ତୁ ଓ ଆପଣଙ୍କ ତାଲିକାନୁଯାୟୀ ପ୍ରତି କ୍ଷେତ୍ର ନିମନ୍ତେ ଉଦ୍ଦିଷ୍ଟ ଏକ ବାଇବଲ ପଦ ଖୋଜି ଦେଖନ୍ତୁ । ନିମ୍ନରେ ତାହା ଲେଖନ୍ତୁ ଓ ଈଶ୍ୱରଙ୍କ କଥା ଉପରେ ବିଶ୍ୱାସ ରଖନ୍ତୁ । ତାଙ୍କର ପ୍ରତିଜ୍ଞାଗୁଡ଼ିକ ଉପରେ ଦୃଢ଼ ଭରସା ରଖନ୍ତୁ !

(୧) ______________________________

______________________________

(୨) ______________________________

______________________________

(୩) ______________________________

______________________________



## *କାର୍ଯ୍ୟ ସମୟ*

ଇଶ୍ୱରଙ୍କ ବାକ୍ୟ ଆପଣଙ୍କ ଜୀବନ ଓ ଆପଣଙ୍କ ଗୃହକୁ କିପରି ପ୍ରଭାବିତ କରିପାରିବ ? ଆପଣଙ୍କ ମୁଖର କଥା ମାଧ୍ୟମରେ ! ଆପଣ ବିଶ୍ୱାସରେ ଇଶ୍ୱରଙ୍କ କଥା ଉଚ୍ଚାରଣ କଲାବେଳେ ଇଶ୍ୱରଙ୍କ ଶକ୍ତି ପ୍ରବାହିତ ହୁଏ ଓ ଆଶ୍ଚର୍ଯ୍ୟ ଘଟଣାମାନ ଘଟିଥାଏ । ଅତଏବ, ଯଦି ଆପଣ ଇଶ୍ୱରଙ୍କ ସତ୍ୟ କହିବାକୁ ନିଜକୁ ସ୍ମରଣ କରାଇ ଦିଅନ୍ତି, ତେବେ ଆପଣଙ୍କର ଜୀବନ ଆଉ ପୂର୍ବ ପରି ରହିବ ନାହିଁ ।


### ୧. ଆପଣଙ୍କର ଗୃହକୁ ଇଶ୍ୱରଙ୍କ ବାକ୍ୟରେ ପୂର୍ଣ୍ଣ କରନ୍ତୁ

*ହିତୋ ୪:୨୦-୨୨*

*୨କରି ୫:୧୭*

*୧ ପିତର ୨:୨୪*

ଆପଣଙ୍କ ଗୃହର କାନ୍ଥରେ ବାଇବଲ ପଦମାନ ଟଙ୍ଗାନ୍ତୁ । ଆପଣଙ୍କର ମନିପର୍ସରେ ମୁଖସ୍ଥ ପଦମାନ ଲେଖି ରଖନ୍ତୁ । ସେଗୁଡ଼ିକୁ ପୁସ୍ତକ ମଧ୍ୟରେ ରଖନ୍ତୁ । ଇଶ୍ୱରଙ୍କ ବାକ୍ୟରେ ଥିବା ସତ୍ୟତାକୁ ସର୍ବଦା ନିଜକୁ ସ୍ମରଣ କରାଇ ଦିଅନ୍ତୁ । ଉଦାହରଣସ୍ୱରୂପ: ଖ୍ରୀଷ୍ଟଙ୍କଠାରେ ମୁଁ ହେଉଛି ଏକ ନୂତନ ସୃଷ୍ଟି, ଯୀଶୁଙ୍କର କ୍ଷତ ଦ୍ୱାରା ମୁଁ ସୁସ୍ଥ ହୋଇଛି, ଇତ୍ୟାଦି । ଆପଣଙ୍କ ଜୀବନରେ ଆପଣ ଇଶ୍ୱରଙ୍କ ବାକ୍ୟ ଯେତେ ଅଧିକ ରୋପଣ କରିଚାଲିବେ, ଆପଣଙ୍କ ବିଶ୍ୱାସ ସେତେ ଅଧିକ ବୃଦ୍ଧି ପାଇବ ।




### ୨. ଆପଣଙ୍କ ''ଆତ୍ମା ଓ ଜୀବନର ବାକ୍ୟ ସମୂହ'' ଫର୍ଦ୍ଦଟି ବ୍ୟବହାର କରନ୍ତୁ

ଏହା ''ଜୀବନର ପ୍ରବେଶ ଦ୍ୱାର'' ପୁସ୍ତକର ମଧ୍ୟ ଭାଗରେ ଥିବା ପରିଶିଷ୍ଟରେ ଦିଆଯାଇଛି । ଏହି ଫର୍ଦ୍ଦଟିକୁ ଆପଣଙ୍କ ବାଇବଲ, ଆପଣଙ୍କ ପକେଟ, କିମ୍ବା ବ୍ୟାଗ୍ ମଧ୍ୟରେ ରଖନ୍ତୁ । ଏଥିରେ ଅତି ଶକ୍ତିଯୁକ୍ତ ମୌଳିକ ଶାସ୍ତ୍ରାଂଶମାନ ରହିଛି ।


**''ଆତ୍ମା ଓ ଜୀବନର ବାକ୍ୟସମୂହ'' ଫର୍ଦ୍ଦଟିକୁ କିପରି ବ୍ୟବହାର କରିବେ ?**

**(୧)** ଏହାକୁ ଏହି ପୁସ୍ତକର ମଧ୍ୟଭାଗରୁ ବାହାର କରି ଏହାର ପୃଷ୍ଠା ଅନୁଯାୟୀ ଭାଙ୍ଗି ରଖନ୍ତୁ ।

**(୨)** ଏହାକୁ ଆପଣଙ୍କ ପାଖରେ ରଖନ୍ତୁ ।

*ରୋମୀ ୧୦:୯,୧୦*

**(୩)** ବାଇବଲ ପଦଗୁଡ଼ିକ ଶୁଣାଯିବା ଭଳି ପଢ଼ନ୍ତୁ । ଆପଣଙ୍କ ବିଶ୍ୱାସ ଓ ଆପଣଙ୍କ ମୁଖର ସ୍ୱୀକାରୋକ୍ତି ଆପଣଙ୍କ ଜୀବନ ପରିବର୍ତ୍ତନ କରିବ । ଏହିପରି ଭାବରେ ଆପଣ ଅତିଶୀଘ୍ର ବାଇବଲର ଅନେକ ପଦ ମନେ ରଖିପାରିବେ । ଆପଣଙ୍କର ଆବଶ୍ୟକ ସମୟରେ ପବିତ୍ର ଆତ୍ମା ଏଗୁଡ଼ିକୁ ଆପଣଙ୍କ ନିମନ୍ତେ ଜୀବନ୍ତ କରି ତୋଳି ଧରିବେ !



## *ମୁଖସ୍ଥ ସମୟ*

**ଈଶ୍ୱରଙ୍କ ବାକ୍ୟ ମୁଖସ୍ଥ କରନ୍ତୁ ଓ କୁହନ୍ତୁ**

ଏହି ବାଇବଲ ପଦଗୁଡ଼ିକୁ ଏକ ସାଧା କାଗଜରେ ଲେଖନ୍ତୁ, ଆଉ ପ୍ରତିଦିନ ସେଗୁଡ଼ିକୁ ଅନେକ ଥର ପାଠ କରନ୍ତୁ – ବସରେ, ଛୁଟି ସମୟରେ, ସପରିବାର ଭୋଜନ କରିବା ସମୟରେ ।

**"ପ୍ରଭୁଙ୍କର ବାକ୍ୟ ଯଥାର୍ଥ ଓ ସତ୍ୟ**
**ଏବଂ ତାହାଙ୍କର ସମସ୍ତ କର୍ମ ବିଶ୍ୱସ୍ତତାରେ ସାଧିତ ।"**
*ଗୀତ ୩୩:୪*

**"ଆକାଶମଣ୍ଡଳ ଓ ପୃଥିବୀ ଲୋପ ପାଇବ କିନ୍ତୁ**
**ମୋର କଥା ଲୋପ ପାଇବ ନାହିଁ ।"**
*ମାଥିଉ ୨୪:୩୫*

# ଆପଣଙ୍କ ନୂତନ ଜୀବନ !

## ଏହି ପାଠ ବିଷୟରେ ପଦେ:

ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କେବଳ କଥା ସର୍ବସ୍ୱ ନୁହେଁ, ଏହା ଏକ ସଂପୂର୍ଣ୍ଣ ନୂତନ ଓ ଭିନ୍ନ ପ୍ରକାରର ଜୀବନ ଅଟେ । ଖ୍ରୀଷ୍ଟଙ୍କ ସୁସମାଚାର ସହିତ ଆସେ ଈଶ୍ୱରଙ୍କ ମହାନ ଶକ୍ତି ଓ ଆଶୀର୍ବାଦ ସମୂହ । ଆପଣ ଯେତେ ଅଧିକ ତାହାଙ୍କ ପ୍ରଦତ୍ତ ଜୀବନ ଯାପନ କରିବେ, ଆପଣ ତାହା ଅଧିକରୁ ଅଧିକ ଅନୁଭବ କରିବେ ।

ଆଜି ଆପଣ ନିମ୍ନଲିଖିତ ବିଷୟମାନ ଶିକ୍ଷା କରିବେ :

- **ଖ୍ରୀଷ୍ଟରେ ଆପଣଙ୍କର ନୂତନ ଜୀବନ ।**
- **ନିଜ ଜୀବନରେ ଏହାକୁ ବାସ୍ତବତାରେ ପରିଣତ କରିବାକୁ ଆପଣଙ୍କର ଆବଶ୍ୟକୀୟ ପଦକ୍ଷେପମାନ ।**

## ଆପଣଙ୍କ ନୂତନ ଜୀବନ ନିମନ୍ତେ ପାଞ୍ଚଟି ସ୍ତମ୍ଭ

*୨କରି ୫:୧୭*

*କଲସୀୟ ୧:୧୩*

"ଯେତେବେଳେ କେହି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ, ସେତେବେଳେ ତାହାର ଜୀବନରେ ନୂତନ ସୃଷ୍ଟିର ସଞ୍ଚାର ହୁଏ । ପୁରାତନ ଜୀବନ ଲୋପ ପାଏ; ନୂତନ ଜୀବନ ଆରମ୍ଭ ହୁଏ ।" ହାଲ୍ଲେଲୁୟା ! ଆପଣ ଯେତେବେଳେ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ, ଈଶ୍ୱର ଆପଣଙ୍କୁ ଯୀଶୁଙ୍କ ରାଜ୍ୟ ମଧ୍ୟକୁ ନେଇ ଆସିଲେ ।

ଆପଣ ଏହାକୁ ଅନୁଭବ କରି ନ ପାରିଲେ ମଧ୍ୟ ଆପଣ ବର୍ତ୍ତମାନ ଏକ ନୂତନ ରାଜ୍ୟରେ ଅଛନ୍ତି । ଯଦି କେହି ଗୋଟିଏ ଦେଶରୁ ଅନ୍ୟ ଦେଶକୁ ନାଗରିକତ୍ୱ ପରିବର୍ତ୍ତନ କରନ୍ତି, ସେ ନୂଆ ନାଗରିକତ୍ୱର ଉପକାରିତା ଅନୁଭବ ନ କରିବା ପର୍ଯ୍ୟନ୍ତ କୌଣସି ଭିନ୍ନତା ଜାଣିପାରନ୍ତି ନାହିଁ । ଆପଣଙ୍କ କ୍ଷେତ୍ରରେ ମଧ୍ୟ ସେହି ପ୍ରକାର ହୁଏ ! ଏହି ପାଠରେ ଆପଣ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ସତ୍ୟ ଶିକ୍ଷା କରିବେ ଯଥା : ବାପ୍ତିସ୍ମ, ସହଭାଗିତା, ବାଇବଲ ଅଧ୍ୟୟନ, ପ୍ରାର୍ଥନା ଓ ଉପାସନା ଏବଂ ଆପଣଙ୍କ ବିଶ୍ୱାସର ସାକ୍ଷ୍ୟ – ଯାହା ଆପଣଙ୍କୁ ଏହି ନୂତନ ରାଜ୍ୟରେ ଜୀବନଯାପନ ବିଷୟରେ ଶିକ୍ଷା ଦେବ ।

## ୧ ବୁଡ଼ନ

*ପ୍ରେରିତ ୨:୧୪–୪୧*

*ପ୍ରେରିତ ୨:୩୭,୩୮*

*ପ୍ରେରିତ ୨:୩୮,୪୧*

*ପ୍ରେରିତ ୮:୩୮*

ପେଣ୍ଟିକଷ୍ଟ ଦିବସରେ ଯେତେବେଳେ ପିତର ତାଙ୍କର ପ୍ରଥମ ବାର୍ତ୍ତା ପ୍ରଚାର କରୁଥିଲେ, ଲୋକମାନେ ନିଜର ପାପର ବୋଧ ପାଇ ପରିବର୍ତ୍ତିତ ହେବାକୁ ଇଚ୍ଛା କଲେ । ସେହି ବାର୍ତ୍ତା ଅନୁତାପ ଓ ବିଶ୍ୱାସ ସମ୍ବନ୍ଧୀୟ ଥିଲା, ଆଉ ଲୋକମାନେ ପଚାରିଲେ : "'ଭାଇମାନେ, ଆମ୍ଭମାନଙ୍କୁ କ'ଣ କରିବାକୁ ହେବ ?' 'ତୁମ୍ଭେମାନେ ପ୍ରତ୍ୟେକେ ପାପରୁ ମନ ଫେରାଇ ଈଶ୍ୱରଙ୍କ ନିକଟକୁ ଫେରିଆସ ଏବଂ ପାପ କ୍ଷମା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ନାମରେ ଜଳଦୀକ୍ଷା ଗ୍ରହଣ କର, ତାହାହେଲେ ତୁମ୍ଭେମାନେ ମଧ୍ୟ ଏହି ଦାନ, ଅର୍ଥାତ୍ ପବିତ୍ରଆତ୍ମାଙ୍କୁ ଲାଭ କରିପାରିବ ।" ପ୍ରଥମେ ସେମାନେ ଅନୁତାପର ଏକ ପଦକ୍ଷେପ ନେଲେ – ସେମାନେ ନିଜ ପାପ ପଥ ଛାଡ଼ି ଈଶ୍ୱରଙ୍କ ପ୍ରତି ଫେରିଲେ । ଦ୍ୱିତୀୟରେ, ସେମାନେ ଜଳରେ ବୁଡ଼ନ ନେଇ ଜଳଦୀକ୍ଷା ଗ୍ରହଣ କଲେ ।

## ଡୁବନ (କ୍ରମଶଃ)

### ଡୁବନ କ'ଣ ଅଟେ ?


ମାଥି ୨୮:୧୯

ଡୁବନ ଗ୍ରହଣ କରିବା ନିମନ୍ତେ ଯୀଶୁ ନିଜେ ନିର୍ଦ୍ଦେଶ ଦେଇଥିଲେ : ''ତେଣୁ ସବୁ ଦେଶର ଲୋକମାନଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ଜଳଦୀକ୍ଷା (ଡୁବନ) ଦେଇ ଶିଷ୍ୟ କର ।'' ଜଳରେ ଡୁବନ ଦ୍ୱାରା ଆପଣ ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ସହିତ ନିଜକୁ ଚିହ୍ନିତ କରନ୍ତି – ଆପଣ ପୁରାତନ ଜୀବନ ପ୍ରତି ମୃତ ହୁଅନ୍ତି ଓ ଯୀଶୁଙ୍କଠାରେ ଏକ ନୂତନ ତଥା ପ୍ରଚୁରତାରେ ପୂର୍ଣ୍ଣ ଜୀବନ ପ୍ରତି ପୁନରୁତ୍‌ଥିତ ହୁଅନ୍ତି ! ପାଉଲ ଶିକ୍ଷା ଦିଅନ୍ତି : ''ଆମ୍ଭେମାନେ ଯେତେବେଳେ ଖ୍ରୀଷ୍ଟବିଶ୍ୱାସୀ ହେଲୁ, ସେତେବେଳେ ଆମ୍ଭମାନଙ୍କ ଉପରୁ ପାପର କର୍ତ୍ତୃତ୍ୱ ଲୋପ ପାଇଲା ଏବଂ ଆମ୍ଭେମାନେ ଜଳରେ ଡୁବିତ ହୋଇ ଖ୍ରୀଷ୍ଟଙ୍କର ଅଙ୍ଗୀଭୂତ ହେଲୁ । ତାଙ୍କର ମରଣରେ ଆମ୍ଭମାନଙ୍କର ପାପ ପ୍ରବୃତ୍ତି ଧ୍ୱଂସ ପାଇଲା । ଆମ୍ଭେମାନେ ଡୁବିତ ହେଲାବେଳେ ଆମ୍ଭମାନଙ୍କର ପୁରାତନ ପାପ ପ୍ରବୃତ୍ତି ତାଙ୍କ ମରଣରେ ତାଙ୍କ ସହିତ ସମାଧିପ୍ରାପ୍ତ ହେଲା । ଆଉ ପିତା, ଈଶ୍ୱର ଆପଣାର ଗୌରବମୟ ଶକ୍ତିରେ ଯେତେବେଳେ ତାଙ୍କୁ ମୃତମାନଙ୍କ ମଧ୍ୟରୁ ପୁନରୁଜ୍ଜୀବିତ କଲେ, ସେତେବେଳେ ଆମ୍ଭେମାନେ ଏହି ଅପୂର୍ବ ନୂତନ ଜୀବନ ଲାଭ କଲୁ ।''

ରୋମୀ ୬:୩,୪

### ଯୀଶୁଙ୍କଠାରେ ସଂଘଟିତ ତିନୋଟି ବିଷୟକୁ ଡୁବନ ପ୍ରତିଫଳିତ କରେ


ଯୀଶୁ ଆମର ସମସ୍ତ ପାପ ବହନ କଲେ



୨ କରି ୫:୨୧

୧ ଯୀଶୁ ଆମର ସମସ୍ତ ପାପ ଓ ଦଣ୍ଡକୁ ନିଜ ଉପରକୁ ନେଲେ । ସେ ଆମ ନିମନ୍ତେ ମୃତ୍ୟୁଦଣ୍ଡ ଭୋଗକଲେ । ''ଆମେ ଯେପରି ଈଶ୍ୱରଙ୍କ ଧାର୍ମିକତା ଲାଭ କରିପାରିବୁ, ଏଥିପାଇଁ ଖ୍ରୀଷ୍ଟ ନିଷ୍ପାପ ହୋଇ ସୁଦ୍ଧା ଆମ ସକାଶେ ପାପୀ ବୋଲି ଗଣ୍ୟ ହେଲେ ।''

ସେ ମୃତ୍ୟୁବରଣ କଲେ ଓ କବରପ୍ରାପ୍ତ ହେଲେ



ରୋମୀ ୬:୭

୨ ଯୀଶୁଙ୍କ ମୃତ୍ୟୁ ପରେ ସେ ଯେତେବେଳେ କବରପ୍ରାପ୍ତ ହେଲେ, ସେତେବେଳେ ପାପର ବନ୍ଧନ ଓ ଶକ୍ତିକୁ ଛିନ୍ନ କଲେ, ''କାରଣ ଆମ୍ଭେମାନେ ଯେତେବେଳେ ପାପ ପ୍ରତି ମୃତ, ଆମ୍ଭେମାନେ ପାପର ଶକ୍ତି ଓ ପ୍ରଲୋଭନରୁ ମୁକ୍ତ ।'' ଯୀଶୁ ବର୍ତ୍ତମାନ ପୁନରୁତ୍ଥାନ ନିମନ୍ତେ ପ୍ରସ୍ତୁତ ।

ଏକ ନୂତନ ଜୀବନକୁ ସେ ଉତ୍‌ଥିତ ହେଲେ



ରୋମୀ ୮:୧୧

ଏବ୍ରୀ ୭:୨୫

୩ ତୃତୀୟ ଦିବସରେ, ଯୀଶୁ ପୁନରୁତ୍‌ଥିତ ହେଲେ ! ସେ ଆତ୍ମାଙ୍କ ଦ୍ୱାରା ଜୀବିତ ହେଲେ । ବର୍ତ୍ତମାନ ସେ ତାଙ୍କ ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ସ୍ୱର୍ଗରେ ଉପବିଷ୍ଟ ଏବଂ ଯେଉଁମାନେ ତାଙ୍କ ମଧ୍ୟଦେଇ ଈଶ୍ୱରଙ୍କ ନିକଟକୁ ଆସନ୍ତି, ସେ ସେମାନଙ୍କ ନିମନ୍ତେ ମଧ୍ୟସ୍ଥତା କରିବାକୁ ସେଠାରେ ଉପସ୍ଥିତ ।

## ଆପଣଙ୍କ ଡୁବନ ଏହି ତିନୋଟି ଅବସ୍ଥାକୁ ପ୍ରତିଫଳିତ କରେ ।

ପାପ ଅଧୀନରେ ଆପଣଙ୍କ ପୁରାତନ ଜୀବନ





ଏଫି. ୪:୨୨,୩୨
୧ଥେସ. ୧:୯
ଲୂକ ୯:୨୩-୨୫

### ୧ କ୍ରୁଶ

ଅନ୍ଧକାର ରାଜ୍ୟରେ ଆପଣଙ୍କ ପୁରୁଣା ଜୀବନର ଯେ ମୃତ୍ୟୁ ହୋଇଛି, କ୍ରୁଶ ତାର ପ୍ରତୀକ । ଏହାର ଅର୍ଥ:

- ଆପଣ ନିଜର ପୁରାତନ ସ୍ୱାର୍ଥପର ଜୀବନଶୈଳୀକୁ ପରିତ୍ୟାଗ କରନ୍ତି ।
- ଆପଣଙ୍କ ଉପରେ କର୍ତ୍ତୃତ୍ୱ କରୁଥିବା ଆପଣଙ୍କର ପୁରାତନ ‘‘ଦେବାଦେବୀ’’ଙ୍କୁ ଅର୍ଥାତ୍ ବିଷୟବସ୍ତୁଗୁଡ଼ିକୁ ପରିତ୍ୟାଗ କରନ୍ତି ।
- ଅବଶିଷ୍ଟ ଜୀବନରେ ଆପଣ ଖ୍ରୀଷ୍ଟଙ୍କ ଅନୁଗମନ କରିବାକୁ ସିଦ୍ଧାନ୍ତ ନିଅନ୍ତି ଓ ନୂତନ ଜୀବନ ଆଡ଼କୁ ଅଗ୍ରସର ହୁଅନ୍ତି ।

ସେହି ପୁରାତନ ଜୀବନ ଡୁବନରେ ମୃତ




ରୋମୀ ୬:୬
୧ ପିତର ୨:୨୪
ରୋମୀ ୬:୭

### ୨ କବର

ଆପଣ ଯେତେବେଳେ ଜଳରେ ଡୁବନ୍ତି, ଆପଣଙ୍କର ପୁରାତନ ଜୀବନ ସମାଧିସ୍ଥ ହୁଏ । ଏହା କବରରେ ଥିବା ଏକ ମୃତ ଶରୀର ସଦୃଶ ଅଟେ, ଯଦ୍ଦ୍ୱାରା ପାପର ଶକ୍ତି ବିନଷ୍ଟ ହୁଏ ଓ ପାପର ବନ୍ଧନ ଛିନ୍ନ ହୁଏ । ‘‘କାରଣ ଆମ୍ଭେମାନେ ଯେତେବେଳେ ପାପ ପ୍ରତି ମୃତ, ଆମ୍ଭେମାନେ ପାପର ଶକ୍ତି ଓ ପ୍ରଲୋଭନରୁ ମୁକ୍ତ ।’’ ଏହି ମୃତ୍ୟୁ ହିଁ ଆପଣଙ୍କର ସ୍ୱାଧୀନତା !

ବିଜୟ ଓ ଆନନ୍ଦରେ ନୂତନ ଜୀବନ



୨କରି ୫:୧୭
କଲ ୨:୧୨
ଯୋହନ ୧୧:୨୫,୨୬
ଏଫି ୧:୧୯,୨୦

### ୩ ପୁନରୁତ୍ଥାନ

ଆପଣ ଜଳରୁ ବାହାରି ଏକ ନୂତନ ଜୀବନକୁ ଉଠି ଆସନ୍ତି । ଆପଣ ଯେଉଁ ସମୟରେ ଉଦ୍ଧାରପ୍ରାପ୍ତ ହୋଇଥିଲେ, ସେହି ସମୟରେ ଯେଉଁ ଆଶ୍ଚର୍ଯ୍ୟ ବିଷୟ ଘଟିଥିଲା, ଡୁବନ ତାହାକୁ ପ୍ରକାଶ କରେ । ଆପଣ ଏକ ନୂତନ ସୃଷ୍ଟି ହୁଅନ୍ତି ।

ଆପଣ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିବାରୁ, ଆପଣ ଖ୍ରୀଷ୍ଟଙ୍କ ସହିତ ଉତ୍‌ଥିତ ହୁଅନ୍ତି, ଆଉ ତାଙ୍କ ସହିତ ଜୀବିତ ଅଟନ୍ତି । ତାଙ୍କର ସେହି ଚମତ୍କାର ପୁନରୁତ୍‌ଥାନର ଶକ୍ତି ବର୍ତ୍ତମାନ ଆପଣଙ୍କର !

## ଯୀଶୁ ଚାହାନ୍ତି ଆପଣ ଡୁବନ (ଜଳଦୀକ୍ଷା) ଗ୍ରହଣ କରନ୍ତୁ

ମାର୍କ ୧୬:୧୬
ପ୍ରେରିତ ୨:୪୧
ରୋମୀ ୧୦:୯,୧୦
ଏଫି ୨:୮,୯

ଯୀଶୁ କହନ୍ତି: ‘‘ଯେଉଁମାନେ ବିଶ୍ୱାସ କରିବେ ଓ ଜଳଦୀକ୍ଷା ଗ୍ରହଣ କରିବେ, ସେମାନେ ପରିତ୍ରାଣ ପାଇବେ । କିନ୍ତୁ ଯେଉଁମାନେ ବିଶ୍ୱାସ କରିବେ ନାହିଁ, ସେମାନେ ଦଣ୍ଡିତ ହେବେ ।’’ ଏହାର ଅର୍ଥ, ପ୍ରତ୍ୟେକ ବିଶ୍ୱାସୀ ଯୀଶୁଙ୍କ ବାଧ୍ୟ ହୋଇ ଡୁବିତ ହେବା ଉଚିତ୍ । କେବଳ ଡୁବନ ଆପଣଙ୍କୁ ରକ୍ଷା କରେ ନାହିଁ, ଯୀଶୁ ଯେ ପ୍ରଭୁ ଏହା ବିଶ୍ୱାସ କରି ସ୍ୱୀକାର କରିବା ହେତୁ ଆପଣ ପରିତ୍ରାଣ ପାଆନ୍ତି । ଖ୍ରୀଷ୍ଟଙ୍କଠାରେ ଆପଣଙ୍କର ନୂତନ ଜୀବନର ଏକ ବାହ୍ୟିକ ସ୍ୱୀକାରୋକ୍ତି ହେଉଛି ଡୁବନ । ଏଣୁ ଆପଣ ଯଦି ଏପର୍ଯ୍ୟନ୍ତ ପିତା, ପ୍ରଭୁ ଓ ପବିତ୍ର ଆତ୍ମାଙ୍କ ନାମରେ ଜଳରେ ଡୁବନ ଗ୍ରହଣ କରି ନାହାନ୍ତି, ତେବେ ଏହା ଆପଣଙ୍କ ନିମନ୍ତେ ବର୍ତ୍ତମାନ ଏକ ଅତି ଆବଶ୍ୟକୀୟ କାର୍ଯ୍ୟ । ଏହା କଲେ ଆପଣ ଆଶୀର୍ବାଦ ପ୍ରାପ୍ତ ହେବେ ।

## ୨ ମଣ୍ଡଳୀ : ଅନ୍ୟ ବିଶ୍ୱାସୀମାନଙ୍କ ସହିତ ସହଭାଗିତା

ପ୍ରଥମ ବିଶ୍ୱାସୀମାନଙ୍କର ଜୀବନ ଶୈଳୀ ଆମୂଳଚୂଳ ପରିବର୍ତ୍ତିତ ହୋଇଗଲା; ''ଯେଉଁମାନେ ପିତରଙ୍କ କଥାରେ ବିଶ୍ୱାସ କଲେ, ସେମାନେ ବ୍ତପ୍ତିସ୍ମ ଗ୍ରହଣ କଲେ
ପ୍ରେରିତ ୨:୪୧,୪୨ ଏବଂ ... ପ୍ରେରିତ ଶିଷ୍ୟମାନଙ୍କ ଶିକ୍ଷା ଶୁଣିବାରେ, ପ୍ରଭୁଭୋଜରେ ଓ ପ୍ରାର୍ଥନା ସଭାରେ
ମାଥି ୨୮:୨୦ ନିୟମିତଭାବେ ଯୋଗ ଦେଲେ ।'' ଜଣେ ବିଶ୍ୱାସୀ କଦାପି ନିଃସଙ୍ଗ ରହେ ନାହିଁ, ସେ
୧କରି ୧୨:୧୨,୧୩ ସର୍ବଦା ଈଶ୍ୱରଙ୍କ ସହିତ ନିବିଡ଼ ସହଭାଗିତାରେ ରହିପାରିବ । ମାତ୍ର ଏହା ସହିତ ଅନେକ
୧ଯୋହନ ୪:୧୯ ବିଷୟ ମଧ୍ୟ ରହିଛି, ସମସ୍ତ ବିଶ୍ୱାସୀ ଏକ ଅଟନ୍ତି ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଦୃଶ ପରସ୍ପର ସହିତ ସଂଯୁକ୍ତ । ଆମ୍ଭମାନଙ୍କ ମଧ୍ୟରେ କୌଣସି ବିଭେଦ ପ୍ରାଚୀର ନାହିଁ, କାରଣ ଆମର ଏକ ନୂତନ ଲକ୍ଷ୍ୟସ୍ଥଳ ହୋଇଛି, ସେ ହେଉଛନ୍ତି ଯୀଶୁ । ଆମେ ପରସ୍ପରକୁ ଭଲ ପାଉ, କାରଣ ଯୀଶୁ ପ୍ରଥମେ ଆମକୁ ଭଲ ପାଇଲେ ।



ପ୍ରେରିତ ୨:୪୪-୪୭ ପ୍ରଥମ ବିଶ୍ୱାସୀମାନଙ୍କ ନିମନ୍ତେ, ଏହି
ପ୍ରେରିତ ୪:୩୨-୩୫ ପ୍ରେମ ଥିଲା ବାସ୍ତବ ଓ ବ୍ୟବହାରିକ । ସେମାନେ ପ୍ରାୟ ଗୃହମାନଙ୍କରେ ପ୍ରତିଦିନ ପରସ୍ପର ସହିତ ମିଳିତ ହେଉଥିଲେ । ସେମାନେ ନିଜର ସଂପତ୍ତିରେ ଅନ୍ୟକୁ ଅଂଶୀ କରାଉଥିଲେ, ଫଳରେ ସେମାନଙ୍କ ମଧ୍ୟରେ
୧କରି ୧୧:୨୩-୨୬ ଆଉ କୌଣସି ଲୋକ ଦରିଦ୍ର ନ ଥିଲେ । ସେଠାରେ ପ୍ରଚୁର ଆନନ୍ଦ ଥିଲା, ଆଉ ସେମାନେ ଏକତ୍ର ହୋଇ ରୋଟୀ ଭାଙ୍ଗୁଥିଲେ ଓ ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ଓ ପ୍ରାର୍ଥନା କରୁଥିଲେ । ତହିଁରେ ସେମାନଙ୍କର ଚତୁଃପାର୍ଶ୍ୱର ଲୋକମାନେ ସେମାନଙ୍କୁ ଭଲ ପାଇଲେ । ସେମାନେ ଯୀଶୁଙ୍କୁ ଜୀବନର କେନ୍ଦ୍ର ସ୍ଥଳରେ ରଖି ପରସ୍ପର ସହିତ ନିବିଡ଼ ସହଭାଗିତାରେ ଜୀବନ କାଟୁଥିବାରୁ ଲୋକମାନେ ପ୍ରତିଦିନ ପରିତ୍ରାଣ ଲାଭ କରିବାକୁ ଲାଗିଲେ ! ଏହା ଆପଣଙ୍କ ନିମନ୍ତେ ମଧ୍ୟ ଆବଶ୍ୟକ । ଅର୍ଥାତ୍ ସମସ୍ତ ବିଶ୍ୱାସୀଙ୍କ ସହିତ ନିବିଡ଼ ସହଭାଗିତା । ଆପଣଙ୍କ ଗୃହ ଅନ୍ୟ ବିଶ୍ୱାସୀମାନଙ୍କ ନିମନ୍ତେ ଖୋଲା ରଖନ୍ତୁ । ଈଶ୍ୱରଙ୍କ ପ୍ରେମ ପ୍ରକାଶ କରିବାକୁ ଆରମ୍ଭ କରନ୍ତୁ, ଯଦ୍ଦ୍ୱାରା ଅନ୍ୟମାନେ ତାଙ୍କ ପ୍ରତି ଆକର୍ଷିତ ହେବେ ।

## ୩ ବାଇବଲ : ଆପଣଙ୍କର ପ୍ରତିଦିନର ଆହାର

ପ୍ରଥମ ବିଶ୍ୱାସୀମାନେ ପ୍ରେରିତମାନଙ୍କ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଉଥିଲେ, ସେହି
ପ୍ରେରିତ ୨:୪୨ ଶିକ୍ଷାସବୁ ବାଇବଲରେ ଅଛି । ସେମାନେ ଏକତ୍ର ହୋଇ ଏସବୁ ଶୁଣୁଥିଲେ ଓ ଏଥିରୁ ଶିକ୍ଷା ଲାଭ କରୁଥିଲେ, ଆଉ ସେମାନେ ଯାହା ଗ୍ରହଣ କରୁଥିଲେ, ସେଗୁଡ଼ିକ ଅନ୍ୟମାନଙ୍କୁ ଜଣାଉଥିଲେ । ଈଶ୍ୱରଙ୍କ ବାକ୍ୟ ଖାଦ୍ୟସ୍ୱରୂପ ଅଟେ । ଶିଶୁ ଥରକୁ ଥର ଖାଦ୍ୟ ଆବଶ୍ୟକ କରେ । ସେହିପରି ଆପଣ ମଧ୍ୟ ଆବଶ୍ୟକ କରନ୍ତି ।
୧ପିତର ୨:୨ ''ନବଜାତ ଶିଶୁ ଯେପରି ଦୁଗ୍ଧ ପାଇଁ ଲାଳାୟିତ ହୁଏ, ତୁମ୍ଭେମାନେ ସେହିପରି ବିଶୁଦ୍ଧ ଦୁଗ୍ଧ ରୂପ ଆଧ୍ୟାତ୍ମିକ ବିଷୟ ପ୍ରତି ଲାଳାୟିତ ହୁଅ । ତାହାହେଲେ, ତୁମ୍ଭେମାନେ ବୃଦ୍ଧି ଲାଭ କରି ପରିତ୍ରାଣର ପୂର୍ଣ୍ଣତା ପ୍ରାପ୍ତ ହେବ ।'' ଜଣେ ବିଶ୍ୱାସୀ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରି ତହିଁରେ ଜୀବନ ଯାପନ କଲେ ବିଶ୍ୱାସ ଓ ଶକ୍ତିରେ ବୃଦ୍ଧି ପାଏ । ଏଣୁ ପ୍ରତିଦିନ କିଛି ସମୟ ବାଇବଲ ସହିତ ସମୟ କାଟିବା ନିମନ୍ତେ କୌଣସି ବିଷୟ ଆପଣଙ୍କୁ ବାଧା ନ ଦେଉ । ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରନ୍ତୁ । ଆପଣ ଈଶ୍ୱରଙ୍କ ସହିତ ଯେତେ ଅଧିକ ସମୟ କାଟିବେ, ଆପଣ ତାଙ୍କର ସାଦୃଶ୍ୟରେ ବୃଦ୍ଧି ପାଇବାକୁ ଲାଗିବେ ।





## ୪ ପ୍ରାର୍ଥନା ଓ ଉପାସନା

ପ୍ରଥମ ବିଶ୍ୱାସୀମାନେ ପ୍ରାର୍ଥନାରେ ଅଧିକ ସମୟ କାଟୁଥିଲେ । ଆଉ ସେମାନେ ଏକତ୍ର ଈଶ୍ୱରଙ୍କ ପ୍ରଶଂସା କରୁଥିଲେ । ଏହା ବିଶ୍ୱାସୀମାନଙ୍କର ନୂତନ ଜୀବନ ଶୈଳୀ ହୋଇଯାଇଥିଲା ।

*ପ୍ରେରିତ ୨:୪୨* ଈଶ୍ୱରଙ୍କ ସହିତ ସହଭାଗିତା ରକ୍ଷା କରିବା ନିମନ୍ତେ ପ୍ରାର୍ଥନା ଏକ ମାଧ୍ୟମ ଅଟେ ।
*ପ୍ରେରିତ ୨:୪୭* ଆପଣ ନିଜ ହୃଦୟର କଥା ସବୁ ପ୍ରାର୍ଥନା ମାଧ୍ୟମରେ ଜଣାଇ ପାରିବେ, ଆପଣ
ଅନ୍ୟମାନଙ୍କ ସହ ଯେପରି କଥା ହୁଅନ୍ତି, ଠିକ୍ ସେହିପରି ପ୍ରାର୍ଥନା ମାଧ୍ୟମରେ ଈଶ୍ୱରଙ୍କ
ସହିତ କଥା ହୋଇପାରିବେ ।

ଆପଣ ଅଜ୍ଞାତ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ, ଏହା ହେଉଛି, ଆପଣଙ୍କ
*୧କରି ୧୪:୨,୧୫* ଆତ୍ମା ଈଶ୍ୱରଙ୍କ ସହିତ ଏକ ଅଜ୍ଞାତ ଭାଷାରେ କଥା କହିବା । ପରବର୍ତ୍ତୀ ପାଠରେ
ଆପଣ ଏ ସମ୍ପର୍କରେ ଅଧିକ ଜ୍ଞାନ ଲାଭ କରିପାରିବେ ।

ପ୍ରଥମ ବିଶ୍ୱାସୀମାନେ ଏକତ୍ର ମିଳି ପ୍ରାର୍ଥନା କରୁଥିଲେ ଓ ଆମ୍ଭମାନଙ୍କ ନିମନ୍ତେ ଏକ
ଆଦର୍ଶ ରଖିଯାଇଛନ୍ତି । 'ଏକମତ ହୋଇ' ପ୍ରାର୍ଥନା କରିବା ବିଷୟରେ ଯୀଶୁ ନିଜେ
*ମାଥି ୧୮:୧୯,୨୦* ଏକ ବିଶେଷ ପ୍ରତିଜ୍ଞା ପ୍ରଦାନ କରିଛନ୍ତି : "ମୁଁ ଆହୁରି ମଧ୍ୟ କହୁଛି, ଏହି ପୃଥିବୀରେ
ତୁମ୍ଭମାନଙ୍କ ମଧ୍ୟରୁ ଯେବେ ଦୁଇଜଣ ଏକମତ ହୋଇ କୌଣସି ବିଷୟ ମାଗିବେ, ତେବେ
ସ୍ୱର୍ଗରେ ମୋର ପିତା ତାହା ତୁମ୍ଭମାନଙ୍କ ନିମନ୍ତେ ସାଧନ କରିବେ । ଯେଉଁଠାରେ ଦୁଇ
କିମ୍ବା ତିନିଜଣ ମୋର ନାମରେ ଏକତ୍ର ହୁଅନ୍ତି, ମୁଁ ସେହିଠାରେ ସେମାନଙ୍କ ମଧ୍ୟରେ
ଉପସ୍ଥିତ ଅଛି ।" ଯେଉଁ ପ୍ରାର୍ଥନା ଅନ୍ୟମାନଙ୍କ ସହିତ ଏକମତ ହୋଇ କରାଯାଏ,
ତାହା ଶକ୍ତିଯୁକ୍ତ ଅଟେ ।

### ପ୍ରାର୍ଥନା ପରିସ୍ଥିତିକୁ ବଦଳାଇ ଦିଏ

ବିଶ୍ୱାସୀମାନେ ଏକତ୍ର ମିଳି ପ୍ରକୃତ ହୃଦୟରେ ପ୍ରାର୍ଥନା କଲେ, ସେମାନଙ୍କର ପ୍ରାର୍ଥନା ପରିସ୍ଥିତି ସବୁ ବଦଳାଇ ଦିଏ । ଏହା ଆପଣଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ।

*ପ୍ରେରିତ ୧୨:୫* ପିତର କାରାଗାରରେ ଥିବା ସମୟରେ, ସମଗ୍ର ମଣ୍ଡଳୀ ନିବିଷ୍ଟ ଚିତ୍ତରେ ତାଙ୍କ
ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କଲେ । ସେ ଏକ ଅତି ଜଟିଳ ପରିସ୍ଥିତିରେ ଥିଲେ ।
ତାଙ୍କୁ ଦୁଇଟି ଶିକୁଳିରେ ବାନ୍ଧି ଦିଆଯାଇଥିଲା ଓ ସେ ଦୁଇଜଣ ଜଗୁଆଳୀଙ୍କ ମଝିରେ
ଶୋଇଥିଲେ, ପୁଣି ଦ୍ୱାରଦେଶରେ ମଧ୍ୟ ଜଗୁଆଳୀମାନେ ପହରା ଦେଉଥିଲେ । ତଥାପି
ଈଶ୍ୱର ପ୍ରାର୍ଥନାର ଉତ୍ତର ସ୍ୱରୂପେ ତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବରେ ମୁକ୍ତ କଲେ । ଆପଣ
ମଧ୍ୟ ପ୍ରାର୍ଥନା କଲାବେଳେ ଅସମ୍ଭବ ପରିସ୍ଥିତିକୁ ପରିବର୍ତ୍ତିତ କରୁଥିବା ଈଶ୍ୱରଙ୍କ ଶକ୍ତି
ପ୍ରବାହିତ ହେବାର ଦେଖିପାରିବେ ।

ଆଉ ଏକ ଘଟଣାରେ, ପ୍ରଶାସକଗଣ ଯେତେବେଳେ ପ୍ରଥମ ବିଶ୍ୱାସୀମାନଙ୍କୁ
*ପ୍ରେରିତ ୪:୨୪-୩୧* ଧମକାଇଲେ ଓ ପ୍ରଚାର କରାଇ ନ ଦେବାକୁ ଚେଷ୍ଟା କଲେ, ସେତେବେଳେ "ଏହା
ଶୁଣି ସେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ମିଳିତ ଭାବରେ ସ୍ୱର ଉତ୍ତୋଳନ କରି ପ୍ରାର୍ଥନା
କଲେ,...ସେମାନେ ପ୍ରାର୍ଥନା କରିବା ପରେ ଯେଉଁଠାରେ ସମବେତ ହୋଇଥିଲେ, ସେ
ସ୍ଥାନ କମ୍ପି ଉଠିଲା । ପୁଣି ସେମାନେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ନିର୍ଭୀକ
ଭାବରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କଲେ ।" ସେମାନେ ଯେଉଁ ସାହସ ଆବଶ୍ୟକ
କରୁଥିଲେ, ଈଶ୍ୱର ସେମାନଙ୍କୁ ତାହା ଦେଲେ ।

*୨ବଂଶା ୫:୧୩,୧୪* ଆମର ଈଶ୍ୱର ମହାନ୍ ଓ ଆଶ୍ଚର୍ଯ୍ୟ ଅଟନ୍ତି, ଆଉ ଆମର ପ୍ରଶଂସା ଓ ଉପାସନାର
ଯୋଗ୍ୟ ଅଟନ୍ତି । ତାଙ୍କର ପ୍ରଶଂସା ଓ ଉପାସନା କରିବାକୁ ଅନ୍ୟମାନଙ୍କ ସହିତ ସମବେତ
ହୋଇ ସମୟ କାଟନ୍ତୁ । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଆନନ୍ଦପୂର୍ଣ୍ଣ ପ୍ରଶଂସାସୂଚକ ସଂଗୀତମାନ
ଗାନ କରନ୍ତୁ, ଆଉ ସେ ଯେ ଉତ୍ତମ, ଆଶ୍ଚର୍ଯ୍ୟ ଓ ନ୍ୟାୟବାନ୍, ତାହା ଘୋଷଣା
କରନ୍ତୁ । ଯେଉଁଠାରେ ଈଶ୍ୱରଙ୍କ ପ୍ରଶଂସା ଓ ଉପାସନା କରାଯାଏ, ସେ ଶାସନ କରିବାକୁ
*ଗୀତ ୨୨:୩* ଓ ତାଙ୍କ ଶକ୍ତି ପ୍ରକାଶ କରିବାକୁ ସେଠାକୁ ଆସନ୍ତି ! "ତୁମ୍ଭେ ସିଂହାସନୋପବିଷ୍ଟ ପବିତ୍ର
ଈଶ୍ୱର ଓ (ଈଶ୍ୱରଙ୍କ ଲୋକମାନଙ୍କର) ପ୍ରଶଂସାଭାଜନ ।"

## ୫ ଯୀଶୁଙ୍କ ବିଷୟ ଅନ୍ୟମାନଙ୍କୁ କୁହନ୍ତୁ


*ପ୍ରେରିତ ୨:୪୧,୪୭*
*ପ୍ରେରିତ ୪:୩୨,୩୩*
*ପ୍ରେରିତ ୫:୧୨-୧୬*

ପ୍ରଥମ ବିଶ୍ୱାସୀମାନଙ୍କର ଜୀବନଶୈଳୀ ଆଶ୍ଚର୍ଯ୍ୟ ଫଳମାନ ଉତ୍ପନ୍ନ କଲା । ସେମାନେ ଈଶ୍ୱରଙ୍କ ପ୍ରଶଂସା କରିବା ନିମନ୍ତେ ଗୃହମାନଙ୍କରେ ଆନନ୍ଦରେ ସମବେତ ହେଲେ, ଆଉ ଲୋକମାନେ ପ୍ରତିଦିନ ପରିତ୍ରାଣ ପ୍ରାପ୍ତ ହେଲେ । ସେମାନେ ଏକତ୍ର ପ୍ରେମରେ ବାସ କଲେ, ଆଉ ପ୍ରଚୁର ଶକ୍ତିରେ ପ୍ରଚାର କଲେ । ଈଶ୍ୱର ଆଶ୍ଚର୍ଯ୍ୟକର୍ମମାନ ସାଧନ କଲେ । ପୁଣି "ଅଧିକରୁ ଅଧିକ ପୁରୁଷ ଓ ସ୍ତ୍ରୀମାନେ ପ୍ରଭୁଙ୍କଠାରେ ବିଶ୍ୱାସ କଲେ ଓ ମଣ୍ଡଳୀଭୁକ୍ତ ହେବାକୁ ଲାଗିଲେ ।" ଆପଣ ଦେଖିପାରିଲେ କି, ଈଶ୍ୱରଙ୍କ ସହିତ ଓ ପରସ୍ପର ସହିତ ନିବିଡ଼ ସଂପର୍କ ରଖିବାର ଫଳାଫଳ କ'ଣ ହୁଏ ? ଏପରି ପରିସ୍ଥିତିରେ ଜଣେ ପ୍ରତିବେଶୀକୁ ଏପରି କହିବା ସହଜ ହେବ : "ମୋ ଗୃହକୁ ଆସନ୍ତୁ ଓ ମୋ ବନ୍ଧୁମାନଙ୍କ ସହିତ ସାକ୍ଷାତ କରନ୍ତୁ ।" ସେଠାରେ ସେ କେବଳ ମୋର ବନ୍ଧୁମାନଙ୍କୁ ନୁହେଁ, ମାତ୍ର ସେମାନଙ୍କ ସହିତ ଯୀଶୁଙ୍କ ସାକ୍ଷାତ ମଧ୍ୟ ଲାଭ କରନ୍ତି । ଏହା ଆପଣଙ୍କର ଜୀବନଶୈଳୀ ହୋଇଯାଇ ପାରିବ ! ଆପଣ ଈଶ୍ୱରଙ୍କଠାରୁ ଯାହା ପାଇଲେ ସେଥିରେ ଅନ୍ୟମାନଙ୍କୁ ଅଂଶୀ କଲାବେଳେ ଆପଣଙ୍କଠାରେ ଅପରିସୀମ ଆନନ୍ଦ ଜାତ ହେବ, କାରଣ ଅନ୍ୟମାନେ ଅନନ୍ତ ମୃତ୍ୟୁରୁ ଅନନ୍ତ ଜୀବନ ଆଡ଼କୁ ଆସିବାର ଆପଣ ଦେଖିବେ । ଆପଣ ଅନ୍ୟମାନଙ୍କୁ ଯେତେ ଅଧିକ ଏ ବିଷୟ ଜଣାଇବେ, ପ୍ରଭୁରେ ସେତେ ଅଧିକ ବୃଦ୍ଧି ପାଇବେ ।

### ଅଭିନନ୍ଦନ !

ବର୍ତ୍ତମାନ "ଜୀବନର ପ୍ରବେଶ ଦ୍ୱାର" ପୁସ୍ତକର ପାଠଗୁଡ଼ିକ ଆପଣ ସଫଳତାର ସହିତ ଅଧ୍ୟୟନ କରିସାରିଛନ୍ତି । ଆପଣ ଯାହା ଶିକ୍ଷା କଲେ, ନିଶ୍ଚିତ ଭାବରେ ତାହା ଆପଣଙ୍କର ଅବଶିଷ୍ଟ ଜୀବନ ଉପରେ ପ୍ରଭାବ ପକାଇବ ! କିଛି ଦିନ ମଧ୍ୟରେ ଆପଣ ପୁଣି କିଛି ସମୟ ବାହାର କରି ଏହି ମୌଳିକ ପାଠଗୁଡ଼ିକୁ ପୁଣି ଥରେ ଅଧ୍ୟୟନ କରନ୍ତୁ ।

## ବାଇବଲ ଅନ୍ୱେଷଣ




ଗୋଟିଏ ହାତରେ ଯେପରି ପାଞ୍ଚଟି ଅଙ୍ଗୁଳି ରହିଛି, ସେପରି ଆପଣ ବର୍ତ୍ତମାନ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ବିଷୟରେ ଶିକ୍ଷା ଲାଭ କଲେ, ଯେପରି ଆପଣ ତାହା ଉପରେ କାର୍ଯ୍ୟ କରିପାରିବେ ଓ ଏହାକୁ ଆପଣଙ୍କ ଜୀବନର ଏକ ଅଂଶ କରିପାରିବେ । ପ୍ରଥମ କ୍ଷେତ୍ର ହେଉଛି ଡୁବନ (ଜଳଦୀକ୍ଷା), ଯାହାକି ଆପଣ କେବଳ ଥରେ ଗ୍ରହଣ କରନ୍ତି । ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଅନୁଗାମୀ ରୂପେ ଆପଣଙ୍କର ଦୈନନ୍ଦିନ ଜୀବନ ନିମନ୍ତେ ଅନ୍ୟଗୁଡ଼ିକ ଉପଯୋଗୀ ଅଟେ ।

### ଅଭ୍ୟାସ ୧: ଡୁବନ

(କ) ବାଇବଲର ଏହି ପାଠ୍ୟାଂଶଗୁଡ଼ିକ ଅଧ୍ୟୟନ କରନ୍ତୁ, ତା'ପରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ :

- ମାଥିଉ ୨୮:୧୮-୨୦ ଡୁବନ ଗ୍ରହଣ କରିବାକୁ କିଏ ନିର୍ଦ୍ଦେଶ ଦେଲେ ?

- ମାର୍କ ୧୬:୧୬, ପ୍ରେରିତ ୨:୩୮, ୧୮:୮ । ବ୍ରୁବନ ଗ୍ରହଣ କରିବା ପୂର୍ବରୁ ଜଣେ ବ୍ୟକ୍ତି ନିମନ୍ତେ କ'ଣ ଆବଶ୍ୟକ ହୁଏ ?

______________________________

- ପ୍ରେରିତ ୮:୩୬-୩୮ । ବ୍ରୁବନ ନିମନ୍ତେ ପ୍ରକ୍ରିୟା ବର୍ଣ୍ଣନା କରନ୍ତୁ ।

______________________________

- ପ୍ରେରିତ ୧୬:୧୪,୧୫, ୩୦-୩୪ । ପରିତ୍ରାଣର ବାର୍ତ୍ତା ପ୍ରତି ସେହି ପରିବାରଗୁଡ଼ିକ କିପରି ପ୍ରତିକ୍ରିୟା ପ୍ରକାଶ କଲେ ?

______________________________

- ପ୍ରେରିତ ୧୬:୩୪ । ବିଶ୍ୱାସ ଓ ବ୍ରୁବନ କେଉଁ ମନୋଭାବକୁ ପ୍ରେରଣା ଦିଏ ?

______________________________



୨କରି ୫:୧୭

(ଖ) ରୋମୀୟ ୬:୧-୧୪ ପଦ ପାଠ କରନ୍ତୁ ଓ ଆପଣଙ୍କ ଖାତାରେ ଏକ ସଂକ୍ଷିପ୍ତ ସାରାଂଶ ଲେଖନ୍ତୁ ।

**ଅଭ୍ୟାସ ୨: ଜଣେ ବିଶ୍ୱାସୀ ରୂପେ ଆପଣଙ୍କର ଦୈନନ୍ଦିନ ଜୀବନ**

ଆପଣ ପରିତ୍ରାଣ ପାଇଲା ପରେ ଜଣେ ନୂତନ ବ୍ୟକ୍ତିରେ ପରିଣତ ହୁଅନ୍ତି । ''ପୁରାତନ ବିଷୟସବୁ ଲୋପ ପାଏ, ନୂତନ ବିଷୟସବୁ ସୃଷ୍ଟି ହୁଏ ।'' ବର୍ତ୍ତମାନ ଆପଣ ନିଜେ ଈଶ୍ୱରଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଧନରେ ଜୀବନ ଯାପନ କରନ୍ତି । ପ୍ରେରିତ ୨ ଓ ୪ ଅଧ୍ୟାୟ ଦେଖନ୍ତୁ ଓ ଆଦ୍ୟ ମଣ୍ଡଳୀରେ ବିଶ୍ୱାସୀମାନଙ୍କ ଜୀବନରେ ଜଡ଼ିତ ହୋଇଥିବା ୮-୧୦ଟି ବିଷୟ ଏଠାରେ ଲେଖନ୍ତୁ :

______________________________

______________________________

______________________________

______________________________



ଯାକୁବ ୨:୨୬

## *କାର୍ଯ୍ୟ ସମୟ*

କର୍ମ ବିନା ବିଶ୍ୱାସ ମୃତ । ଏଠାରେ ଏକ ସରଳ ୫ ଦଫା କାର୍ଯ୍ୟକ୍ରମ ଆପଣଙ୍କ ସାହାଯ୍ୟ ନିମନ୍ତେ ପ୍ରଦତ୍ତ ହୋଇଛି, ଯେପରି ଆପଣ ଏହି ପାଠର ବିଷୟବସ୍ତୁକୁ ଜୀବନରେ ଅଭ୍ୟାସ କରିପାରିବେ :

(୧) ***ସହଭାଗିତା :*** ଏକ ମଣ୍ଡଳୀ ବା ବିଶ୍ୱାସୀମାନଙ୍କର ଏକ ସହଭାଗିତା ଦଳ ଖୋଜି ପାଆନ୍ତୁ, ଯେଉଁଠାରେ ବାଇବଲ ଶିକ୍ଷା ଦିଆଯାଉଥିବ ଓ ଲୋକମାନେ ସଂପୂର୍ଣ୍ଣ ହୃଦୟର ସହ ଯୀଶୁଙ୍କୁ ଭଲ ପାଉଥିବେ । ଅନ୍ୟ ବିଶ୍ୱାସୀମାନଙ୍କ ସହିତ ବିଶ୍ୱାସରେ ଯୋଗ ଦିଅନ୍ତୁ ।

## *କାର୍ଯ୍ୟ ସମୟ (କ୍ରମଶଃ)*

(୨) ***ବୁବନ :*** ଯଦି ଆପଣ ନିଜର ପାପ ପଥରୁ ଫେରିଛନ୍ତି ଓ ଯୀଶୁ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ତାହା ବିଶ୍ୱାସ କରନ୍ତି, ତେବେ ବୁବନ ଗ୍ରହଣ କରିବା ନିମନ୍ତେ କୌଣସି ବିଷୟ ଆପଣଙ୍କୁ *ପ୍ରେରିତ ୮:୩୬,୩୭* ବାଧା ଦେଇପାରିବ ନାହିଁ । ଆପଣଙ୍କୁ ବୁବନ ଦେବା ନିମନ୍ତେ ମଣ୍ଡଳୀର ନେତା କିମ୍ବା ଜଣେ ସହ-ବିଶ୍ୱାସୀଙ୍କୁ ଅନୁରୋଧ କରନ୍ତୁ ।

(୩) ***ବାଇବଲ :*** ଆପଣଙ୍କ ଦିନର ଆରମ୍ଭରେ ଓ ଶେଷରେ ବାଇବଲ ପାଠ କରନ୍ତୁ । ମାଥିଉରୁ ଆରମ୍ଭ କରନ୍ତୁ, ତା'ପରେ ପ୍ରେରିତ ପୁସ୍ତକ ପଢ଼ନ୍ତୁ । ଏହିପରି ପାଠ କରି ଚାଲନ୍ତୁ । ପୁରାତନ ନିୟମରୁ ପଢ଼ିବା ବେଳେ ପ୍ରଥମେ ଆଦି ପୁସ୍ତକ ଓ ଗୀତସଂହିତାରୁ ଆରମ୍ଭ କରନ୍ତୁ । ଈଶ୍ୱର ଆପଣଙ୍କୁ ଏହା ମଧ୍ୟ ଦେଇ କ'ଣ କହନ୍ତି, ଲେଖି ରଖନ୍ତୁ । ମନରେ ଏହି ଆଶା ପୋଷଣ କରନ୍ତୁ ଯେ ସେ ପ୍ରତିଦିନ ଆପଣଙ୍କ ସହିତ କଥା ହେବେ ।

*୧ଥେସ ୫:୧୭* (୪) ***ପ୍ରାର୍ଥନା ଓ ଉପାସନା :*** ''ଅବିରତ ପ୍ରାର୍ଥନା କରନ୍ତୁ ।'' ପ୍ରତ୍ୟେକ ବିଷୟ ନିମନ୍ତେ ପ୍ରାର୍ଥନା କରନ୍ତୁ । ଆପଣ ନିଜେ ଓ ଆପଣଙ୍କ ପରିବାର ସହିତ ପ୍ରାର୍ଥନା କରନ୍ତୁ । ପ୍ରାର୍ଥନାରେ ଆପଣଙ୍କର ଦିନ ଆରମ୍ଭ ଓ ଶେଷ କରନ୍ତୁ । ଯେତେଥର ସମ୍ଭବ ସେତେଥର ଅନ୍ୟ ବିଶ୍ୱାସୀମାନଙ୍କ ସହିତ ମିଶି ପ୍ରାର୍ଥନା କରନ୍ତୁ । ଈଶ୍ୱର ଆପଣଙ୍କର ପ୍ରାର୍ଥନା ଶୁଣନ୍ତି ଓ ସେ ଆପଣଙ୍କୁ ଉତ୍ତର ଦେବେ ।

(୫) ***ଯୀଶୁଙ୍କ ବିଷୟ ଅନ୍ୟମାନଙ୍କୁ କୁହନ୍ତୁ :*** ଈଶ୍ୱରଙ୍କ ପ୍ରେମ ଓ ଶକ୍ତିର ସୁସମ୍ବାଦ ଅନ୍ୟମାନଙ୍କୁ ପ୍ରଦାନ କରନ୍ତୁ । ପ୍ରଥମେ ଆପଣଙ୍କର ପରିବାର ଓ ବନ୍ଧୁମାନଙ୍କୁ କୁହନ୍ତୁ । ଆଜି ହିଁ ଆରମ୍ଭ କରନ୍ତୁ !

***ଯୀଶୁ ଖ୍ରୀଷ୍ଟଙ୍କ ସହିତ ଆପଣଙ୍କର ଏକ ଚମକପ୍ରଦ ନୂତନ ଜୀବନ ଆରମ୍ଭ ହୋଇଛି । ହାଲ୍ଲେଲୁୟା !***

## *ମୁଖସ୍ଥ ପଦ*

### ଈଶ୍ୱରଙ୍କ ବାକ୍ୟ ମୁଖସ୍ଥ କରନ୍ତୁ ଓ କୁହନ୍ତୁ

ଆପଣଙ୍କର ମୁଖସ୍ଥ ନିମନ୍ତେ ଏଠାରେ ଏକ ବାଇବଲ ପଦ ପ୍ରଦତ୍ତ ହୋଇଛି । ଏହାକୁ ଅନେକ ଥର ବଡ଼ ପାଟିରେ ପାଠ କରନ୍ତୁ । ଏହି ପାଠରୁ ଅନ୍ୟ ଦୁଇଟି ବାଇବଲ ପଦ ମନୋନୀତ କରନ୍ତୁ ଓ ସେଗୁଡ଼ିକ ମୁଖସ୍ଥ କରନ୍ତୁ ।

**''ଯେତେବେଳେ କେହି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ, ସେତେବେଳେ ତାହାର ଜୀବନରେ ନୂତନ ସୃଷ୍ଟିର ସଞ୍ଚାର ହୁଏ । ପୁରାତନ ଜୀବନ ଲୋପ ପାଏ; ନୂତନ ଜୀବନ ଆରମ୍ଭ ହୁଏ ।''**

***୨ କରନ୍ଥୀ ୫:୧୭***

ଈଶ୍ୱରଙ୍କ ବାକ୍ୟାନୁଯାୟୀ କାର୍ଯ୍ୟ କରି ଆପଣ ଯାହା ଶିକ୍ଷା କଲେ, ତାହାକୁ ଅଭ୍ୟାସ କଲା ପରେ, ଆପଣଙ୍କ ଜୀବନରେ ଯାହା ସଂଘଟିତ ହୁଏ, ସେଗୁଡ଼ିକ ଏହି ପୃଷ୍ଠାମାନଙ୍କରେ ଲେଖି ରଖନ୍ତୁ ।

*ଅଧିକ ଜାଣିବା ନିମନ୍ତେ ଆମ ସହିତ ଯୋଗାଯୋଗ କରନ୍ତୁ :*

ଈଶ୍ୱରଙ୍କ ବାକ୍ୟ ବାଇବଲର କଞ୍ଜିସମୂହ

# ଜୀବନର
# ପ୍ରବେଶ ଦ୍ୱାର

ଈଶ୍ୱରଙ୍କ ବାକ୍ୟ ବାଇବଲରୁ ମୌଳିକ ସତ୍ୟଗୁଡ଼ିକ ଆବିଷ୍କାର କରନ୍ତୁ ଏବଂ ଈଶ୍ୱରଙ୍କୁ ଜାଣିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପଗୁଡ଼ିକ ନିଅନ୍ତୁ ।

ଏହି 'ଜୀବନର ପ୍ରବେଶ ଦ୍ୱାର' ପୁସ୍ତକରେ ରହିଛି ବାଇବଲର ମୌଳିକ ଶିକ୍ଷା ସମ୍ବଳିତ ପାଞ୍ଚୋଟି ପାଠ । ସମସ୍ତଙ୍କ ପାଇଁ ଏହି ଶକ୍ତିଯୁକ୍ତ ପୁସ୍ତକରେ ରହିଛି ଏକ ଧାର୍ମିକ ଓ ସୁଖମୟ ଜୀବନ ଯାପନ କରିବାର କଞ୍ଜିସମୂହ ଯାହା ଏହି ପାର୍ଥିବ ଜୀବନକୁ ଓ ମୃତ୍ୟୁପର ଜୀବନକୁ ବହୁଳ ଭାବେ ପ୍ରଭାବିତ କରିବ ।

'ଜୀବନର ପ୍ରବେଶ ଦ୍ୱାର' ପୁସ୍ତିକାଟି ସ୍ୱୟଂ ସହାୟକ ଅଟେ । ଏହାକୁ ବ୍ୟକ୍ତିଗତ ଭାବେ, ବିନା ସହାୟତାରେ ବ୍ୟବହାର କରି ହେଲେ ମଧ୍ୟ ଏହାକୁ ଦଳଗତ ଭାବେ ବ୍ୟବହାର କରାଯାଇ ପାରିବ ।

MediaServe